ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅନ୍ତର୍ଗତ କଣ୍ଡରା ଗ୍ରାମରୁ ବୁଧବାର ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଧାନଫସଲ କ୍ଷତି ଓ ଗ୍ରୁପ ଋଣ ଶୁଝି ନ ପାରି ଜଣେ ଚାଷୀ ବିଷ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଚାଷୀ ହେଲେ ଦୁର୍ଗା ଚରଣ ଭୋଇ(୪୭)। ମିଳିଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ ଧାନଫସଲ କ୍ଷତି ହେବା ସହ ଗ୍ରୁପ ଋଣ ଟଙ୍କା ଶୁଝି ନ ପାରିବାରୁ ଦୁର୍ଗା ମାନସିକ ଚାପରେ ଆସି ବୁଧବାର ପୂର୍ବାହ୍ନରେ ଘାସ ମରା ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସିନ୍ଧେକେଲା ଓ ପରେ ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଆସିବାରୁ ତାଙ୍କୁ କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭାଇ ଭାସ୍କର ଭୋଇ ଏ ନେଇ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ତାଙ୍କ ବଡ଼ଭାଇ ଫସଲ କ୍ଷତି ଓ ଗ୍ରୁପ ଟଙ୍କା ଶୁଝି ନ ପାରିବାରୁ ମାନସିକ ଚାପରେ ବିଷ ପିଇ ଆତ୍ମହତ୍ୟା କରିଥିବା ଦର୍ଶାଇଛନ୍ତି। ଗୁରୁବାର ସକାଳେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ମେଡିକାଲ ପକ୍ଷରୁ ଜଣାପଡିଛି। ମୃତ ଚାଷୀଙ୍କ ୧୧ ବର୍ଷର ପୁତ୍ର ଓ ୬ ବର୍ଷର କନ୍ୟା ସନ୍ତାନ ଥିବା ଜଣାପଡିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି।



ମୃତ ଚାଷୀ ଦୁର୍ଗା ଚରଣ ଭୋଇ।

# ଗଞ୍ଜେଇ କାରବାର, ୨ ମହିଳା ଗିରଫ

ବାଲେଶ୍ୱର, ୧୩।୮ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲାରେ ବ୍ରାଉନସୁଗାର, ଗଞ୍ଜେଇ ଓ ଦେଶୀବିଦେଶୀ ମଦ କାରବାର ବଢିବାରେ ଲାଗିଛି। ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ କରାଯାଉଥିଲେ ହେଁ ବେପାରୀମାନେ ଭିନ୍ନ ଭିନ୍ନ ପନ୍ଥା ଅବଲମ୍ବନ କରୁଥିବା ଦେଖିବାକୁ ମିଳିଛି। ବିଶେଷ କରି ମହିଳାମାନେ ବ୍ରାଉନସୁଗାର ଓ ଗଞ୍ଜେଇ ବେପାରରେ ଲିପ୍ତ ରହୁଥିବା ନଜରକୁ ଆସୁଛି। ଜିଲା ଭ୍ରାମ୍ୟମାଣ ଅବକାରୀ ଥାନା ପକ୍ଷରୁ ବୁଧବାର ଚଢ଼ାଉ କରାଯାଇ ୨ ମହିଳା ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୧୨କେଜି ଗଞ୍ଜେଇ ଜବତ ହୋଇଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ରୂପସା ଥାନା ମିରିଗିମୁଣ୍ଡି ଗ୍ରାମର ଯଶୋଦା ବେହେରା ଓ ଅଞ୍ଜଳି ବେହେରା। ଏ ସମ୍ପର୍କରେ ଅବକାରୀ ଥାନାରେ ଏକ ମାମଲା (ନଂ. ୧୮୩/୨୫-୨୬) ରୁଜୁ ହୋଇ ମହିଳାଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି।

ଅଭିଯୁକ୍ତ ମହିଳାଦ୍ୱୟ ଅନୁଗୁଳରୁ ବସ୍ ଯୋଗେ ଗଞ୍ଜେଇ ଆଣି ଖନ୍ତାପଡ଼ା ଥାନା ଅଧୀନ ସେରଗଡ଼ ଛକଠାରେ ଓହ୍ଲାଇଥିଲେ। ସେଠାରେ ଅନ୍ୟ ଏକ ବସ୍‌ରେ ରୂପସା ଆସିବା ପାଇଁ ଅପେକ୍ଷା କରିଥିଲେ। ଖବର ପାଇ ଜିଲା ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଆଇଆଇସି ହରିହର ସିଂ, ଏସ୍ଆଇ ଭବେଶ ଦାସ, ଏଏସ୍ଆଇ ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ଏକ ସ୍ୱତନ୍ତ୍ର ଟିମ୍ ସହ ସେଠାରେ ଚଢ଼ାଉ କରି ମହିଳାଦ୍ୱୟଙ୍କୁ ଗିରଫ କରିଥିଲେ।

# ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ହେବ 'ଶକ୍ତିଶ୍ରୀ ସେଫ୍ କ୍ୟାମ୍ପେନ'

ଭୁବନେଶ୍ୱର, ୧୩।୮ (ସୁଚିସ୍ମିତା ସାହୁ)

ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢ଼ିବାରେ ଲାଗିଛି। ଏହାକୁ ରୋକିବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ନୂଆ ପ୍ରୟାସ ଆରମ୍ଭ କରିଛି। ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟରେ 'ଶକ୍ତିଶ୍ରୀ ସେଫ କ୍ୟାମ୍ପେନ' କରାଯିବ ବୋଲି ବୁଧବାର ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ମାନସିକ ସନ୍ତୁଳନ କିପରି ଠିକ୍ ରହିବ ଓ କୌଣସି ପରିସ୍ଥିତିରେ ବି କେହି ଯେମିତି ଦୁର୍ଭାଗ୍ୟଜନକ ପଦକ୍ଷେପ ନ ନିଅନ୍ତି, ସେଥିପାଇଁ ଶକ୍ତିଶ୍ରୀ ଯୋଜନାରେ ପଦକ୍ଷେପ ନିଆଯାଇଛି। କ୍ୟାମ୍ପସରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିବା ସହିତ ସମସ୍ତଙ୍କୁ ସହଯୋଗ କରିବା ଦରକାର। ଯଦି କେହି କୌଣସି ଘଟଣାକୁ ନେଇ ବ୍ୟସ୍ତ ବିବ୍ରତ ହେଉଛନ୍ତି, ତାଙ୍କୁ ସବୁ ପରିସ୍ଥିତିରେ ବୁଝାଶୁଝା କରିବାକୁ ପଡିବ। ଆତ୍ମହତ୍ୟା ପ୍ରବଣତାକୁ ରୋକିବା ପାଇଁ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ପିତାମାତା ଓ ଶିକ୍ଷକଙ୍କ ପାଇଁ ଅନୁକୂଳ ପରିବେଶସୃଷ୍ଟିକରାଯିବବୋଲିମନ୍ତ୍ରୀକହିଛନ୍ତି।

# ୮୦%ଙ୍କୁ ସିଧାସଳଖ, ୨୦% ଗ୍ରୁପ୍-ଡି'ରୁ ନିଯୁକ୍ତି

## ଅମଲା କର୍ମଚାରୀଙ୍କ ପାଇଁ ବଡ଼ ନିଷ୍ପତ୍ତି

ଭୁବନେଶ୍ୱର, ୧୩।୮ (ରବିନାରାୟଣ ଜେନା)

ଓଡ଼ିଶା ଅମଲା ସେବକଙ୍କ ହିତକୁ ଦୃଷ୍ଟିରେ ରଖି ରାଜ୍ୟ କ୍ୟାବିନେଟ୍ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୨୪ତମ ରାଜ୍ୟ କ୍ୟାବିନେଟ୍ ବୈଠକରେ ଓଡ଼ିଶା ମିନିଷ୍ଟେରିଆଲ ସର୍ଭିସେସ୍(କମର୍ସିଆଲ ଟ୍ୟାକ୍ସେସ୍ ଆଣ୍ଡ ଜିଏସ୍‌ଟି ରେଞ୍ଜ୍ ଆଣ୍ଡ ସବ୍‌ଅର୍ଡିନେଟ୍ ଅଫିସେସ୍) ନିୟମ-୨୦୨୫କୁ ଅନୁମୋଦନ ମିଳିଛି।

ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଥିଲେ ଯେ, ଏହା କମର୍ସିଆଲ ଟ୍ୟାକ୍ସ ଓ ଜିଏସ୍‌ଟି ସଙ୍ଗଠନରେ ଜିଲା ମିନିଷ୍ଟେରିଆଲ କ୍ୟାଡର ପାଇଁ ସ୍ୱତନ୍ତ୍ର ନିଯୁକ୍ତି ନିୟମ ପ୍ରଣୟନ କରିବ। ଏହି କ୍ୟାଡରରେ ଜୁନିୟର ଆସିଷ୍ଟାଣ୍ଟଙ୍କଠାରୁ ଏଷ୍ଟାବ୍ଲିଶ୍‌ମେଣ୍ଟ ଅଫିସର ପର୍ଯ୍ୟନ୍ତ ବିଭିନ୍ନ ପଦବୀ ରହିବ। ୮୦ ପ୍ରତିଶତ ଜୁନିୟର ଆସିଷ୍ଟାଣ୍ଟ ପଦବୀ ସିଧାସଳଖ ନିଯୁକ୍ତି ମାଧ୍ୟମରେ ଏବଂ ୨୦ପ୍ରତିଶତ ଗ୍ରୁପ୍-ଡି' କର୍ମଚାରୀଙ୍କ ମଧ୍ୟରୁ ପଦୋନ୍ନତି ମାଧ୍ୟମରେ ପୂରଣ ହେବ।

ମୁଖ୍ୟ ସଚିବ ପୁଣି କହିଥିଲେ, ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ଅଧୀନରେ ଥିବା ବାଣିଜ୍ୟକର ଓ ଜିଏସ୍‌ଟି ସଂଗଠନ ପାଇଁ ଏକ ନୂତନ ନିଯୁକ୍ତି ନିୟମାବଳୀ ଗଠନ କରାଯାଇଛି। ଏହି ନିୟମାବଳୀ ବାଣିଜ୍ୟକର ଓ ଜିଏସ୍‌ଟି କମିଶନରେଟ୍ ଅଧୀନରେ ଥିବା କାର୍ଯ୍ୟାଳୟଗୁଡ଼ିକରେ ନିଯୁକ୍ତି ଓ ସେବା ସର୍ତ୍ତାବଳୀକୁ ନିୟନ୍ତ୍ରଣ କରିବ। ନୂତନ ନିୟମାବଳୀ ଅନୁସାରେ, ରାଜ୍ୟର ବିଭିନ୍ନ ବିଭାଗ ଅଧୀନରେ ଥିବା ଜିଲା ଅମଲାସ୍ତରୀୟ କ୍ୟାଡର ପାଇଁ ଏକକ ଦରମା ଗଠନ ନୀତି ପ୍ରଣୟନ କରାଯାଇଛି। ଏହି ନୀତି ଅନୁସାରେ, ଏଣିକି କୌଣସି ସାଧାରଣ କ୍ୟାଡର ରହିବ ନାହିଁ। ପ୍ରତ୍ୟେକ ବିଭାଗ ନିଜ ନିଜ ଅଧୀନରେ ଥିବା ଜିଲା ଅମଲାସ୍ତରୀୟ କ୍ୟାଡର ପାଇଁ ପୃଥକ୍ ନିଯୁକ୍ତି ନିୟମାବଳୀ ପ୍ରଣୟନ କରିବେ, ଯାହା ନିଯୁକ୍ତି ପ୍ରଣାଳୀ ଓ ସେବାସର୍ତ୍ତାବଳୀକୁ ନିୟନ୍ତ୍ରଣ କରିବ। ଏହି ନୂତନ ନିୟମାବଳୀ ଅନୁସାରେ ଗଠିତ କ୍ୟାଡରରେ ଜୁନିୟର ଆସିଷ୍ଟାଣ୍ଟ(ସ୍ତର-୪), ସିନିୟର ଆସିଷ୍ଟାଣ୍ଟ(ସ୍ତର-୮), ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ସ୍ତର-୯), ସେକ୍ସନ ଅଫିସର(ସ୍ତର-୧୦), ଏଷ୍ଟାବ୍ଲିଶ୍‌ମେଣ୍ଟ ଅଫିସର(ସ୍ତର-୧୧) ପଦବୀ ରହିବ ବୋଲି ମୁଖ୍ୟ ସଚିବ କହିଛନ୍ତି।

## ସଂଗ୍ରହାଳୟ କ୍ୟାଡର ପ୍ରଚଳନକୁ କ୍ୟାବିନେଟ୍‌ର ଅନୁମୋଦନ

ରାଜ୍ୟ ସଂଗ୍ରହାଳୟ ନିର୍ଦ୍ଦେଶାଳୟର ସୁପରିଚାଳନା ନିମନ୍ତେ କ୍ୟାଡର ନିୟମାବଳୀ ପ୍ରଚଳନକୁ ବୁଧବାର ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଛି। ଲୋକସେବାଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ, ରାଜ୍ୟର ସଂଗ୍ରହାଳୟ ଗୁଡିକର ସୁପରିଚାଳନା ଓ ସମନ୍ୱୟ ଲାଗି ରାଜ୍ୟରେ ଏକ ସ୍ୱତନ୍ତ୍ର ସଂଗ୍ରହାଳୟ ନିର୍ଦ୍ଦେଶାଳୟ ସ୍ଥାପନ ପାଇଁ ୨୦୨୩ରେ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ଗ୍ରହଣ କରିଛି। ଏହି ଅବସରରେ ସଂଗ୍ରହାଳୟ ନିର୍ଦ୍ଦେଶାଳୟର ସୁପରିଚାଳନା ଲାଗି କ୍ୟାଡ୍‌ର ନିୟମାବଳୀ ପ୍ରଚଳନ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ନିୟମାବଳୀ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଅର୍ଥ ବିଭାଗ, ଆଇନ ବିଭାଗଙ୍କ ଅନୁମୋଦନ ଲାଭ କରିବା ପରେ ଓଡିଶା ଲୋକ ସେବା ଆୟୋଗଙ୍କ ସ୍ୱୀକୃତି ପାଇଛି। ଏହାଦ୍ୱାରା ରାଜ୍ୟରେ ଥିବା ରାଜ୍ୟ ସଂଗ୍ରହାଳୟ ଓ ଅନ୍ୟ ସମସ୍ତ ସଂଗ୍ରହାଳୟ ଗୁଡିକର ସୁସମନ୍ୱୟ ଓ ସୁପରିଚାଳନା ହୋଇପାରିବ ସେ କହିଥିଲେ।

# କେନାଲରେ ବୁଡ଼ି ଜଣେ ମୃତ

ପବିତ୍ରନଗର, ୧୩।୮ (ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ସମଲ ବ୍ୟାରେଜ ବାମ କେନାଲର କୁଲେଇ ଗ୍ରାମଠାରେ ବୁଧବାର ଗାଧୋଇବା ବେଳେ ପାଣିରେ ବୁଡ଼ି ହରିଆ ଦେହୁରୀ (୬୦)ଙ୍କ ମୃତ୍ୟୁ ହୋଇଛି। ହରିଆ ଅପରାହ୍ନ ସାଢ଼େ ୧ଟାରେ ଗାଧୋଇବା ପାଇଁ ଯାଇଥିଲେ। ହେଲେ ପାଣିର ସ୍ରୋତ ଅଧିକ ଥିବାରୁ ସେ ବୁଡ଼ି ଯାଇଥିଲେ। ପାଖରେ ଥିବା ଲୋକେ ଖୋଜାଖୋଜି କରି ଅପରାହ୍ନ ପ୍ରାୟ ୩ଟାରେ ତାଙ୍କୁ ଉଦ୍ଧାର କରିଥିଲେ। କଣିହାଁ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଗୋଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସମଲ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ତାଳଚେର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଦେଇଛି। ଏ ନେଇ ସମଲ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦ ଭକ୍ତି, ସେବା ଓ ମାନବତାର ଜୀବନ୍ତ ପ୍ରତୀକ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୮ (ସୁନିତ୍ ମିଶ୍ର)

ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦ ହେଉଛନ୍ତି ଭକ୍ତି, ସେବା ଓ ମାନବତାର ଜୀବନ୍ତ ପ୍ରତୀକ। ୧୦୦ ବର୍ଷ ଧରି କଟକର ସଚ୍ଚିଦାନନ୍ଦ ମଠ ଆଧ୍ୟାତ୍ମିକ, ସାହିତ୍ୟିକ ଓ ସାମାଜିକ କାର୍ଯ୍ୟକଳାପ ଏକ ନୈତିକତାର ପ୍ରଦୀପ ପ୍ରଜ୍ୱଳିତକରି ଆସୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ଶ୍ରୀଲ ପ୍ରଭୁପାଦଙ୍କ ୧୫୧ତମ ଆବିର୍ଭାବ ଜୟନ୍ତୀ ଓ କଟକର ସଚ୍ଚିଦାନନ୍ଦ ମଠର ଶତବାର୍ଷିକୀ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପରମପୂଜ୍ୟ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦ କେବଳ ଜଣେ ମହାନ୍ ସନ୍ଥ, ଶିକ୍ଷକ କିମ୍ବା ଧର୍ମପ୍ରଚାରକ ନ ଥିଲେ, ତାଙ୍କର ଜୀବନ ଦର୍ଶନ, ଗୀତା ଓ ଭାଗବତର ଶାଶ୍ୱତ ସନ୍ଦେଶ ଏବଂ 'ଜୀବନକୁ ଭଗବାନ୍‌ଙ୍କ ସେବାରେ ନିୟୋଜିତ କରିବା'-ଏହି ମୂଲ୍ୟବୋଧ ସଦା ଆମ ପାଇଁ ପ୍ରେରଣା ସାଜିଛି। ସଚ୍ଚିଦାନନ୍ଦ ମଠ ଜ୍ଞାନର ଦୀପ୍ତି ବାଣ୍ଟିବା ସହ କର୍ତ୍ତବ୍ୟବୋଧ ଓ ଆତ୍ମଚିନ୍ତନର ମାର୍ଗଦର୍ଶନ କରିଆସୁଛି। ଅର୍ଥ ସର୍ବସ୍ୱ ଦୁନିଆରେ ଏହି ଚେତନାର ଜାଗରଣ ଆମ ସମାଜ ପାଇଁ ଏକ ଅମୂଲ୍ୟ ସମ୍ପଦ। ଗତ ୧୦୦ ବର୍ଷରେ ଏହି ମଠ କେବଳ ଧର୍ମଚେତନା ଜାଗ୍ରତ କରିନାହିଁ ବରଂ ଶିକ୍ଷା, ଦାନ, ସାଧୁସଙ୍ଗ, ସମାଜସେବା ଓ ଯୁବପିଢ଼ିଙ୍କୁ ନୈତିକ ଦିଶା ଦେବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଛି ବୋଲି ସେ କହିଛନ୍ତି।

# ସାହିତ୍ୟ ସୃଷ୍ଟି କରିବାକୁ ପ୍ରେରଣା ଦିଏ ବର୍ଷା

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ମେଘ ଉତ୍ସବ 'ଶ୍ରାବଣୀ'

ଭୁବନେଶ୍ୱର, ୧୩।୮ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସାହିତ୍ୟ ଓ ସଂସ୍କୃତିଭିତ୍ତିକ କାର୍ଯ୍ୟକ୍ରମ ମେଘ ଉତ୍ସବ 'ଶ୍ରାବଣୀ' ବୁଧବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ତଥା ଭାଷାବିତ୍ ପ୍ରଫେସର ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତୀୟ ସାହିତ୍ୟରେ ବର୍ଷାଋତୁର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା କରିଥିଲେ। ମହାକବି କାଳି ଦାସଙ୍କଠାରୁ ଆରମ୍ଭ କରି ସମସାମୟିକ ସାହିତ୍ୟିକମାନଙ୍କୁ ବର୍ଷା ସବୁବେଳେ ମୁଗ୍ଧ କରି ଜୀବନ ଧାରାର ଏକ ପ୍ରବାହ ସଦୃଶ ସାହିତ୍ୟ ସୃଷ୍ଟି କରିବାରେ ପ୍ରେରଣା ଦେଇଆସିଛି ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ତଥା ଗାଳ୍ପିକ ପ୍ରଫେସର ତରୁଣ କୁମାର ସାହୁ ଓଡ଼ିଆ ସାହିତ୍ୟରେ ମେଘ ଓ ବର୍ଷାର ବର୍ଣ୍ଣନା ସମ୍ପର୍କିତ ରଚନାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ବକ୍ତା ଭାବେ ଯୋଗଦେଇ କବି ଅମରେଶ ପଟ୍ଟନାୟକ ଓଡ଼ିଆ ସାହିତ୍ୟ ବର୍ଷାର ବର୍ଣ୍ଣନାକୁ ନେଇ ସମୃଦ୍ଧ ଓ ରୁଦ୍ଧିମନ୍ତ ବୋଲି କହିବା ସହ ଓଡ଼ିଆ କବିତା ଓ ବର୍ଷା କେଉଁଭଳି ଭାବରେ ପରସ୍ପର ପରିପୂରକ ତାହାର ଚମତ୍କାର ଉଦାହରଣ ରଖିଥିଲେ।

କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ସଭାପତିତ୍ୱ କରି ମେଘକୁ ସୃଜନଶୀଳତାର ପ୍ରତୀକ ଭାବେ ଅଭିହିତ କରିବା ସହ ଛାତ୍ରୀଛାତ୍ରଙ୍କ ସାହିତ୍ୟ ଓ ସାଂସ୍କୃତିକ ପ୍ରତିଭା ପ୍ରଦର୍ଶନ ନିମନ୍ତେ ଏହିଭଳି କାର୍ଯ୍ୟକ୍ରମର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କୁଳସଚିବ ଅନାମିକା ଅଧିକାରୀ ମେଘ ଉତ୍ସବର ପ୍ରାସଙ୍ଗିକତା ସମ୍ପର୍କରେ କହିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ମେଘ ଉପରେ ଆଧାରିତ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ, ଓଡ଼ିଶୀ କଣ୍ଠ ସଙ୍ଗୀତ, ଓଡ଼ିଶୀ ନୃତ୍ୟ ଓ ତବଲା ବାଦନ କରିଥିଲେ। କବିତା ପାଠୋତ୍ସବରେ ଛାତ୍ରୀଛାତ୍ର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ସ୍ୱାଗତ ଭାଷଣ ଓ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




'ଶ୍ରାବଣୀ'ରେ ଯୋଗଦେଇଥିବା ଅତିଥି।

# ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ପୂର୍ଣ୍ଣ ଅଭ୍ୟାସ ପରେଡ୍

ଭୁବନେଶ୍ୱର, ୧୩।୮ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ଶୁକ୍ରବାର ରାଜ୍ୟସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ସକାଳ ୭ଟାରୁ ୧୧ଟା ୩୦ ଯାଏ ସେଠାରେ ଫୁଲ୍ ଡ୍ରେସ୍ ଅଭ୍ୟାସ ପରେଡ୍ ଅନୁଷ୍ଠିତ ହୋଇଯାଇଛି। ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିବା ସହ ତଦାରଖ କରିଥିଲେ। ପୋଲିସ କମିଶନର ଏସ୍. ଦେବଦତ୍ତ ସିଂଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଆଇପିଏସ୍ ଅଫିସର ଅନନ୍ୟା ଅୱସ୍ଥିଙ୍କ ନେତୃତ୍ୱରେ ହେବାକୁ ଥିବା ରାଜ୍ୟସ୍ତରୀୟ ପରେଡରେ ପ୍ରାୟ ୫୦ଟି କଣ୍ଟିଜେଣ୍ଟ ଅଂଶଗ୍ରହଣ କରିବେ। ଏଥିମଧ୍ୟରେ ୧୨୦ ଇନ୍‌ଫ୍ୟାନଟ୍ରି ବାଟାଲିୟନ, ଆଇଟିବିପି, ସିଆର୍‌ପିଏଫ୍, ବିଏସ୍ଏଫ, ରେଳ ସୁରକ୍ଷା ବଳ ସହ ଓଡ଼ିଶା ପୋଲିସ ଅଧୀନ ବିଭିନ୍ନ ବିଭାଗ, ଅଗ୍ନିଶମ, ଏନ୍‌ସିସି ଏବଂ ସ୍କାଉଟଗାଇଡ ଆଦି ରହିଛନ୍ତି। ଚଳିତବର୍ଷ ଆନ୍ଧ୍ର ପ୍ରଦେଶର ସଶସ୍ତ୍ର ବଳ ପରେଡରେ ଭାଗ ନେଇଛନ୍ତି। ଏଥିସହ ରାଜଧାନୀର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ର ମଧ୍ୟ ଅଂଶଗ୍ରହଣ କରି କଳାକୌଶଳ ପ୍ରଦର୍ଶନ କରିବେ। ସେହିପରି ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ହେବାର ଯୋଜନା ରହିଛି। ପୂର୍ଣ୍ଣ ଅଭ୍ୟାସ ପରେଡରେ ବିଭିନ୍ନ କଣ୍ଟିଜେଣ୍ଟ ପ୍ରଦର୍ଶନ କରିବା ସହ କମାଣ୍ଡାଣ୍ଟ ଅନନ୍ୟା ମଧ୍ୟ ଦୃଢ଼ ନେତୃତ୍ୱ ନେଇଥିଲେ।

ଅପରପକ୍ଷରେ ସ୍ୱାଧୀନତା ଦିବସ ଲାଗି କମିଶନରେଟ୍ ପୋଲିସ ପକ୍ଷରୁ ଗାନ୍ଧୀମାର୍ଗ ଓ ଏହାର ଆଖପାଖ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ଏଥିପାଇଁ ୨୧ ପ୍ଲାଟୁନ୍ ପୋଲିସ ଫୋର୍ସ ବ୍ୟବସ୍ଥା କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୫ଜଣ ଡିସିପି ପାହ୍ୟା ଅଫିସର, ୫ଜଣ ଅତିରିକ୍ତ ଡିସିପି, ୮ଜଣ ଏସିପି, ୨୧ ଇନ୍ସପେକ୍ଟର ଓ ୧୦୦ ଜଣ ଏସ୍ଆଇ/ଏଏସ୍ଆଇ ରହିବେ। ଗାନ୍ଧୀମାର୍ଗର ଚତୁଃପାର୍ଶ୍ୱରେ ଥିବା ଛକଗୁଡ଼ିକରେ ମଧ୍ୟ ପୋଲିସ ଫୋର୍ସ ମୁତୟନ ହେବେ। ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି, ସ୍ୱାଧୀନତା ଦିବସ ପାଇଁ ସହରରେ ସୁରକ୍ଷା ବ୍ୟବସ୍ଥା ବଢାଇ ଦିଆଯାଇଛି। ମଙ୍ଗଳବାରଠାରୁ ରାତ୍ରିକାଳୀନ ବ୍ଲକିଂ ଓ ଚେକିଂ ଜୋରଦାର ହୋଇଛି। ଏହି ଉତ୍ସବ ଆୟୋଜନ ସଫଳ ଭାବେ ହେବ ବୋଲି ମୀନା ଆଶାବ୍ୟକ୍ତ କରିଛନ୍ତି।

**ସୁରକ୍ଷାରେ ୨୧ ପ୍ଲାଟୁନ୍ ଫୋର୍ସ**

- ପରେଡର ନେତୃତ୍ୱ ନେବେ ଆଇପିଏସ୍ ଅଫିସର ଅନନ୍ୟା ଅୱସ୍ଥି
- ସହରରେ କଡ଼ା ସୁରକ୍ଷା, ତଦାରଖ କଲେ ପୋଲିସ ଡିଜି

# ସୁରକ୍ଷା ଜରୁରୀ

**ଆଜି ଲିଜାର୍ଡ ଡେ'**

ପ୍ରତିବର୍ଷ ଅଗଷ୍ଟ ୧୪ରେ 'ବିଶ୍ୱ ଲିଜାର୍ଡ ଡେ' ପାଳନ କରାଯାଇଆସୁଛି। ପରିସଂସ୍ଥାର ସନ୍ତୁଳନରେ ଏମାନେ ବିଶେଷ ଭୂମିକା ଗ୍ରହଣ କରିଥାନ୍ତି। କୀଟ ନିୟନ୍ତ୍ରକ ଭାବେ ମଧ୍ୟ ଏମାନେ ବିବେଚିତ ହୁଅନ୍ତି। ସମଗ୍ର ବିଶ୍ୱରେ ପ୍ରାୟ ୬ ହଜାର ଲିଜାର୍ଡ ପ୍ରଜାତିର ସରୀସୃପ ଦେଖାଯାଆନ୍ତି। ଗୋଧିଠାରୁ ଆରମ୍ଭକରି ଏଣ୍ଡୁଅ, ଝିଟିପିଟି ପର୍ଯ୍ୟନ୍ତ ସବୁ ଲିଜାର୍ଡ ପ୍ରଜାତିର। କିନ୍ତୁ ବିଭିନ୍ନ କାରଣରୁ ଏବେ ଅଧିକାଂଶ ସଙ୍କଟରେ ଅଛନ୍ତି। ଚୋରା କାରବାର ଯୋଗୁ ଏମାନଙ୍କ ଶିକାର ଦିନକୁ ଦିନ ବଢ଼ିଚାଲିଛି। ପୁଣି ଛୋଟ ବଡ଼ ଜଙ୍ଗଲ କଟା ତଥା ପୋଡ଼ି ଆଦି କେତେକ କାରଣରୁ ଏମାନଙ୍କ ବାସସ୍ଥାନ ହ୍ରାସ ପାଇ ବିପଦସଙ୍କୁଳ ହୋଇଯାଉଛି। ତେଣୁ ଏମାନଙ୍କ ସୁରକ୍ଷା ଓ ସଂରକ୍ଷଣ ଏବେ ଜରୁରୀ ହୋଇପଡ଼ିଛି। ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଅସଲ ଲକ୍ଷ୍ୟ।

ଉକ୍ତ ଲିଜାର୍ଡ ପ୍ରଜାତିର ବହୁ ପ୍ରାଣୀ ଭାରତୀୟ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ ୧୯୭୨ର ଅନ୍ତର୍ଭୁକ୍ତ। ଏମାନଙ୍କୁ ଶିକାର କରିବା କିମ୍ବା ଘରେ ଆଣି ପୋଷିବା ବନ୍ୟ ପ୍ରାଣୀ ସଂରକ୍ଷଣ ଆଇନ ୧୯୭୨ ଅନୁଯାୟୀ ସଂପୂର୍ଣ୍ଣ ମନା। ଏହାକୁ ଉଲ୍ଲଂଘନ କଲେ ୭ବର୍ଷ ଜେଲ କିମ୍ବା ୧ ଲକ୍ଷ ଟଙ୍କା ଜରିମାନା କିମ୍ବା ଉଭୟ ଦଣ୍ଡର ପ୍ରାବଧାନ ରହିଛି। ଓଡ଼ିଶାରେ ଦେଖାଯାଉଥିବା ଲିଜାର୍ଡ ଗୁଡିକ ହେଉଛି ଚେମେଲେଓନ ବା ବହୁରୂପୀ ଏଣ୍ଡୁଅ, ଲେଓପାର୍ଡ ଗେକୋ ବା କାଳକୂଟ, ଇଣ୍ଡିଆନ ଗୋଲଡେନ ଗେକୋ, ବେଙ୍ଗଲ ମନିଟର, ୟେଲୋ ମନିଟର ଏବଂ ୱାଟର ମନିଟର। ସେହିପରି ଓଡ଼ିଶାରେ ପ୍ରାୟ ୩ଟି ପ୍ରଜାତିର ମନିଟର ଲିଜାର୍ଡ ବା ଗୋଧି ଦେଖାଯାଆନ୍ତି। ବେଙ୍ଗଲ ମନିଟର ଏବଂ ୟେଲୋ ମନିଟର ପ୍ରାୟ ସବୁଆଡେ ଦେଖା ଯାଉଥିବାବେଳେ କେବଳ ଭିତରକନିକାରେ ୱାଟର ମନିଟର ଦେଖା ଯାଆନ୍ତି। ତେବେ ଚମଡା ଏବଂ ମାଂସ ପାଇଁ ଶିକାର ଦ୍ୱାରା ଏହି ଗୋଧିମାନଙ୍କର ଜୀବନ ସଙ୍କଟାପନ୍ନ ହୋଇ ପଡିଥିଲା। ବନ ବିଭାଗର କାର୍ଯ୍ୟାନୁଷ୍ଠାନ ଫଳରେ ଯଦିଓ ଗୋଧି ଶିକାର କମିଛି, କିନ୍ତୁ ଏବେ ମଧ୍ୟ ରାଜ୍ୟରେ ଅନେକ ଜିଲାରେ ଗୋଧି ଶିକାର ଚାଲିଛି। ଖଞ୍ଜଣି ବାଦ୍ୟ ଯନ୍ତ୍ର ତିଆରିରେ ଏହି ଗୋଧି ଚମଡା ହିଁ ବ୍ୟବହାର ହୋଇଥାଏ। ଖଞ୍ଜଣି ବ୍ୟବହାର ବନ୍ଦ ନହେଲେ ଗୋଧି ଶିକାର ବନ୍ଦ ହେବା କଷ୍ଟକର ବୋଲି ବନ୍ୟପ୍ରାଣୀପ୍ରେମୀମାନେ ମତ ଦେଇଛନ୍ତି।

ରିପୋର୍ଟ: **ବନ୍ଦନା ସେଠୀ**



ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି– କି କେହି ମଧ୍ୟ ମୁକ୍ତ ନୁହନ୍ତି। କେହି ମଧ୍ୟ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା– ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ। –ଶ୍ରୀଅରବିନ୍ଦ



# ଭାରତରେ ଆର୍ଯ୍ୟ



ଦେବଦତ୍ତ ପଟ୍ଟନାୟକ

ବିଭିନ୍ନ କାହାଣୀକୁ ବ୍ୟବହାର କରି ଇଂରେଜମାନେ ଦୀର୍ଘଦିନ ଧରି ଉପନିବେଶବାଦକୁ ଯୁକ୍ତିଯୁକ୍ତ ସାବ୍ୟସ୍ତ କରିଥିଲେ। ୧୮୫୭ ବିଦ୍ରୋହ ପୂର୍ବରୁ ସେମାନେ କହିଥିଲେ ଯେ, ଇଂରେଜମାନେ ମୁସଲମାନ ଶାସକଙ୍କ ଦମନରୁ ହିନ୍ଦୁଧର୍ମକୁ ରକ୍ଷା କରୁଛନ୍ତି। ଏହା ସହ ମିଛ ପ୍ରଚାର କରୁଥିଲେ ଯେ, ଆଫଗାନିସ୍ତାନରେ କମ୍ପାନୀର ସ୍ୱାର୍ଥ ପାଇଁ ସେମାନେ ଭାରତୀୟ ସୈନ୍ୟଙ୍କୁ ବ୍ୟବହାର କରୁନାହାନ୍ତି, ବରଂ ହଜାର ବର୍ଷ ପୂର୍ବରୁ ଗଜନୀର ମହମ୍ମଦ ଚୋରି କରି ନେଇଯାଇଥିବା ସୋମନାଥ ମନ୍ଦିରର କବାଟଗୁଡ଼ିକୁ ପାଇବା ଲାଗି ସେମାନଙ୍କୁ କାମରେ ଲଗାଉଛନ୍ତି। ୧୮୫୭ ବିଦ୍ରୋହ ପରେ ସ୍ୱାଧୀନତା ସଂଗ୍ରାମ ଓ ଜାତୀୟତାବାଦ ଅଧିକ ଦାନା ବାନ୍ଧିଥିଲା। ସେହି ସମୟରେ ଇଂରେଜମାନେ କହିଥିଲେ, ବ୍ରାହ୍ମଣମାନେ ଜାତି, ସତୀ ଏବଂ ବାଲ୍ୟବିବାହ ଭଳି କୁତ୍ସିତ ପରମ୍ପରାଗୁଡ଼ିକୁ ସମାଜ ଉପରେ ଲଦି ଦେଇଥିବାବେଳେ ସେମାନେ ହିଁ ଭାରତକୁ ସଭ୍ୟତା ଆଣିଛନ୍ତି। ଏଭଳି ପ୍ରଚାର ଯୋଗୁ ବେଙ୍ଗଲୀ ବୁଦ୍ଧିଜୀବୀମାନେ ଇଂଲିଶ୍ ଓ ଖ୍ରୀଷ୍ଟିଆନ ଧର୍ମ ଦ୍ୱାରା ପ୍ରଭାବିତ ହୋଇଥିଲେ ଏବଂ ହିନ୍ଦୁପ୍ରଥାକୁ ବିରୋଧ କରିବା ସହ ସମାଲୋଚନା ଆରମ୍ଭ କରିଦେଇଥିଲେ ଏବଂ ସଂସ୍କାର ଅଭିଯାନ ଚଳାଇଥିଲେ। ସଂସ୍କାର ଅଭିଯାନ ରୂଢ଼ିବାଦୀଙ୍କୁ କ୍ରୋଧିତ କରିଥିଲା। ୧୮୯୪ରେ ଚନ୍ଦ୍ରନାଥ ବସୁ 'ହିନ୍ଦୁତ୍ୱ' ଶବ୍ଦ ଉଚ୍ଚାରଣ ସହ ଦୃଢ଼ତାର ସହ କହିଥିଲେ ଯେ, ବେଦର ସିଦ୍ଧାନ୍ତ ଓ ବାଣୀ ଅନୁଯାୟୀ ହିନ୍ଦୁମାନେ ଆର୍ଯ୍ୟ ବା ସଭ୍ୟ ଏବଂ ହିନ୍ଦୁଙ୍କ ପରମ୍ପରାଗୁଡ଼ିକରେ କୌଣସି ସଂସ୍କାରର ଆବଶ୍ୟକତା ନାହିଁ।

୧୮୬୦ ଦଶକରେ, 'ଆର୍ଯ୍ୟ ଜାତି' ଶବ୍ଦ ୟୁରୋପୀୟ ବୁଦ୍ଧିଜୀବୀଙ୍କ ପରିସରରେ ସୃଷ୍ଟି ହୋଇଥିଲା ଏବଂ ଏହା ମ୍ୟାକ୍ସ ମୁଲର ପାଇଁ ସମ୍ଭବ ହୋଇଥିଲା। ପ୍ରାରମ୍ଭିକ ସ୍ତରରେ ଆର୍ଯ୍ୟ ଶବ୍ଦ କେବଳ ଭାରତ–ଇରାନୀୟଙ୍କ ପାଇଁ ବ୍ୟବହାର ହେଉଥିଲା। ପରେ ଯେତେବେଳେ ଭାଷାବିତ୍‌ମାନେ ଲାଟିନ୍ ଓ ସଂସ୍କୃତ ମଧ୍ୟରେ ସମ୍ପର୍କ ଥିବା ଦେଖିଥିଲେ, ସେତେବେଳେ ଆର୍ଯ୍ୟ ଓ ପାଶ୍ଚାତ୍ୟ ମଧ୍ୟରେ ସମ୍ପର୍କ ଅଛି ବୋଲି ସିଦ୍ଧାନ୍ତରେ ପହଞ୍ଚିଥିଲେ। ଅର୍ଥାତ୍ ଭାରତକୁ ଶାସନ କରୁଥିବା ଇଂରେଜମାନେ ଭାରତୀୟଙ୍କ ଦୂର ସମ୍ପର୍କୀୟ। ଏହାକୁ ନେଇ ଭାରତୀୟ ପ୍ରତିଷ୍ଠିତ କୁଳୀନ ବର୍ଗ ଭାବିଥିଲେ ଯେ, ସେମାନଙ୍କ ଶାସକଙ୍କ ସହିତ ସେମାନଙ୍କର ସମ୍ପର୍କ ଅଛି, ଯାହା ପାଇଁ ସେମାନେ ଗର୍ବ ଅନୁଭବ କରିଥିଲେ। କିନ୍ତୁ ଧୀରେ ଧୀରେ ଏହି କାହାଣୀର ରଣନୀତିକ ବାସ୍ତବତା ସାମ୍ନାକୁ ଆସିଲା ଏବଂ ସ୍ୱାଧୀନତା ସଂଗ୍ରାମୀମାନେ ଏଥିରେ ଅସନ୍ତୁଷ୍ଟ ଥିଲେ। ଏହାକୁ ଲକ୍ଷ୍ୟ କରି ଭାରତରେ ଇଂରେଜମାନେ ତିଷ୍ଠି ରହିବା ପାଇଁ ଆଉ ଏକ ନୂଆ କାହାଣୀ ରଚିବା ଆରମ୍ଭ କରିଦେଲେ। ସେମାନେ କହିଥିଲେ, ଅନେକ ହଜାର ବର୍ଷ ପୂର୍ବେ ଆର୍ଯ୍ୟମାନେ ପ୍ରଥମେ ବ୍ରାହ୍ମଣ ଭାବେ ଭାରତରେ ପ୍ରବେଶ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଇଂରେଜ ଭାବେ ଏବେ ପ୍ରବେଶ କରିଛନ୍ତି।



ଲୋକମାନ୍ୟ ତିଳକ ବେଦର ବାକ୍ୟ ବ୍ୟବହାର କରି ଆର୍ଯ୍ୟଙ୍କ ମୂଳ ଜନ୍ମ ସ୍ଥାନ ଉତ୍ତର ଗୋଲାର୍ଦ୍ଧ ବୋଲି ଦର୍ଶାଇଥିଲେ। ଭାରତୀୟଙ୍କୁ ଭାରତ ସମ୍ପର୍କିତ କାହାଣୀସବୁ କହୁଥିବା ବିଦେଶୀଙ୍କୁ ଦୟାନନ୍ଦ ସରସ୍ୱତୀ ଭଲ ପାଉ ନ ଥିଲେ। ସେ କହିଥିଲେ, ପ୍ରକୃତ ମଣିଷ ତ୍ରିବିସ୍ତପରୁ ଆସିଥିଲେ, ଯାହା ଏବେ ତିବ୍ବତରେ ଅଛି। ଆର୍ଯ୍ୟ କହିଲେ, ସଭ୍ୟ ମଣିଷଙ୍କୁ ବୁଝାଏ ବୋଲି ସେ ଯୁକ୍ତି ଉପସ୍ଥାପନ କରିଥିଲେ। ସ୍ୱାମୀ ବିବେକାନନ୍ଦ ଦୃଢ଼ତାର ସହ କହିଥିଲେ, ବେଦରେ କୌଣସି ବିଦେଶୀ ଦେଶ କଥା ଉଲ୍ଲେଖ ନାହିଁ, ଏହା ବିଂଶ ଶତାବ୍ଦୀର ପ୍ରାରମ୍ଭରେ ହୋଇଛି। ହରପ୍ପା ମଧ୍ୟ ଆବିଷ୍କୃତ ହୋଇ ନ ଥିଲା। ୧୯୨୦ ଦଶନ୍ଧିରେ ହରପ୍ପା ସଭ୍ୟତା ଆବିଷ୍କୃତ ହୋଇଥିଲା। ଏହାର ପତନର କାରଣ ବୁଝାଇବାକୁ ଯାଇ ମର୍ଟିମେର ହ୍ୱିଲର ଆର୍ଯ୍ୟାନ ଇନଭାସନ ଥିଓରି (ଏଆଇଟି–ଅର୍ଥାତ୍ ଆର୍ଯ୍ୟମାନେ ବାହାରୁ ଭାରତକୁ ଆସିଥିବା ସିଦ୍ଧାନ୍ତ) ସାମ୍ନାକୁ ଆଣିଥିଲେ। ଏଥିରେ କୁହାଯାଇଥିଲା ଯେ, ଆର୍ଯ୍ୟମାନେ ସ୍ଥାନୀୟ ଲୋକଙ୍କୁ କ୍ରୀତଦାସ କରି ରଖୁଥିଲେ ଏବଂ ସେମାନଙ୍କୁ ଶୂଦ୍ର କରିଥିଲେ। ଅର୍ଥାତ୍ ସେମାନେ ଆକ୍ରମଣକାରୀ ଥିଲେ। ଏହି ସିଦ୍ଧାନ୍ତ ସ୍ୱାଧୀନତା ସଂଗ୍ରାମରେ କମ୍ପନ ସୃଷ୍ଟି କରିଥିଲା। ନୈତିକ ଦୃଷ୍ଟିରୁ କୁଳୀନ ହିନ୍ଦୁମାନେ, ବିଶେଷକରି ମୂଳବାସିନ୍ଦା ବ୍ରାହ୍ମଣଙ୍କ ପ୍ରତି ଆହ୍ୱାନ ସୃଷ୍ଟି କରିଥିଲା। ବିଆର୍ ଆମ୍ବେଡକର ଏହି ଚିନ୍ତାଧାରାକୁ ଗ୍ରହଣ କରିନେଇଥିଲେ, ଯେଭଳି ନୂଆ କରି ସାମ୍ନାକୁ ଆସିଥିବା ମୁସଲମାନ ଲବି କରିଥିଲା।

ଏହି ସମୟରେ ବୁଦ୍ଧଙ୍କ ବିଷୟରେ ୟୁରୋପୀୟମାନେ ଜାଣିସାରିଥିଲେ ଏବଂ ସେମାନେ ତାଙ୍କୁ 'ଏସିଆର ଆଲୋକ' ଭାବେ ଦେଖୁଥିଲେ। ବୌଦ୍ଧଧର୍ମର 'ସମସ୍ତେ ସମାନ' ବିଚାରଧାରା ହିନ୍ଦୁଧର୍ମର ଜାତି ବ୍ୟବସ୍ଥାର ବିପରୀତ ମନେହେଉଥିଲା। ପ୍ରାଚ୍ୟର ବିଦ୍ୱାନ୍‌ମାନେ ଏହି ବିପରୀତ ବିଚାରଧାରାକୁ ତୀବ୍ର କରିଥିଲେ। ୟୁରୋପୀୟମାନେ ଯୁକ୍ତି ବାଢ଼ିଥିଲେ ଯେ, ବ୍ରାହ୍ମଣମାନେ ବୌଦ୍ଧଧର୍ମକୁ ଧୀରେ ଧୀରେ ହଟାଇ ଦେଇଛନ୍ତି। ବୌଦ୍ଧଧର୍ମ ହିନ୍ଦୁଧର୍ମକୁ ଦୁର୍ବଳ କରିଦେଉଛି ଏବଂ ଏହାର ଶାନ୍ତିବାଦ ସହ ଅହିଂସା ନୀତି ପାଇଁ ଆମେ ଆମ ମିଲିଟାରି ଶକ୍ତି ହରାଇଛୁ ବୋଲି ସଭର୍‌କର ବିଶ୍ୱାସ କରୁଥିଲେ। ଏହିସବୁ ସିଦ୍ଧାନ୍ତଗୁଡ଼ିକ ରାଜନୈତିକ ଦୃଷ୍ଟିରୁ ଥିଲା ଅତ୍ୟନ୍ତ ପରିବର୍ତ୍ତନଶୀଳ ଏବଂ ଇତିହାସ ଦୃଷ୍ଟିକୋଣରୁ ଭୁଲ୍। ତଥାପି ସେହିସବୁ ସିଦ୍ଧାନ୍ତଗୁଡ଼ିକ ଏକବିଂଶ ଶତାବ୍ଦୀରେ ଭାରତୀୟ ସମାଜକୁ ଗଢ଼ିଛି। ଏହି ସମୟରେ ଦଳିତ ସାହିତ୍ୟରେ ବ୍ରାହ୍ମଣଙ୍କ ବିରୋଧରେ ଯୁକ୍ତି ଏବଂ ୧୯୯୦ ଦଶନ୍ଧିରେ ୟୁରୋପୀୟଙ୍କ ଦ୍ୱାରା ଉପସ୍ଥାପିତ 'ଆଉଟ ଅଫ୍ ଇଣ୍ଡିଆନ୍ ଥିଓରି'(ଓଆଇଟି), ଅର୍ଥାତ୍ ଭାରତୀୟ ଉପମହାଦେଶର ମୂଳବାସିନ୍ଦା ଆର୍ଯ୍ୟଙ୍କୁ ନେଇ ୟୁରୋପୀୟଙ୍କ ସଂଶୟାତ୍ମକ ତଥ୍ୟର ଉତ୍‌ଥାନ ଏବଂ ହିନ୍ଦୁତ୍ୱକୁ କୋଏନରାଡ ଏଲିଷ୍ଟ ଓ ଡାଭିଡ ଫ୍ରାୱିଲେଙ୍କ ଭଳି ଆମେରିକୀୟଙ୍କ ସମର୍ଥନ ସାମ୍ନାକୁ ଆସିଥିଲା। ଭାରତ ମାନବ ସଭ୍ୟତାର କେନ୍ଦ୍ର ନୁହେଁ ବୋଲି ଦର୍ଶାଇବା ପାଇଁ ସେମାନେ ଷଡ଼ଯନ୍ତ୍ର କରିଥିଲେ। ଆର୍ଯ୍ୟମାନେ ହରପ୍ପା ସଭ୍ୟତାର ପ୍ରତିଷ୍ଠାତା ଥିଲେ ଏବଂ ସେମାନେ ଭାରତରୁ ୟୁରୋପକୁ ଯାଇଥିଲେ ବୋଲି ସେମାନେ ସ୍ୱୀକାର କରୁ ନ ଥିଲେ। ଏବେ ଯେଉଁମାନେ ଏହି ସିଦ୍ଧାନ୍ତକୁ ବିରୋଧ କରୁଛନ୍ତି, ସେମାନେ ଉପହସିତ ଏପରିକି ହିଂସାର ଶିକାର ହେଉଛନ୍ତି।

ନାଜି ଜର୍ମାନୀର ଉତ୍ଥାନରେ ଆର୍ଯ୍ୟଙ୍କ ସହ ୟୁରୋପୀୟଙ୍କ ନିବିଡ଼ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ସମ୍ପ୍ରତି ଆର୍ଯ୍ୟଙ୍କ ଐତିହାସିକ ପୃଷ୍ଠଭୂମି ଉପରେ ଗବେଷଣା ଚାଲିଛି। ପ୍ରତ୍ନତତ୍ତ୍ୱବିତ୍, ଭାଷାବିତ୍ ଏବଂ ଆନୁବଂଶିକ ବୈଜ୍ଞାନିକମାନେ ଏବେ ଦୃଢ଼ ନିଶ୍ଚିତ ଯେ, ଆର୍ଯ୍ୟମାନେ ଭାରତକୁ ଇରାନ ବାଟ ଦେଇ ପାଖାପାଖି ଖ୍ରୀଷ୍ଟପୂର୍ବ ୧୫୦୦ରେ ଆସିଥିଲେ। ସେତେବେଳେ ଜଳବାୟୁ ପରିବର୍ତ୍ତନ ଯୋଗୁ ହରପ୍ପା ସଭ୍ୟତା ପତନ ପରେ ଏବଂ ଖ୍ରୀଷ୍ଟପୂର୍ବ ୧୮୦୦ରେ ରଥ ଆବିଷ୍କାର ହେବା ପରେ ସେମାନେ ଆସିଥିଲେ। ଯେଉଁ ଅଞ୍ଚଳରୁ ସେମାନେ ଆସିଥିଲେ, ତାହାକୁ ଏବେ କାଜାକସ୍ତାନ କୁହାଯାଉଛି। ଏହା ଏକ ଆକ୍ରମଣ ନ ଥିଲା, ବରଂ ଥିଲା ପ୍ରାୟ ପୁରୁଷମାନଙ୍କର ଏକ ପ୍ରବାସନ ବା ସ୍ଥାନାନ୍ତର, ଯାହା ଅନେକ ଶତାବ୍ଦୀ ଧରି ଜାରି ରହିଥିଲା। ପ୍ରବାସନ ସମୟରେ ଆଫଗାନିସ୍ତାନ ନିକଟରେ ସେମାନେ ଏକ ପ୍ରକାର ଉତ୍ତେଜନାବର୍ଦ୍ଧକ ଔଷଧୀୟ ଗଛ ଇଫେଡ୍ରା (ସୋମ) ଦେଖିଥିଲେ। ଏହା ମଧ୍ୟ ସେମାନଙ୍କ ସଙ୍ଗୀତର ଏକ ଅଂଶ ଥିଲା। କିନ୍ତୁ ସେମାନେ ଗଙ୍ଗା ନିକଟରେ ପହଞ୍ଚିଲା ବେଳକୁ ଏହାର ବିକଳ୍ପ ପାଇଯାଇଥିଲେ। ଘୋଡ଼ା, ରଥ ତିଆରି କୌଶଳ, ଏକ ଦକ୍ଷ ସେନା ଏବଂ ଏକ ଯାଯାବର ଜୀବନଶୈଳୀ ସହ ଆର୍ଯ୍ୟମାନେ ଭାରତକୁ ଏକ ଭାଷା ମଧ୍ୟ ଆଣିଥିଲେ। ଗାଙ୍ଗେୟ ସମତଳ ଅଞ୍ଚଳରେ ଏହି ଭାଷାର କ୍ରମବିକାଶ ଘଟିଥିଲା, ଯାହାକୁ ଏବେ କୁହାଯାଉଛି ବୈଦିକ ସଂସ୍କୃତ। ଧର୍ମ ଶବ୍ଦର ମୂଳ ଅକ୍ଷର 'ଧ'। ଏହା ପୂର୍ବରୁ ଦକ୍ଷିଣ ଏସିଆ ବାହାରେ ଥିବା କୌଣସି ଆର୍ଯ୍ୟ ଭାଷା (ଇଣ୍ଡୋ ୟୁରୋପୀୟ)ରେ ଦେଖିବାକୁ ମିଳେ ନାହିଁ। ଏହି ବୈଦିକ ଭାଷା ଏବଂ ଏହା ସହ ଜଡ଼ିତ ପୁରୋହିତ ସଂସ୍କୃତି ଅନେକ ହଜାର ବର୍ଷ ଧରି ଖ୍ରୀଷ୍ଟପୂର୍ବ ୧୫୦୦ରୁ ଖ୍ରୀଷ୍ଟପୂର୍ବ ୫୦୦ ମଧ୍ୟରେ ସମଗ୍ର ଉପମହାଦେଶରେ ପ୍ରସାର ଲାଭ କରିଛି। ଏହି ଭାଷା ତାମିଲ ସାହିତ୍ୟର ସୁବର୍ଣ୍ଣଯୁଗ କୁହାଯାଉଥିବା ସଙ୍ଗମ ସମୟରେ ତାମିଲ କବିଙ୍କର ଅତି ପ୍ରିୟ ଥିଲା।

–devduttofficial@gmail.com

## ଶାଶ୍ୱତ ସମ୍ପର୍କର ଅବକ୍ଷୟ



ଡ. ଚିନ୍ତାମଣି ପଣ୍ଡା

ଗୁରୁ–ଶିଷ୍ୟର ସମ୍ପର୍କ ଅତି ମାନବୀୟ ସ୍ତରର। ଏ ନୈସର୍ଗିକ ବନ୍ଧନଟି କାମନାରହିତ ସିନା କିନ୍ତୁ ଭାବାବେଗ ଭରା ସମ୍ବେଦନଶୀଳ। ତ୍ରେତୟା ଯୁଗର ଗୁରୁ ବଶିଷ୍ଠ, ବିଶ୍ୱାମିତ୍ରଙ୍କର ଅନୁଶାସନ ଯେତିକି କଠୋର, ଦ୍ୱାପରର ଗୁରୁ ସନ୍ଦିପନୀ ତଥା ଦ୍ରୋଣାଚାର୍ଯ୍ୟଙ୍କର ଶିଷ୍ୟ ପରୀକ୍ଷା ସେତିକି ମାର୍ମିକ ତଥା ତାତ୍ପର୍ଯ୍ୟପୂର୍ଣ୍ଣ। ଏହି ଗୁରୁକୁଳୀୟ ପରମ୍ପରାରେ ଶିଷ୍ୟମାନେ ଯେ ଖାଲି ବିଦ୍ୱାନ ହେଉଥିଲେ ତା' ନୁହେଁ ବରଂ ଚରିତ୍ରବାନ୍ ଓ ସର୍ବଗୁଣ ବିଶାରଦ ହୋଇପାରୁଥିଲେ। କଳିଯୁଗରେ ଶିକ୍ଷାଦାନ ବ୍ୟବସ୍ଥା ଜଙ୍ଗଲର ଗୁରୁକୁଳୀୟ ପରମ୍ପରାରୁ ଜନବସତି ଆଡ଼କୁ ମୁହାଁଇଲା ପରେ ଗ୍ରାମ୍ୟ ଆଖଡ଼ାଶାଳ ତଥା ଚାହାଳି ଘରମାନଙ୍କରେ ଆତ୍ମପ୍ରକାଶ କଲା। ତଥାପି ତଦାନିନ୍ତନ ଗୁରୁରୂପୀ ଅବଧାନମାନେ ଶିଷ୍ୟ ରୂପରେ ପାଇଥିବା ଛାତ୍ରମାନଙ୍କୁ କଡ଼ା ଅନୁଶାସନ ଭିତରେ ବାନ୍ଧିରଖୁଥିଲେ। କ୍ରମବିବର୍ତ୍ତନ ବାଦରେ ଗ୍ରାମ୍ୟ ଚାହାଳିର ରୂପରେଖ ବଦଳି ଚାଟଶାଳୀରେ ଓ ଇଂରେଜମାନଙ୍କ ଅମଳରେ ପ୍ରାଥମିକ ବିଦ୍ୟାଳୟର କାୟାକଳ୍ପ ଧାରଣ କଲା। ଅବଧାନ, ପଣ୍ଡିତମାନଙ୍କ ଜାଗାରେ ଶିକ୍ଷକମାନେ ଅଧ୍ୟାପନାର କର୍ଣ୍ଣଧାର ସାଜିଲେ। ଲର୍ଡ ଉଇଲିୟମ ବେଣ୍ଟିଙ୍କଙ୍କ ସମୟରେ ବିଦ୍ୟାଳୟର ବିକାଶ ଘଟି ଉଚ୍ଚବିଦ୍ୟାଳୟ ଏବଂ ଲର୍ଡ କର୍ଜନଙ୍କ ସମୟରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ପ୍ରଚଳନ ହେଲା। ଧୀରେ ଧୀରେ ନାରୀ ଶିକ୍ଷାର ପ୍ରସାର ଘଟି ସ୍ୱାଧୀନୋତ୍ତର ଭାରତରେ ସମସ୍ତଙ୍କ ପାଇଁ ଶିକ୍ଷା ଅଧିକାର ନିଶ୍ଚିତ କରାଗଲା। ଶିକ୍ଷାର ବ୍ୟବସାୟୀକରଣ ପରେ ଅଧୁନା ନିଜ ଉଦ୍ୟୋଗରେ ଗଢ଼ି ଉଠିଥିବା ଘରୋଇ ଶିକ୍ଷାଦାନ କେନ୍ଦ୍ରଗୁଡ଼ିକ ପ୍ରତିଯୋଗିତା ଭିତ୍ତିରେ ଆତ୍ମପ୍ରକାଶ କରିଚାଲିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁ–ଶିଷ୍ୟ ସମ୍ପର୍କଟି ମଧ୍ୟ ଅବକ୍ଷୟମୁଖୀ ହୋଇ ଛାତ୍ର–ଶିକ୍ଷକ ସମ୍ପର୍କକୁ ରୂପାନ୍ତରିତ ହୋଇଯାଇଛି। କିନ୍ତୁ ଚାହାଳି କିମ୍ବା ଚାଟଶାଳୀର କଡ଼ା ଅନୁଶାସନ ବିଦ୍ୟାଳୟର ଦଣ୍ଡମୁକ୍ତ ଅଞ୍ଚଳରେ ସମାଧି ନେଇଛି। ତତ୍କାଳୀନ ଚାଟଶାଳୀରେ ଅବଧାନଙ୍କ ବୟସ ତୁଳନାରେ ଛାତ୍ରୀଟିର ବୟସର ତାରତମ୍ୟ ଯଥେଷ୍ଟ ଅଧିକ ଥିବାରୁ କଡ଼ା ଅନୁଶାସନ ହେତୁରୁ ହେଉ କିମ୍ବା ବାତ୍ସଲ୍ୟ ମମତା ଦୃଷ୍ଟିରୁ, ସମ୍ପର୍କ କଳଙ୍କିତ ହେବାର ନିଜର ନାହିଁ। ଏହି ବୟସର ବ୍ୟବଧାନ ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ ଯଥେଷ୍ଟ ସଂକୀର୍ଣ୍ଣ। ପରିବର୍ତ୍ତିତ ପରିବେଶ ପରିସ୍ଥିତି ଦୃଷ୍ଟିରୁ ଛାତ୍ରୀ–ଶିକ୍ଷକ ସମ୍ପର୍କ ଘୁଣ ଖାଇ ଏକ ସାମାଜିକ ବ୍ୟାଧିରେ ପରିଣତହେବାକୁ ବସିଲାଣି। ଉପାନ୍ତରୁ ଉପକୂଳ ପ୍ରତିଟି ଟିକିନିଖି ଖବର ଲୋକଲୋଚନକୁ ଆସିବା ହେତୁରୁ ପ୍ରତିଦିନ ଏ ସମ୍ପର୍କର ଦୁରବସ୍ଥା ସମ୍ବନ୍ଧୀୟ ଘଟଣାମାନ ଖବର କାଗଜର ପୃଷ୍ଠା ମଣ୍ଡନ କରୁଛି। ଥରେ ଭାବନ୍ତୁ, ଏକ ଆବେଗ ଭରା ଐଶ୍ୱରୀକ ସମ୍ପର୍କରେ ପତନ ଘଟାଇ ଆମେ ତାକୁ ରସାତଳଗାମୀ କରିସାରିଲେଣି କି ନା ? ଏକ ବୈଷୟିକ ଶିକ୍ଷାନୁଷ୍ଠାନରେ ଦୀର୍ଘ ବର୍ଷ ଅଧ୍ୟାପନା କରିବା ଭିତରେ ଅନେକ ଉପଲବ୍ଧି ହାସଲ କରିଛି। ଏକଦା ଛାତ୍ରଟିଏ ବିଳମ୍ବରେ ଶ୍ରେଣୀଗୃହକୁ ଆସିବାରୁ ତାଗିଦା ପରିବର୍ତ୍ତେ କାରଣ ପଚାରନ୍ତେ ସେ ନିଃସଙ୍କୋଚରେ ଡେରିରେ ଉଠିଥିବା କଥା ପ୍ରକାଶ କଲା, ତହୁଁ ଅପତ୍ୟ ସ୍ନେହରେ କୌତୁହଳୀ ହୋଇ ଦନ୍ତ ମାର୍ଜନ କରିଛ କି ନା ପଚାରି ଦେବାରୁ ଭରା ଶ୍ରେଣୀରେ ଅତି ନିର୍ଭୀକ ଭାବରେ ନା କହି ଆସନରେ ବସିଲା। ବୁଝିବା କଥା, ଏହା ହେଉଛି ନିଛକ ଗୁରୁଭକ୍ତି। ଛାତ୍ର–ଶିକ୍ଷକ ସମ୍ପର୍କରେ ଆତ୍ମୀୟତା ବଢ଼ିଗଲେ ଯାଇ ପରସ୍ପର ପରସ୍ପରର ସୁବିଧା ଅସୁବିଧା ବାଣ୍ଟିପାରନ୍ତି। ଛାତ୍ର ବା ଛାତ୍ରୀଟିର ମନରେ ଏହି ଆସ୍ଥା ଓ ବିଶ୍ୱାସ ଜନ୍ମାଇବା ପାଇଁ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ସମୟ ଦେଇ ତା'ର ଯଥେଷ୍ଟ ନିକଟତର ହେବାକୁ ପଡ଼େ, ଏହି ସମ୍ପର୍କଟି ମମତାର ଉତ୍କର୍ଷରେ ପହଞ୍ଚିଗଲେ ଛାତ୍ରୀଛାତ୍ରମାନେ ସମ୍ମୋହିତ ହେଲା ପରି ଶିକ୍ଷକ/ଶିକ୍ଷିକାଙ୍କର ବ୍ୟକ୍ତିତ୍ୱ ଆଗରେ ମୁଣ୍ଡ ନୁଆଁଇ ଥାନ୍ତି ଏବଂ ତାଙ୍କ ମନରେ ଭୟ ହେତୁରୁ ନୁହେଁ ଭାବାବେଗ ହେତୁରୁ ଗୁରୁଭକ୍ତିର ଉଦ୍ରେକ ହୁଏ। ଥରେ ଭକ୍ତି ଜାଗ୍ରତ ହେଲେ ସମସ୍ତ ନିର୍ଦ୍ଦେଶ ମାନି ବସ ଉଠ ବି ହୋଇପାରେ, କାରଣ ଛାତ୍ରୀଛାତ୍ରମାନେ ସାବାଳିକା ସାବାଳକ ହେଲେ ବି ଶିକ୍ଷକଙ୍କ ଆଗରେ ଶିଶୁ ସୁଲଭ। ଶାରୀରିକ ଶିକ୍ଷା କ୍ଷେତ୍ରରେ କ୍ରୀଡ଼ା ଶିକ୍ଷକମାନେ ମଧ୍ୟ ଶିକ୍ଷାନବିସଙ୍କୁ ଦୁଷ୍କର୍ମ କରିବାକୁ ପଛାଉ ନାହାନ୍ତି। ଏହା ଶାଶ୍ୱତ ସମ୍ପର୍କର ଅବକ୍ଷୟ ନିଶ୍ଚୟ।

ମୋ:୮୧୪୦୬୬୦୧୬

## ଏଇ ଭାରତରେ

ପ୍ଲାଷ୍ଟିକ୍ ପ୍ରଦୂଷଣ ଦୂର କରିବା ଲାଗି ବିଭିନ୍ନ ବର୍ଜ୍ୟରୁ ଏହାର ବିକଳ୍ପ ସାମଗ୍ରୀ ପ୍ରସ୍ତୁତ କରିବାରେ ସଫଳ ହୋଇଛନ୍ତି ରେହା କୋଠାରି ଓ ରିଶିକା ରେଡ୍ଡୀ। ଲକ୍‌ଡାଉନ ସମୟରେ ସମସ୍ତେ ଘରକୁ ସାମଗ୍ରୀ ମଗାଉଥିଲେ ଏବଂ ଏହା ଯୋଗୁ ଘରେ ପ୍ଲାଷ୍ଟିକ୍ କିମ୍ବା ଜରି ପ୍ୟାକେଜିଂ ବର୍ଜ୍ୟ ବଢ଼ିଯାଇଥିଲା। ଏହାକୁ ଲକ୍ଷ୍ୟକରି ଏହାର ପରିବେଶ ଉପଯୋଗୀ ବିକଳ୍ପ ଖୋଜିବା ଲାଗି ସେମାନେ ଏକାଠି ଗବେଷଣା ଆରମ୍ଭ କରିଦେଇଥିଲେ। ରିଶିକାଙ୍କ ପରିବାର ପ୍ରିଣ୍ଟିଂ ବିଜନେସ୍ ସହ ଜଡ଼ିତ ଥିବା ହେତୁ ସେ ସହଜରେ ଗବେଷଣାରେ ସକ୍ଷମ ହୋଇପାରିଲେ। ଏବେ ସେମାନେ କଫି, ଛତୁ, କଦଳୀ ଚୋପା, ଟମାଟୋ ବର୍ଜ୍ୟରୁ ପ୍ୟାକେଜିଂ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି, ଯାହା ସମ୍ପୂର୍ଣ୍ଣ ପରିବେଶ ଉପଯୋଗୀ। ଏହିସବୁ ସାମଗ୍ରୀ ସହଜରେ ଓ କମ୍ ସମୟରେ ମାଟିରେ ମିଶିଯାଉଛି। ଏହି ଦୁଇ ମହିଳା ଉଦ୍ୟୋଗୀ 'ଦି ମେଣ୍ଡ୍ ପ୍ୟାକେଜିଂ' କମ୍ପାନୀ ପ୍ରତିଷ୍ଠାକରି ପ୍ୟାକେଜିଂ ସାମଗ୍ରୀ ତିଆରି କରୁଛନ୍ତି। ଏହି କମ୍ପାନୀକୁ ସେମାନେ ୨୦୨୦ରେ ପ୍ରତିଷ୍ଠା କରିଥିଲେ। ଏବେ କମ୍ପାନୀରେ ୭୦ରୁ ଅଧିକ ଉତ୍ପାଦ ପ୍ରସ୍ତୁତ ହେଉଛି। କମ୍ପାନୀ ୨୮୦ ଜଣ ଭେଣ୍ଡରଙ୍କ ସହ କାମ କରି ମୁମ୍ବାଇ, ଦିଲ୍ଲୀ ଓ ହାଇଦ୍ରାବାଦରେ ଏକ ମଜଭୁତ ଯୋଗାଣ ନେଟ୍‌ୱର୍କ ପ୍ରତିଷ୍ଠା କରିପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୪ ଅଗଷ୍ଟ ୧୯୭୬

- ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୟ ସୁଖଲାଲ ହାଥୀ ହରିଆନାର ରାଜ୍ୟପାଳ ରୂପେ ଏବଂ ବିଦେଶ ତୁକାରାମ କୁଲକର୍ଣ୍ଣି ପଣ୍ଡିଚେରୀର ଲ୍ୟୁଟ୍‌ନାଣ୍ଟ ଗଭର୍ଣ୍ଣର ରୂପେ ନିଯୁକ୍ତ ହୋଇଛନ୍ତି।
- ପ୍ୟାରିସ୍‌ର ଏକ ୬ ମହଲା ବିଶିଷ୍ଟ ହୋଟେଲରେ ଅଗ୍ନିକାଣ୍ଡ ଘଟି ୨ ପର୍ଯ୍ୟଟନକାରୀଙ୍କ ସମେତ ୧୧ ଜଣଙ୍କ ମୃତ୍ୟୁ।
- ଗୋଷ୍ଠୀନିରପେକ୍ଷ ଶୀର୍ଷ ସମ୍ମିଳନୀରେ ରୁମାନିଆ, ପର୍ତ୍ତୁଗାଲ ଓ ଫିଲିପାଇନ୍ସ ଅତିଥି ଭାବେ ଯୋଗଦେଇପାରିବେ ବୋଲି ବୈଦେଶିକ ମନ୍ତ୍ରୀ ସମ୍ମିଳନୀରେ ନିଷ୍ପତ୍ତି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | | | | 7 | 3 |
| | | 3 | | | 6 | | 2 | |
| | | 8 | | | | | | |
| 7 | | | | | | 1 | | 6 |
| | | | 8 | 4 | | 7 | | |
| | | | 3 | | | | | |
| | | | 4 | 1 | | 3 | 5 | |
| 2 | | | 5 | 9 | | 4 | | |
| | 5 | | | | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 1 | 5 | 7 | 4 | 9 | 6 | 8 | 3 |
| 6 | 4 | 3 | 8 | 2 | 1 | 7 | 9 | 5 |
| 7 | 8 | 9 | 5 | 6 | 3 | 1 | 2 | 4 |
| 4 | 2 | 8 | 6 | 9 | 7 | 3 | 5 | 1 |
| 1 | 9 | 6 | 2 | 3 | 5 | 8 | 4 | 7 |
| 3 | 5 | 7 | 1 | 8 | 4 | 9 | 6 | 2 |
| 8 | 7 | 4 | 9 | 1 | 2 | 5 | 3 | 6 |
| 5 | 6 | 2 | 3 | 7 | 8 | 4 | 1 | 9 |
| 9 | 3 | 1 | 4 | 5 | 6 | 2 | 7 | 8 |

ଗତକାଲିର ଉତ୍ତର

# କପୋତ ଆଜି ଉଡ଼ନ୍ତା ମୂଷା



ଡ. ବିମଳ ଷଡ଼ଙ୍ଗୀ

ଏକନିଷ୍ଠ ପ୍ରେମ ଓ ଭରସାର ପ୍ରତୀକ, ସେବା, ସମର୍ପଣ ଓ ସାଥିରେ ରହିବାର ଚିହ୍ନ ଏବଂ ମାନବର ଦାମ୍ପତ୍ୟ ଜୀବନର ଆଦର୍ଶ ରୂପେ ବ୍ୟବହୃତ ହୁଏ 'କପୋତ କପୋତୀ'। ସତରେ କେତେ ଶାନ୍ତ, କମନୀୟ ସେମାନଙ୍କର ଶବ୍ଦ, ରୂପ ଓ ଗୁଣ। କାହିଁ କେତେକାଳରୁ ମଣିଷର ସାଥୀ ସେମାନେ। ସେଇଥିପାଇଁ ଖ୍ରୀ:ପୂ: ୫୦୦୦ ବର୍ଷ ପୂର୍ବରୁ ଏକ ଗୃହପାଳିତ ପକ୍ଷୀ ରୂପେ ସ୍ୱୀକୃତିପ୍ରାପ୍ତ ଶାନ୍ତି ଓ ମୈତ୍ରୀର ପ୍ରତୀକ କପୋତ ବା ପାରା। ତଥ୍ୟ ଅନୁସାରେ ୧୮୦୦ ମସିହାରୁ ଭାରତ ଓ ୟୁରୋପରେ ଡାକସେବାର ସେମାନେ ଥିଲେ ଏକ ମାଧ୍ୟମ। ତା' ସହିତ ଯୁଦ୍ଧ ଓ ବିପଦ ସମୟରେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ସଙ୍କେତ ନେବା ଆଣିବାରେ ସେମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଏକଦା ବ୍ରିଟିଶ୍ ଦ୍ୱାରା ତାଲିମପ୍ରାପ୍ତ ଚେରଆମି ନାମକ ଏକ କପୋତକୁ ଯୁକ୍ତରାଷ୍ଟ୍ର ଆମେରିକାର ସେନା ସଙ୍କେତ ବାହକ ଭାବରେ ବ୍ୟବହାର କରିଥିଲା। ୧୯୧୮ ଅକ୍ଟୋବରରେ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଫ୍ରାନ୍ସର ଆର୍ଗୋନ ଜଙ୍ଗଲରେ ନିଜ ଛାତିରେ ଗୁଳି, ଗୋଟିଏ ଆଖି ନଷ୍ଟ ଏବଂ ଗୋଟିଏ ଗୋଡ଼ ହରାଇ ଘଞ୍ଚ ଜଙ୍ଗଲରେ ଲୁଚି ଲୁଚି ଯାଇ ପ୍ରାୟ ୧୯୪ ସୈନିକଙ୍କ ଜୀବନ ବଞ୍ଚାଇଥିଲା ସେହି କପୋତ । ଆଜି ସେହି ଶାନ୍ତ ସାହାଯ୍ୟକାରୀ କପୋତର ବଂଶଧରଙ୍କୁ 'ଉଡ଼ନ୍ତା ମୂଷା' ବୋଲି ଅଭିହିତ କରିବା ଖାଲି ଏକ ଅପମାନଜନକ ଶବ୍ଦ ନୁହେଁ, ବରଂ ସବୁଠାରୁ ବହୁଚର୍ଚ୍ଚିତ ଅପମାନ ମଧ୍ୟରୁ ଗୋଟିଏ। ଏପରି ଭାଷା କେବଳ ଅରୁଚିକର ନୁହେଁ ବରଂ ପ୍ରକୃତିକୁ ସମ୍ପୂର୍ଣ୍ଣ ଭାବରେ ବୁଝିପାରି ନ ଥିବା କିଛି ବ୍ୟକ୍ତିଙ୍କ ଆଳାପ ଭଳି ମନେହୁଏ।

ସାମ୍ପ୍ରତିକ ସମୟରେ ଜଣାଶୁଣା ନୀଳରଙ୍ଗର କପୋତ ଯାହାକୁ ଠାକୁର ପାରା ମଧ୍ୟ କୁହାଯାଏ, ସେଗୁଡ଼ିକ ଆଜି ବିବାଦର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ସାଧାରଣତଃ ଗ୍ରାମ ଓ ସହରାଞ୍ଚଳରେ ଥିବା କୋଠାଘରର ବାଲ୍‌କୋନି, କାନ୍ଥର ଖୋପ ଓ ଛାତ ଉପରେ ବାସ କରୁଥିବା ଏହି ଶାନ୍ତ ଓ ସୁନ୍ଦର ପକ୍ଷୀକୁ ବର୍ତ୍ତମାନ ଆସ୍ପର୍ଗିଲୋସିସ ନାମକ ଏକ ରୋଗର ବାହକ ଭାବରେ ବର୍ଣ୍ଣନା କରାଯାଇଛି। ଆସ୍ପର୍ଗିଲୋସିସ ହେଉଛି ଆସ୍ପର୍ଗିଲସ ଫ୍ୟୁମିଗାଟସର ଏକ କ୍ଷୁଦ୍ରତମ ବାୟୁଗତ ବୀଜାଣୁ ଉତ୍ପାଦନର କାରକ। ଯେତେବେଳେ ଏହି ବୀଜାଣୁଗୁଡ଼ିକ ବିଶେଷକରି ଦୁର୍ବଳ ପ୍ରତିରୋଧ କ୍ଷମତା ବା ପୂର୍ବରୁ ଫୁସଫୁସ ରୋଗଥିବା କିମ୍ବା ଧୂଳିମୟ ଦୂଷିତ ପରିବେଶରେ ଦୀର୍ଘ ସମୟ ଧରି ରହିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରବେଶ କରିଥାଏ ସେତେବେଳେ ସେମାନଙ୍କୁ ସହଜରେ ସଂକ୍ରମିତ କରିଥାଏ ଓ ଶ୍ୱାସକ୍ରିୟାଜନିତ ରୋଗ ସୃଷ୍ଟି କରିଥାଏ। ତଥାପି, ଏଠାରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆସ୍ପରଗିଲସ ସର୍ବବ୍ୟାପୀ ଯାହା କମ୍ପୋଷ୍ଟଖତ, ଧୂଳି, ପୁରୁଣା କୋଠା ସାମଗ୍ରୀ, ଏୟାର–କଣ୍ଡିସନିଂ ସିଷ୍ଟମ,ପାଣିଳିକରୁ ସୃଷ୍ଟ କାନ୍ଥର ନଷ୍ଟ ହୋଇଥିବା ପ୍ଲାଷ୍ଟରିଂ, ବିଭିନ୍ନ ପକ୍ଷୀଙ୍କ ମଳ, ଗାଧୁଆ ଘରର ଓଦା ସନ୍ତସନ୍ତିଆ କୋଣ, ଅପରିଷ୍କାର ନଳୀ କିମ୍ବା ଅଣଦେଖା ହୋଇଥିବା ପୁରୁଣା ଉଦ୍ଭିଦର ଅବଶେଷ, ଅପରିଷ୍କାର ମାଟି ଏବଂ ଏପରିକି ମସଲା ଗୁଣ୍ଡରେ ମଧ୍ୟ ଏହା ରହିଥାଏ। ଏହା ଓଦା ଏବଂ ଉତ୍ତମ ବାୟୁ ଚଳାଚଳ ନ ଥିବା ଅଞ୍ଚଳରେ ସହଜରେ ବ୍ୟାପିଥାଏ। ବୀଜାଣୁଟି ଦୈନନ୍ଦିନ ଜୀବନର ନିଃଶ୍ୱାସ ନେବା ସମୟରେ ଏକ ଅଂଶ ଭାବରେ ପ୍ରବେଶ କରିଥିଲେ ମଧ୍ୟ ସାଧାରଣତଃ



ସୁସ୍ଥ ବ୍ୟକ୍ତିମାନଙ୍କ ପାଇଁ କ୍ଷତିକାରକ ନୁହେଁ। ସେଥିପାଇଁ ପ୍ରାକୃତିକ ଭାବରେ ଘଟୁଥିବା ରୋଗଟିର ବିସ୍ତାର ପାଇଁ କେବଳ ପାରାଗୁଡ଼ିକୁ ଦାୟୀ କରିବା ବୈଜ୍ଞାନିକ ଭାବରେ ଭିତ୍ତିହୀନ। ପ୍ରକୃତ ସମସ୍ୟା ହେଉଛି ପରିବେଶଗତ ପରିଚ୍ଛନ୍ନତା। ପାରାମାନଙ୍କ ବା ଗୃହପାଳିତ ଅନ୍ୟ ପକ୍ଷୀମାନଙ୍କ ପକ୍ଷ ଝାଡ଼ିଦେଲେ ଯେଉଁ ଧୂଳିକଣା ବାହାରେ ସେଥିରେ ବି ଏହି ବୀଜାଣୁ ରହିପାରନ୍ତି। ତେବେ ପାରାମାନଙ୍କର ସଂଖ୍ୟା ସହରାଞ୍ଚଳଗୁଡ଼ିକରେ ଅତିମାତ୍ରାରେ ବୃଦ୍ଧିପାଇବା କେବଳ ମନୁଷ୍ୟକୃତ। ଆମର ମନେରଖିବା ଉଚିତ ଯେ ୧୯୭୦ ପୂର୍ବରୁ ଭାରତରେ କୋଠାଘର କହିଲେ କେବଳ ମଠ, ମନ୍ଦିର, ଧର୍ମଶାଳା, ସରକାରୀ ଅଫିସ, କିଛି ଧନିକ ଶ୍ରେଣୀ ଇତ୍ୟାଦି ମଧ୍ୟରେ ସୀମିତ ଥିଲା। ପାରାଗୁଡ଼ିକ ପ୍ରାୟତଃ ମନ୍ଦିରଗୁଡ଼ିକରେ ଅଧିକ ଦେଖାଯାଉଥିଲେ ଓ ସେଠାରେ ସହଜରେ ଖାଦ୍ୟ ମିଳୁଥିଲା। ମାତ୍ର କାଳକ୍ରମେ ସହର ଓ ଗ୍ରାମାଞ୍ଚଳରେ କୋଠାଘରଗୁଡ଼ିକର ବୃଦ୍ଧି ସହିତ ଆମର ଅଧିକ ଧର୍ମ ବିଶ୍ୱାସ ଏବଂ ପାରାମାନଙ୍କ ପ୍ରତିସମ୍ମାନ ଓ ଶ୍ରଦ୍ଧାଯୋଗୁ ପାରା ବା କପୋତମାନଙ୍କୁ ମନ୍ଦିର ପାଖରୁ ଆମ ନିକଟକୁ ଟାଣି ଆଣିଲା। ସେମାନଙ୍କୁ ନିୟମିତ ଖାଦ୍ୟ ଓ ଦାନା ମିଳିବାଦ୍ୱାରା ମଣିଷମାନଙ୍କ ପ୍ରତି ବିଶ୍ୱାସ ବୃଦ୍ଧି ପାଇଲା ଓ କ୍ରମଶଃ ସେମାନେ ମନ୍ଦିର ଛାଡ଼ି କୋଠାଘରଗୁଡ଼ିକୁ ସୁରକ୍ଷିତ ବାସସ୍ଥାନ ଭାବି ରହିଲେ ଓ ସେମାନଙ୍କ ବଂଶ ବୃଦ୍ଧିପାଇଲା। ତେଣୁ ସେମାନଙ୍କ ବଂଶବୃଦ୍ଧି ପାଇଁ ଆମେ ଦାୟୀ, ସେମାନେ ନୁହନ୍ତି। ଆମେ ଅଜାଣତରେ ସେମାନଙ୍କୁ ରହିବା, ଖାଦ୍ୟ ଯୋଗାଇବା, ବସା ନିର୍ମାଣ କରିବା ଏବଂ ସଂଖ୍ୟା ବୃଦ୍ଧି କରିବାକୁ ନିମନ୍ତ୍ରଣ କରିଛୁ। ବର୍ତ୍ତମାନ ବୁଲିପଡ଼ି ସେମାନଙ୍କୁ ଗାଳିଦେବା କେବଳ ବିଡ଼ମ୍ବନାପୂର୍ଣ୍ଣ ନୁହେଁ, ଏକ ଘୋର ଅନ୍ୟାୟ କାରଣ ସେମାନେ ତ ପକ୍ଷୀ।

ଘୃଣା ବିନା ଏହି ସମସ୍ୟାର ସମାଧାନ ମଧ୍ୟ ଆମ ହାତରେ ଅଛି। ଯଦି କପୋତ ବା ପାରାଙ୍କ ଅତ୍ୟଧିକ ସଂଖ୍ୟା ପ୍ରକୃତରେ ଏକ ଚିନ୍ତାର ବିଷୟ, ତେବେ ଏହାକୁ ପରିଚାଳନା କରିବାର ମାନବୀୟ ଏବଂ ପ୍ରଭାବଶାଳୀ ଉପାୟ ଅଛି। ପ୍ରଥମ ଏବଂ ସର୍ବୋପରି, ସେମାନଙ୍କୁ ଖାଇବାକୁ ଦେବା ବନ୍ଦ କରିବାକୁ ପଡ଼ିବ। ଯେତେବେଳେ ଖାଦ୍ୟର ଉତ୍ସ ବନ୍ଦହୋଇଯିବ, କପୋତ ବା ପାରାମାନେ ଅନ୍ୟତ୍ର ଖାଦ୍ୟ ଖୋଜିବାକୁ ଚାଲିଯିବେ। ଦ୍ୱିତୀୟତଃ, ଘର ଏବଂ କୋଠାଗୁଡ଼ିକୁ ବିଭିନ୍ନ ପ୍ରକାରର ଜାଲି ଦ୍ୱାରା ପ୍ରତିରୋଧ କରିବା ଏକ ଜରୁରୀ ପଦକ୍ଷେପ। ଜାଲି କିମ୍ବା ଗଡ଼ାଣିଆ ସ୍ଥାନ ସ୍ଥାପନ କରିବା ଯାହା ଫଳରେ ସେମାନେ ନୂଆ ବସା କରିପାରିବେ ନାହିଁ। ବାଲକୋନି, କାନ୍ଥରେ ଥିବା ଗାତ, ଲିଫ୍ଟର ଫାଟ ଏବଂ ଅନ୍ୟାନ୍ୟ ସ୍ଥାନକୁ ସିଲ୍ କରିବା ଦ୍ୱାରା ସମ୍ଭାବ୍ୟ ବାସସ୍ଥାନର ପ୍ରବେଶକୁ ରୋକାଯାଇପାରିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ପଦକ୍ଷେପଗୁଡ଼ିକ ସକ୍ରିୟ ହେବା ଉଚିତ, ପ୍ରତିକ୍ରିୟାଶୀଳ ନୁହେଁ।

ଇଣ୍ଟରନେଟ୍ ଯୁଗରେ ଫେସବୁକ, ହ୍ୱାଟ୍ସଆପ, ଲିଙ୍କଡଇନ,ଟୁଇଟର ଇତ୍ୟାଦି କପୋତ ବା ପାରାଗୁଡ଼ିକର ଡାକ ଓ ତା'ର ସେବା ଓ ସଙ୍କେତ ବାହକ ସେବାକୁ ଇତିହାସର ଗର୍ଭକୁ ଠେଲିଦେଇଛି ଓ ସେମାନଙ୍କୁ ବାର୍ତ୍ତାବାହକ ଏବଂ ଯୁଦ୍ଧ ନାୟକରୁ ସୁବିଧାଜନକ ଭାବରେ ଦୋଷଦେଇ ଅବୈଜ୍ଞାନିକ ଭାବରେ ଉଡନ୍ତା ମୂଷା ନାମରେ ଅପମାନିତ କରିଚାଲିଛି। ଏହା ମଣିଷର ସାର୍ଥପର, ଅବୈଜ୍ଞାନିକ ଓ ଅମାନବିକ ଗୁଣର ଖୋଲା ପରିଚୟକୁ ସ୍ପଷ୍ଟ ଭାବରେ ସୂଚିତ କରୁଛି। ଏଣୁ ଠିକ୍ ତଥ୍ୟ ଉପସ୍ଥାପନ କରିବାର ମାଧ୍ୟମ କେବଳ ବୈଜ୍ଞାନିକ ଦୃଷ୍ଟିକୋଣର ବିଚାର ଦ୍ୱାରା ହିଁ ସମ୍ଭବ। ବିପଦରେ ସହାୟ ହୋଇଥିବା ବନ୍ଧୁକୁ ଅପମାନ କଲେ ତାକୁ କୃତଘ୍ନ ବା ବିଶ୍ୱାସଘାତକ କୁହାଯିବ, ମଣିଷ ନୁହେଁ।

ମୋ:୯୪୩୭୧୨୩୮୯୨

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଜାଖାନା ସଂଶୋଧନ ପ୍ରହସନ ହେବ କି

ମହାଶୟ,

ବହୁ ବ୍ୟକ୍ତିଙ୍କ ଦୀର୍ଘବର୍ଷର ଦେହାନ୍ତ ପରେ ବି ସେମାନଙ୍କ ନାମ ଜମି ରେକର୍ଡରେ ଗଡ଼ିଚାଲିଛି ଏବଂ ଏଥିପାଇଁ ପିଢ଼ି ପରେ ପିଢ଼ି ଡକ୍ୟୁମେଣ୍ଟ ପାଇଁ ବହୁ ହୀନସ୍ତା ହେଉଛନ୍ତି। ଏହି ସମସ୍ୟାର ସମାଧାନ ନିମନ୍ତେ ଓଡ଼ିଶା ସରକାର କଲମ୍–୨ (ପ୍ରଜାଖାନା ସଂଶାଧନ) ଜରିଆରେ ରେକର୍ଡ ପ୍ରସ୍ତୁତ ଉପରେ ଗୁରୁତ୍ୱ ଦେଇ ରାଜସ୍ୱ କର୍ମକର୍ତ୍ତା ଲୋକଙ୍କ ଘରେ ପହଞ୍ଚି ସେବା ଯୋଗାଇଦେବା ବିଷୟ କୁହାଯାଇଛି, ଯାହା ସ୍ୱାଗତଯୋଗ୍ୟ। କିନ୍ତୁ କାମରେ ସମ୍ପୂର୍ଣ୍ଣ ବିପରୀତ। ଯେଉଁମାନଙ୍କ ନାମରେ ଭୂଲିପି ନାହିଁ ସେମାନେ ମୃତ୍ୟୁ ଓ ଉତ୍ତରାଧିକାରୀ ପ୍ରମାଣପତ୍ର ସହ ଆବଶ୍ୟକ ସ୍ଥଳେ ସତ୍ୟପାଠ ଓ ଦଲିଲ ନକଲ ଦାଖଲକରି ତହସିଲକୁ ନ୍ୟାୟ ମାଗିଲେ ରେକର୍ଡ ସଂଶୋଧିତ ହେବ ବୋଲି ପ୍ରଚାର ଚାଲିଛି। ତେବେ ପ୍ରଜାଖାନା ସଂଶୋଧନରେ କେବଳ ଜମାନବନ୍ଦୀ(ଖତିୟାନ ସଂଖ୍ୟା) ନମ୍ବର ଅନୁସାରେ ଅଭିଯୋଗ ଦେବାକୁ କହିଲାବେଳେ ପ୍ରାପ୍ତିସ୍ୱୀକାର ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି।

– ଦୁର୍ଗାପ୍ରସାଦ ତ୍ରିପାଠୀ, ସାହୁପଡ଼ା, ବ୍ରହ୍ମଗିରି

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବଧୂ ଆସେ ମୋର ଧୀର ସୁଲଳିତ
ତୃତୀୟା ଜୋଛନା ସମ
ବଢ଼ାଏ ମୋ କରେ କମ୍ପିତ କର
ସୁକୁମାର ଅନୁପମ
ଲାଜଲା ଗଣ୍ଡେ ନ କହଇ କଥା
ଭାଦର ବଉଦେ ଲୁଚାଏ ତା' ମଥା
କି ନିବିଡ଼ ବ୍ୟଥା ଲାଗେ ଏ ପୀରତି–
ପୀଡ଼ିତ ମରମେ ମମ
ବଧୂ ଆସେ ମୋର ଧୀର ସୁଲଳିତ
ତୃତୀୟା ଜୋଛନା ସମ ।

–(ମଧୁ–ବିବାହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଅବସରପ୍ରାପ୍ତ ବନ କର୍ମଚାରୀଙ୍କ ପରଲୋକ

ବରୀ,୧୩।୮(ମହେନ୍ଦ୍ର ସ୍ୱାଇଁ)

ବରୀ ବ୍ଲକ ଅରଙ୍ଗାବାଦ ପଞ୍ଚାୟତ ଆନନ୍ଦପୁର ଗ୍ରାମର ଖବରଦାତା ପ୍ରଭାତ ମହାନ୍ତିଙ୍କ ବାପା ତଥା ଅବସରପ୍ରାପ୍ତ ବନକର୍ମଚାରୀ ମନ୍ମଥନାଥ ମହାନ୍ତିଙ୍କ ବୁଧବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୯୮ବର୍ଷ ବୟସ ହୋଇଥିଲା। ସେ କିଛିଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିଥିଲେ। ସେ ଅବସର ଗ୍ରହଣ କରି ବିଭିନ୍ନ ସାମାଜିକ କ୍ଷେତ୍ରରେ ନିଜକୁ ନିୟୋଜିତ କରିଥିଲେ। ଜଣେ ସରଳ, ପରୋପକାରୀ, ମିଷ୍ଟଭାଷୀ ଓ ସ୍ନେହବତ୍ସଳ ବ୍ୟକ୍ତିଭାବେ ସମସ୍ତଙ୍କ ନିକଟରେ ପରିଚିତ ଥିଲେ। ମରଶରୀରକୁ ଏକ ବିରାଟ ପଟୁଆରରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁତ୍ର ପ୍ରଭାତ ମହାନ୍ତି ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ପୂର୍ବତନ ବିଧାୟିକା ସୁନନ୍ଦାଦାସ, ଭାଜପା ନେତା ଉମେଶ ଜେନା, ପୂର୍ବତନ ଭାଜପା ଜିଲା ସଭାପତି ଆଶୁତୋଷ ପରିଡ଼ା, ପ୍ରଗତି କ୍ଲବ ସଭାପତି ବିଚିତ୍ରାନନ୍ଦ ପୁହାଣ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଆଜି ୩୮ ସରପଞ୍ଚ, ସମିତିସଭ୍ୟଙ୍କ ଦସ୍ତଖତ ଯାଞ୍ଚ

## ଧର୍ମଶାଳା ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପ୍ରସଙ୍ଗ

କାଏମା,୧୩।୮(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟଙ୍କ ବିରୋଧରେ ହୋଇଥିବା ଅନାସ୍ଥା ପ୍ରସ୍ତାବ ଉପରେ ଗୁରୁବାର ଯାଜପୁର ଉପଜିଲାପାଳ(ଏଡିଏମ୍)ଙ୍କ କାର୍ଯ୍ୟାଳୟରେ ଦସ୍ତଖତ ଯାଞ୍ଚ କରାଯିବ। ୩୮ ସରପଞ୍ଚ ଓ ସମିତିସଭ୍ୟ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ହାଜର ହୋଇ ନିଜର ଦସ୍ତଖତ ଯାଞ୍ଚ କରାଇବେ। ଏନେଇ ଅନସ୍ଥା ଆଣିଥିବା ୩୮ ସମିତିସଭ୍ୟ ଓ ସରପଞ୍ଚଙ୍କୁ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ହାଜର ହେବା ପାଇଁ ବିଡିଓ ଚିଠି ମାଧ୍ୟମରେ ଅବଗତ କରିଛନ୍ତି। ଏହାପରେ ଯଦି ଅନାସ୍ଥାରଆବଶ୍ୟକତାରହିଛିବୋଲିଉପଜିଲାପାଳ ଅନୁଭବ କରନ୍ତି, ତେବେ ସେ ଅନାସ୍ଥା ଭୋଟ ପାଇଁ ନିର୍ଦ୍ଦେଶ ଦେଇପାରନ୍ତି ବୋଲି ସୂଚନା ମିଳିଛି।

ଧର୍ମଶାଳାରେ ୨୦୧୭ରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ସାନଭାଇ ପ୍ରଭାତ ବ୍ଲକ ଅଧ୍ୟକ୍ଷ ଭାର ସମ୍ଭାଳିଥିଲେ। ୨୦୨୨ ପଞ୍ଚାୟତ ନିର୍ବାଚନରେ ସେ ସମିତିସଭ୍ୟ ଭାବେ ବିଜୟୀ ହୋଇ ପୁଣି ଥରେ ଅଧ୍ୟକ୍ଷ ପଦଲାଭ କରିଥିଲେ। ଗତ ସାଧାରଣ ନିର୍ବାଚନରେ ଧର୍ମଶାଳାରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଣବଙ୍କୁ ପରାସ୍ତ କରି ହିମାଂଶୁ ଶେଖର ସାହୁ ବିଧାୟକ ହୋଇଛନ୍ତି। ଏଥିସହିତ ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଛି। ସରକାର ପରିବର୍ତ୍ତନ ପରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ଏଠାରେ ବିଜେଡି ଓ ଭାଜପା ସମର୍ଥକଙ୍କ ମଧ୍ୟରେ ଛକାପଞ୍ଝା ଲାଗିରହୁଛି। ଫଳରେ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏଥିଯୋଗୁ ସରପଞ୍ଚ ଓ ସମିତିସଭ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାର ଫଳସ୍ୱରୂପ ଗତ ୧୦ ତାରିଖରେ ସରପଞ୍ଚ ଓ ସମିତିସଭ୍ୟ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ଧର୍ମଶାଳା ବ୍ଲକରେ ୪୫ ପଞ୍ଚାୟତ ରହିଥିବାବେଳେ ୩୮ ସମିତିସଭ୍ୟ ଓ ସରପଞ୍ଚ ନିଜ ଦସ୍ତଖତରେ ଯାଜପୁର ଉପଜିଲାପାଳଙ୍କ ନିକଟରେ ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପାଇଁ ଦାବି କରିଛନ୍ତି। ତେବେ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ଭୋଟ ଆସିଲେ ତାଙ୍କର ପରାଜୟ ହେବାର ଅଶଙ୍କା ଅଧିକ ରହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବ୍ଲକରେ ବିଜେଡି ସମର୍ଥିତ ଅଧ୍ୟକ୍ଷଙ୍କ ପରାଜୟ ହେଲେ ଧର୍ମଶାଳାରେ ବିଜେଡି ସ୍ଥିତି ହରାଇବା ନେଇ ରାଜନୈତିକ ଗବେଷକମାନେ ମତପୋଷଣ କରିଛନ୍ତି।

# କ୍ଷୀର ପରିବହନ ଗାଡ଼ିରୁ ୧୮ ଷଣ୍ଢ ଉଦ୍ଧାର

ଚଣ୍ଡିଖୋଲ/ବଡ଼ଚଣା, ୧୩।୮ (ପ୍ରଦୀପ୍ତ ପୃଷ୍ଟି/ ଦିଲୀପ ମହାନ୍ତି)



ଦିନକୁଦିନ ଜାତୀୟ ରାଜପଥ ୫୩ ଓ ୧୬ରେ ଗୋଚାଲାଣ ବଢ଼ିଚାଲିଛି। ଆମ୍ବୁଲାନ୍ସ, ବସ, ଟ୍ରକ୍ ଏବଂ ବୋଲେରୋ ଗାଡ଼ିରେ ଗୋଚାଲାଣ ହେଉଥିଲାବେଳେ ଏବେ କ୍ଷୀର ପରିବହନ ଗାଡ଼ିରେ ବି ଗୋଚାଲାଣ ହେଉଛି। ମଙ୍ଗଳବାର ରାତିରେ ଏକ କ୍ଷୀର ପରିବହନ ଗାଡ଼ି(ଓଡି-୦୫ବିଏସ-୪୬୧୮)ରେ ୧୮ ଷଣ୍ଢ ଚାଲାଣ ହେଉଥିଲେ। ବିଶେଷ ସୂତ୍ରରୁ ଖବର ପାଇ ବଡ଼ଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରା ଉକ୍ତ ଗାଡ଼ିକୁ ଚଣ୍ଡିଖୋଲ ଛକ ନିକଟରେ କାବୁ କରିଛନ୍ତି। ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ହୋଇ ଯାଇଛନ୍ତି। ସେହିପରି ଆଉ ଏକ ବୋଲେରୋ (ଓଡି୦୫ବି ଏକ୍ସ ୨୩୧୩)ରେ ୧୪ ଗୋଚାଲାଣ ହେଉଥିବା ବେଳେ ସୁଙ୍ଗୁଡା କେନାଲ ରାସ୍ତାରେ ଗାଡ଼ିକୁ ଥାନା ଅଧିକାରୀ ଅଟକାଇ ଚଣ୍ଡିଖୋଲ ଫାଣ୍ଡିକୁ ଆଣିଥିଲେ। ପରେ ଗୋ ଚିକିତ୍ସକଙ୍କୁ ଡାକି ଗୋମାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେଥିରୁ ତିନୋଟି ଗୋମାତାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ବଡ଼ଚଣା ପ୍ରଖଣ୍ଡର ସଭ୍ୟମାନେ ନଡ଼ା ଓ ଗୋଖାଦ୍ୟ ଆଣି ସମସ୍ତ ଗୋମାତାଙ୍କୁ ଖାଇବାକୁ ଦେଇଥିଲେ।

# ନବ ନିର୍ମାଣ ଯୁବ ଛାତ୍ର ସଂଗଠନର ପଦଯାତ୍ରା




ଚଣ୍ଡିଖୋଲରେ ପହଞ୍ଚିଥିବା ନବନିର୍ମାଣ ଯୁବ ଛାତ୍ର ସଂଗଠନର ଶୋଭାଯାତ୍ରା।

ଚଣ୍ଡିଖୋଲ/ବଡ଼ଚଣା,୧୩।୮(ପ୍ରଦୀପ୍ତ ପୃଷ୍ଟି/ଦିଲୀପ ମହାନ୍ତି)

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣା ପରେ ନାରୀ ସୁରକ୍ଷା ଦାବିରେ ନବନିର୍ମାଣ ଯୁବ ଛାତ୍ର ସଂଗଠନ ପକ୍ଷରୁ ଗତ ୪ ତାରିଖରୁ ପଦଯାତ୍ରା ଆରମ୍ଭ ହୋଇଛି। ବୁଧବାର ଏହି ଯାତ୍ରା ଚଣ୍ଡିଖୋଲଠାରେ ପହଞ୍ଚି ଥିଲା। ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଯୋଗଦେଇ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ସରକାରଙ୍କ ଉପରେ ବର୍ଷିଥିଲେ। ସେ କହିଥିଲେ, ନାରୀଙ୍କ ସୁରକ୍ଷା ନେଇ ସରକାର ଆଦୌ ଚିନ୍ତିତ ନୁହନ୍ତି। ଯେ ପର୍ଯ୍ୟନ୍ତ ନାରୀଙ୍କ ସୁରକ୍ଷା ନେଇ ସରକାର ସମ୍ବେଦନ ଶୀଳ ନ ହୋଇଛନ୍ତି, ସେ ପର୍ଯ୍ୟନ୍ତ ସଂଗ୍ରାମ ଚାଲିବ। ଆସନ୍ତା ୧୮ ତାରିଖରେ ପଦଯାତ୍ରା ଭୁବନେଶ୍ୱରରେ ପହଞ୍ଚିବ ବୋଲି ସେ ପ୍ରକାଶ କରିଥିଲେ। ନବ ନିର୍ମାଣ ଯୁବ ଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ଏମ୍‌ଡି ମନୱର ଅଲ୍ଲିଙ୍କ ନେତୃତ୍ୱରେ ଅମିତ ଜେନା, ରଣଜିତ ପଟ୍ଟନାୟକ, ଜାହିର ଖାଁ, ଅଶ୍ୱିନୀ ଜେନା, ଦିନେଶ ଦାସ ଓ ସ୍ମୃତି ରଞ୍ଜନ ସାମଲ ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ।

# ବ୍ରଜପାତରେ ଜଳିଗଲା ତାଳ ଗଛ

ପାଣିକୋଇଲି, ୧୩।୮ (ବିକାଶ ମଲ୍ଲିକ)

ପାଣିକୋଇଲି ଥାନା ଓଟିନ୍ଦା ଗ୍ରାମର କୃଷ୍ଣଚନ୍ଦ୍ର ନାୟକଙ୍କ ଘରପାଖରେ ଥିବା ଏକ ତାଳଗଛ ବଜ୍ରପାତରେ ଜଳିଯାଇଛି। ପ୍ରଚଣ୍ଡ ଶବ୍ଦରେ ତାଙ୍କ ସ୍ତ୍ରୀ ଆହତ ହୋଇଛନ୍ତି।



## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. ELOP-T-08-2025

**କାର୍ଯ୍ୟର ନାମ :** ତିନି ବର୍ଷ ଅବଧି ନିମନ୍ତେ MEMU କାର ସେଡ୍, ଖୋର୍ଦ୍ଧା ରୋଡ଼ ଠାରେ ନନ୍-କୋର୍ କାର୍ଯ୍ୟକଳାପ ଗୁଡ଼ିକର ବହିଃସ୍ରୋତ।

**ବିଜ୍ଞାପିତ ମୂଲ୍ୟ (₹) :** 7,00,69,678.92, EMD (₹) : 5,00,400.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 11,800.00, ଶେଷ ହେବା ଅବଧି : 36 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.14.08.2025 ରିଖ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.08.2025 ରିଖ 1600 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ଼

PR-469/Q/25-26

## ଦ.ପୂ. ରେଳପଥ – ଟେଣ୍ଡର

**ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୨୬।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଯାନ୍ତ୍ରିକ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର **୧୫.୦୦ ଘଟିକା** ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହାକୁ **୧୫.୩୦** ଘଟିକାରେ ଖୋଲାଯିବ। **କ୍ର.ସଂ; ଟେଣ୍ଡର ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଅମାନତ ରାଶି (୧) ଇ-କେଜିପି-ସାଉଥ୍-୪୫-୨୦୨୫;** ଏଡିଇଏନ୍ (ଦକ୍ଷିଣ)/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅନ୍ତର୍ଗତ ଖଡ଼ଗପୁର-ଲକ୍ଷ୍ମଣନାଥ ରୋଡ୍ ସେକ୍ସନରେ ମିଶନ୍ ୩୦୦୦ଏମ୍‌ଟି ଅଧୀନରେ ବିଦ୍ୟମାନ ସେତୁ ସ୍ଲାବକୁ ପିଏସ୍‌ସି ସ୍ଲାବ୍ ଦ୍ୱାରା ପ୍ରତିବଦଳ କରିବା ଏବଂ ଅନ୍ୟାନ୍ୟ ତତ୍‌ସମ୍ପର୍କିତ କାର୍ଯ୍ୟ (୫୭ ଗୋଟି ସେତୁ)। ₹୮୩,୭୨,୧୯,୬୮୪.୨୩; ₹୪୩,୩୬,୧୦୦.୦୦; **(୨) ଇ-କେଜିପି-ସାଉଥ୍-୪୬-୨୦୨୫;** ଏଡିଇଏନ୍ (ଦକ୍ଷିଣ)/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅନ୍ତର୍ଗତ ଲକ୍ଷ୍ମଣନାଥ ରୋଡ୍-ନୂଆଗାଁ ମୟୂରଭଞ୍ଜ ରୋଡ୍ ସେକ୍ସନରେ ମିଶନ୍ ୩୦୦୦ଏମ୍‌ଟି ଅଧୀନରେ ବିଦ୍ୟମାନ ବ୍ରିକ୍ ସ୍ଲାବକୁ ପିଏସ୍‌ସି ସ୍ଲାବ୍ ଦ୍ୱାରା ପ୍ରତିବଦଳ କରିବା ଏବଂ ଅନ୍ୟାନ୍ୟ ତତ୍‌ସମ୍ପର୍କିତ କାର୍ଯ୍ୟ (୪୯ ଗୋଟି ସେତୁ)। ₹୮୦,୯୬,୫୩,୭୫୬.୧୪; ₹୪୧,୯୮,୩୦୦.୦୦; **(୩) ଇ-କେଜିପି-ସାଉଥ୍-୪୭-୨୦୨୫;** ଏଡିଇଏନ୍/ବିଏଲ୍‌ଏସ୍‌ଙ୍କ କ୍ଷେତ୍ରାଧିକାର ଅନ୍ତର୍ଗତ ନୂଆଗାଁ ମୟୂରଭଞ୍ଜ ରୋଡ୍-ଭଦ୍ରକ ସେକ୍ସନରେ ମିଶନ୍ ୩୦୦୦ଏମ୍‌ଟି ଅଧୀନରେ ବିଦ୍ୟମାନ ବ୍ରିକ୍ ସ୍ଲାବକୁ ପିଏସ୍‌ସି ସ୍ଲାବ୍ ଦ୍ୱାରା ପ୍ରତିବଦଳ କରିବା ଏବଂ ଅନ୍ୟାନ୍ୟ ତତ୍‌ସମ୍ପର୍କିତ କାର୍ଯ୍ୟ (୭୪ ଗୋଟି ସେତୁ)। **₹୭୮,୩୩,୮୭,୧୩୫.୬୪; ₹୪୦,୬୬,୯୦୦.୦୦; ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୦.୦୦ (କ୍ର.ସଂ ୧ରୁ ୩ ପାଇଁ); **ଖୋଲାଯିବା ତାରିଖ:** ତା୦୩।୦୯।୨୦୨୫ରିଖ (କ୍ର.ସଂ. ୧ରୁ ୩ ପାଇଁ); **କାର୍ଯ୍ୟର ସମାପ୍ତି ଅବଧି:** କ୍ର.ସଂ. ୩୬ ମାସ (କ୍ର.ସଂ. ୧ରୁ ୩ ପାଇଁ); **ବିଡିଂ ଆରମ୍ଭ ତାରିଖ: କ୍ର.ସଂ. ୧ରୁ ୩ ପାଇଁ** ତା୨୦।୦୮।୨୦୨୫ରିଖରୁ ତା୦୩।୦୯।୨୦୨୫ରିଖ **୧୫.୦୦ ଘଟିକା** ପର୍ଯ୍ୟନ୍ତ। ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-517)

GOVERNMENT OF ODISHA No.B-353

## OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR

Mail ID : sepwdsbp@rediffmail.com

e-Procurement

BID IDENTIFICATION NO. CCENC (R AND B) / 05 / 2025-26

No. 2688 Dtd.29.07.2025

1. The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system in **ONLINE MODE** for the construction of **Road Work** as detailed in the DTCN from the eligible class of contractors.
2. No. of works : **14 (Fourteen) (Road Works)**
3. Tender Cost : **Rs. 10,000/-**
4. Class of contractor : **"B" Class, "A" Class and "Special" Class**
5. Date & Time of available in website & receipt of Bids from **18.08.2025** to **17.00 hours of 03.09.2025.**
6. Date of opening of Technical Bid **04.09.2025 at 11.00 hours.**
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum / Addendum will be displayed in the website www.tendersodisha.gov.in.

OIPR-34035/11/0033/2526

Sd./- Chief Construction Engineer
Northern (R&B) Circle, Sambalpur



# ବ୍ୟକ୍ତିଗତ ଜମିରେ ରାସ୍ତା ନିର୍ମାଣ ଅଭିଯୋଗର ତଦନ୍ତ



ରାସ୍ତା କାର୍ଯ୍ୟର ତଦନ୍ତ କରିବାକୁ ଆସିଥିବା ଅଧିକାରୀ।

**ରସୁଲପୁର,୧୩।୮(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ବିଲିପଡ଼ା ଗ୍ରାମରେ ବ୍ୟକ୍ତିଗତ ଜମିରେ ରାସ୍ତା ନିର୍ମାଣ କରାଯାଉଥିବା ନେଇ ଅଭିଯୋଗ ହେବାପରେ ବୁଧବାର ତଦନ୍ତ ଆରମ୍ଭ ହୋଇଛି। ବିଡିଓ ସତ୍ୟାନନ୍ଦ ଦାଶଙ୍କ ପକ୍ଷରୁ ତଦନ୍ତ କରାଯାଇଛି। ଏଥିସହିତ ଅଧିକାରୀମାନେ ଅଭିଯୋଗକାରିଣୀ ସଂକୁନ୍ତଳା ଆଏଚଙ୍କୁ ଭେଟି ଆଲୋଚନା କରିଛନ୍ତି। ତହସିଲ ପକ୍ଷରୁ ମାପଚୁପ୍ କରାଯାଇ ସ୍ଥିତି ଯାଞ୍ଚ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେମାନେ ସୂଚନା ଦେଇଛନ୍ତି।

ଆର ଆଣ୍ଡ ବି ରାସ୍ତାଠାରୁ ଅମୂଲ୍ୟ ଆଏଚଙ୍କ ଘରକୁ ଭାୟା ସୀମା ଆଏଚଙ୍କ ଘର ଦେଇ ରାସ୍ତା ନିର୍ମାଣ ପାଇଁ ପ୍ରକଳ୍ପ ମଞ୍ଜୁର ହୋଇଥିଲା। ରାସ୍ତା କାର୍ଯ୍ୟ ଆରମ୍ଭ ପୂର୍ବରୁ ପଞ୍ଚାୟତ ପକ୍ଷରୁ ବିଡିଓଙ୍କ ଜରିଆରେ ତହସିଲଦାରଙ୍କ ପକ୍ଷରୁ ଜମିଜମା ସଂପର୍କିତ ତଥ୍ୟ ହାସଲ ହୋଇଥିଲା। ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନରେ ସରକାରୀ ରାସ୍ତା ରହିଥିବା ତହସିଲ ପକ୍ଷରୁ ପଞ୍ଚାୟତକୁ ପ୍ରଦାନ କରାଯାଇଥିବା କାଗଜାତ୍‌ରୁ ଜଣାପଡିଥିଲା। ସେହି ଅନୁସାରେ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ରାସ୍ତା ସୀମାକୁ ଲାଗିଥିବା ଘରୋଇ ଜମିର ମାଲିକ ସଂକୁନ୍ତଳା ଆଏଚ ରାସ୍ତା ନିର୍ମାଣକୁ ବିରୋଧ କରିଥିଲେ। ନିର୍ମାଣ ହେଉଥିବା ରାସ୍ତା ସରକାରୀ ନୁହେଁ ବରଂ ତାଙ୍କ ଜମି ଉପରେ ହେଉଛି ବୋଲି ଦର୍ଶାଇ ସେ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ବିଡିଓ ଅଭିଯୋଗକାରୀଙ୍କୁ ଜମିର ସୀମା ଚିହ୍ନଟ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଅଭିଯୋଗକାରିଣୀଙ୍କ ପୁଅ ନାରାୟଣ ଆଏଚ ସହଯୋଗ କରି ନ ଥିଲେ। ପରେ ରାସ୍ତା ନିର୍ମାଣକୁ ବିରୋଧ କରି ସେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା।

ବିଡିଓଙ୍କ ନେତୃତ୍ୱରେ ରସୁଲପୁର ତହସିଲଦାରଙ୍କ ପ୍ରତିନିଧି ଭାବରେ ମଧୁବନ ରାଜସ୍ୱ ସର୍କଲର ନିରୀକ୍ଷିକା ଲକ୍ଷ୍ମୀପ୍ରିୟା ପାତ୍ର, କନିଷ୍ଠ ଯନ୍ତ୍ରୀ ବନ୍ଦନା ତନ୍ତି, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରବୀନ୍ଦ୍ର ଦାସ, ଏଡିଓ ବିଶ୍ୱନାଥ ଜେନା, ନାଏବ ସରପଞ୍ଚ କେଦାର ଦେଓ ପ୍ରମୁଖ କ୍ଷେତ୍ର ପରିଦର୍ଶନ କରି ଅଭିଯୋଗକୁ ନେଇ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ସୀମା ଆଏଚ ତାଙ୍କ ଘରକୁ ପକ୍କା ରାସ୍ତାର ଆବଶ୍ୟକତା ଉପରେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖୁବ୍‌ଶୀଘ୍ର ରାସ୍ତା ନିର୍ମାଣକୁ ନେଇ ରହି ଆସୁଥିବା ଅଚଳାବସ୍ଥା ଦୂର କରାଯିବ ବୋଲି ବିଡିଓ ଗାଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ।



## जमशेदपुर अधिसूचित क्षेत्र समिति का कार्यालय, जमशेदपुर

New Kalimati Road, Sakchi-831001, E-mail ID-jnacjsr@gmail.com

JNAC

पत्रांक–2266 दिनांक–12.08.2025

**–:शुद्धि पत्र:–**

जमशेदपुर अधिसूचित क्षेत्र समिति के द्वारा आमंत्रित ई0 निविदा आमंत्रण सूचना सं0–10 / 2025–26 जिसका PR No. 358963 Urban Development (25-26):D में अपरिहार्य तकनीकी कारणों से निम्नवत संशोधित किया जाता है :–

| 1. | Name of the work | Faecal Sludge and Septage Management Under Jamshedpur Notified Area Committee (JNAC), Hurlung Jamshedpur. (4th Call) | |
|---|---|---|---|
| क्र0 सं0 | विवरणी | पूर्व में प्रकाशित | संशोधित |
| 2 | Estimated Cost (rs.) | Construction cost with operation & maintenance cost of one year total Rs. 3,33,49,799.00 | Construction cost :- ₹ 3,02,32,094.00 Operation & Maintenance cost :- ₹ 31,17,705.00 Total cost :- ₹ 3,33,49,799.00 |
| 5 (a) | Time of Completion | 1Year | 1 year including one month of trial run. |
| (b) | Defect Liability Period | 1Year | Defect liability period 1 years after satisfactory completion of project. |
| (c) | O&M Period | 1Year | 1 year after satisfactory completion of project. |
| 6 | Date/Time of publication of tender on website | 11.08.2025 at 05:00 Pm | 21.08.2025 at 05:00 Pm |
| 7 | Document downloading Start date | 11.08.2025 at 05:00 Pm | 21.08.2025 at 05:00 Pm |
| 8 | Pre bid meeting date, Time & venue | 14.08.2025 at 03:00 Pm, JNAC Conference Hall | 25.08.2025 at 03:00 Pm, JNAC Conference Hall |
| 9 | Bid Submission Start date | 18.08.2025 at 05:00 Pm | 28.08.2025 at 11:00 Am |
| 10 | Bid Submission end date | 25.08.2025 at 05:00 Pm | 08.09.2025 at 05:00 Pm |
| 11 | Bid Opening date | 26.08.2025 (Online) 03:00PM | 09.09.2025 (Online) 03:00PM |

शेष सभी नियम एवं शर्त्ते यथावत रहेगी।

उप नगर आयुक्त,
जमशेदपुर अधिसूचित क्षेत्र समिति, जमशेदपुर

PR 359493 Urban Development(25-26)#D

GOVERNMENT OF CHHATTISGARH, WATER RESOURCES DEPARTMENT

## OFFICE OF THE EXECUTIVE ENGINEER KHARUNG WATER RESOURCES DIVISION BILASPUR, DISTT.-BILASPUR(C.G.)

## e-PROCUREMENT TENDER NOTICE

eProcurement Portal: https://eproc.cgstate.gov.in

(FIRST CALL)

NIT No.: 05,06,07/SAC/2025-26 Dated:12.08.2025

Online Tenders are invited for the following works upto 02.09.2025 at 17.30 Hour

01.Name of Work:- RENOVATION/REPAIR OF C.C. LINING STRENGTHENING & RECONSTRUCTION OF STRUCTURE AND CANAL BANKS OF POUNSARA DISTRIBUTARY, BAIMA MINOR AND BAIMA SUB MINOR OF RBC KHARUNG TANK SCHEME.

**Tender System No.173531, Probable Amount of Contract: Rs.283.49 Lakhs**

**02. Name of Work:** REPAIR/RENOVATION OF C.C.LINING IN BETWEEN RD 41130 M. TO 46160 M, RECONSTRUCTION OF FOOT BRIDGE AT RD 42030 M, CROSS DRAINAGE AT RD 67320 M. AND 05 NOS. OF FALL OF LBC MAIN CANAL OF KHARUNG TANK SCHEME.

**Tender System No.173539, Probable Amount of Contract:- Rs.256.64 Lakhs**

**03. Name of Work:** REPAIR & MAINTENANCE OF C.C. LINING OF KHAIRKHUNDI MINOR IN BETWEEN RD 0 M. TO RD 720 M, SARWANDEORI MINOR IN BETWEEN RD 0 M. TO RD 1300 M, LAKHRAM MINOR IN BETWEEN RD 0 M. TO RD 1780 M, LAKHRAM SUB MINOR IN BETWEEN RD 0 M. TO RD 1240 M, SINGHRI SUB MINOR IN BETWEEN RD 0 M. TO RD 440 M, PARSADA DISTRIBUTARY IN BETWEEN RD 0 M. TO RD 5710 M & MINOR CANALS OF RBC OF KHARUNG TANK SCHEME.

**Tender System No.173541, Probable Amount of Contract:- Rs.214.37 Lakhs (Probable Amount of Contract based on SOR 01.05.2025)**

The details can be viewed and downloaded online directly from the Government of Chhattisgarh Integrated e-Procurement Portal **(https://eproc.cgstate.gov.in) from Date 19.08.2025, at 17.31 Hours. (IST) onwards.**

**NOTE:** 1- All eligible/interested contractors/bidders are mandated to get enrolled on the Integrated e-procurement portal **(https://eproc.cgstate.gov.in)** and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.

2. It is mandatory for the tenderer to use the certificate issued for Pre Bid Qualification (Valid upto 30.09.2025) in the year 2024 in this tender.

G- 252602796/10

**Sd./- EXECUTIVE ENGINEER
KHARUNG W.R. DIVISION,
BILASPUR (C.G.)**

## ଯୁକୋ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

## ସୁନା ନିଲାମ ବିଜ୍ଞପ୍ତି

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖାରେ** ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୬.୦୮.୨୦୨୫ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ **ତା.୨୯.୦୮.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ଫିରିଙ୍ଗିଆ ଶାଖା, ପୋ: ଫିରିଙ୍ଗିଆ, ଜିଲ୍ଲା: କନ୍ଧମାଳ, ଶାଖା ପ୍ରବନ୍ଧକଙ୍କ ନାମ: ପ୍ରିୟବ୍ରତ କର୍ଣ୍ଣ, ମୋ.: ୮୨୮୦୦୮୮୮୧୨** | | |
| ୧. | **ଚନ୍ଦ୍ରମଣୀ ଦିଗାଲ,** ସା: ବପଙ୍ଗା, ବାଲନ୍ଦାପଡା, ଗୋଛାପଡା, ଫୁଲବାଣୀ - ୭୬୨୦୧୧ / ୧୦୩୬୦୬୧୦୦୨୦୧୦୪ | ଟ.୧୨,୦୦୦/- + ସୁଧ ଏବଂ ଦେୟ | ୬.୪୦ |
| ୨. | **ଆଲୋକ ସାହାଣୀ,** ସା: ତେଲପାଲି, ସରୁଜୁଇ, ଫୁଲବାଣୀ - ୭୬୨୦୧୧ / ୧୦୩୬୦୬୧୦୦୨୦୧୩୫ | ଟ.୨୭,୦୦୦/- + ସୁଧ ଏବଂ ଦେୟ | ୮.୮୦ |
| ୩. | **ଜ୍ଞାନ ରଞ୍ଜନ ବିଶୋଇ,** ସା: ଡିଣ୍ଡିରା ଗାଁ, ଫିରିଙ୍ଗିଆ - ୭୬୨୦୧୧ / ୧୦୩୬୦୬୧୦୦୨୦୦୩୬ | ଟ.୪୪,୦୦୦/- + ସୁଧ ଏବଂ ଦେୟ | ୧୭.୦୯ |
| | **କୋଣାର୍କ ଶାଖା, କୋଣାର୍କ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୨, ଶାଖା ପ୍ରବନ୍ଧକଙ୍କ ନାମ: କିଶୋର ଚନ୍ଦ୍ର ମହାରଣା, ମୋ.: ୯୭୭୮୦୩୧୬୩୮** | | |
| ୧. | **ପ୍ରକାଶ ଚନ୍ଦ୍ର ବିଶ୍ୱାଳ,** ସା: ସାରଡା, କୋଣାର୍କ - ୭୫୨୧୧୧ / ୨୦୦୬୦୬୧୦୦୩୯୦୪୫ | ଟ.୨୧,୫୦୦/- + ସୁଧ ଏବଂ ଦେୟ | ୬.୪୦ |
| | **ମୈତ୍ରୀ ବିହାର ଶାଖା, ମୈତ୍ରୀ ବିହାର, ଭୁବନେଶ୍ୱର, ଶାଖା ପ୍ରବନ୍ଧକଙ୍କ ନାମ: ଉମେଶ ଚନ୍ଦ୍ର ନାୟକ, ମୋ.: ୬୩୭୧୦୦୬୯୫୮** | | |
| ୧. | **ସମ୍ଭୁନାଥ ଗୋଛାୟତ,** ସା: ତାରିଣୀ ନଗର, ସାଲିଆ ସାହି, ଭୁବନେଶ୍ୱର - ୭୫୧୦୧୩ / ୧୮୩୯୦୬୧୦୦୧୫୯୪୦ | ଟ.୯୩,୦୦୦/- + ସୁଧ ଏବଂ ଦେୟ | ୨୬.୩୫ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:

୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ।
୨.ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ।
**୩.ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାରଗୁଡ଼ିକ ପ୍ରଦାନ କରାଯିବ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦** ଦିନ ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ।

**ବି.ଦ୍ର: ସବିଶେଷ ବିବରଣୀ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ କୋ-ଅର୍ଡିନେଟର, ମୋ: ୭୮୭୩୦୧୬୮୨୧ଙ୍କ ସହ ଯୋଗାଯୋଗ କରନ୍ତୁ।**

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୩.୦୮.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

## पीएम श्री जवाहर नवोदय विद्यालय, बोद्ध

(नवोदय विद्यालय समिति की एक इकाई)
सिक्षा मंत्रालय, स्कूली सिक्षा एंव साक्षरता विभाग, भारत सरकार
गांव : पालझार, पोस्ट ऑफिस : सालकी, जिला : बोद्ध, राज्य : ओडिशा, पिन कोड : ७६२०२६

## PM SHRI JAWAHAR NAVODAYA VIDYALAYA, BOUDH

(A unit of Navodaya Vidyalaya Samiti)
Ministry of Education, Deptt. of School, Education & Literacy, Govt. of India
Village : Paljhar, PO : Salki, Distt : Boudh, State : Odisha, Pin : 762026
Email : jnvboudh@gmail.com School Code : 19060 CBSE Affl. No. 1540023 UDISE No : 21220107102
Website - https://www.navodaya.gov.in/nvs/nvs-school/Boudh/en/home/
GSTIN NO. - 21BBNJ00254CIDE

F. No. - 5-5/2025/PM SHRI/JNVBDH/1238 Date : 13.08.2025

## NOTIFICATION FOR WALK-IN-INTERVIEW

A walk-in-interview will be conducted on 22nd August - 2025 at 10.00 AM at PM SHRI School, Jawahar Navodaya Vidyalaya, Paljhar, Dist. - Boudh (Odisha) for the following temporary engagement of Teacher/Experts for 2025-26 under PM SHRI Project for short-term duration.

| Sl. No. | Position | No. of Posts | Essential Qualification | Monthly Remuneration | Duty Modalities |
|---|---|---|---|---|---|
| 01. | Yoga Trainer | 01 | Graduate with 1 year Post Graduate Diploma in Yoga OR Post Graduate with Diploma/Certificate in Yoga OR Bachelor's Degree in Yoga | **Rs.1,042/-** per session (Maximum **Rs.12,500/-** per months for 8 months. | 03 Session in a week for 08 months. |
The details can be viewed and downloaded online directly from the Government of Chhattisgarh Integrated e-Procurement Portal **(https://eproc.cgstate.gov.in) from Date 19.08.2025, at 17.31 Hours. (IST) onwards.**

**NOTE:** 1- All eligible/interested contractors/bidders are mandated to get enrolled on the Integrated e-procurement portal **(https://eproc.cgstate.gov.in)** and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.
2. It is mandatory for the tenderer to use the certificate issued for Pre Bid Qualification (Valid upto 30.09.2025) in the year 2024 in this tender.

**Sd./- EXECUTIVE ENGINEER**
**KHARUNG W.R. DIVISION, BILASPUR (C.G.)**

G- 252602796/10



**FORM NO. 14**
**[See Regulation 33(2)]**
by Publication.

**OFFICE OF THE RECOVERY OFFICER-I/II**
**DEBTS RECOVERY TRIBUNAL, CUTTACK**
**C/71, Sector-7, CDA, Cuttack-753014, Odisha**

**DEMAND NOTICE**

**NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.**

**RC/97/2021** **Dt.29.07.2025**

**ODISHA GRAMEEN BANK**
**Versus**
**PRASANNA KUMAR MAJHI & OTHERS**

**To,**
**CD1(a) Dutia Majhi,** W/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(b) Sameer Majhi,** S/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(c) Madhab Majhi,** S/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(d) Nilamani Majhi,** S/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(e) Netrananda Majhi,** S/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(f) Geeta Majhi,** D/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(g) Puja Majhi,** D/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(h) Liza Majhi,** D/o- Late Prasanna Kumar Majhi, At: Ichhapur, PO: Dwari, Via: Ambabhona, Dist.: Baragarh, PIN: 768031.
**CD1(i) Padmini Majhi,** D/o- Late Prasanna Kumar Majhi, At/PO: Kusanpuri, Via: Barpali, Dist.: Baragarh, PIN: 768029.
**CD 2 Alekh Majhi,** S/o- Upendra Majhi, At: Ichhapur, PO: Kandapala, Baragarh, Odisha-768045.

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL, CUTTACK in **OA/418/2016** an amount of **Rs.12,62,542.00 (Rupees Twelve Lakhs Sixty Two Thousands Five Hundred Forty Two Only)** along with pendentellite and future interest @ 10% Simple Interest Yearly w.e.f. **21.03.2016** till realization and costs of **Rs.15,000/- (Rupees Fifteen Thousands Only)** has become due against you (Jointly and severally/Fully/Limited).

2. You are hereby directed to pay the above sum within **15 days** of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **03.10.2025** at **10.30 a.m.** for further proceedings.
5. In addition to the sum aforesaid, you will also be liable to pay:
   (a) Such interests as is payable for the period commencing immediately after this notice of the certificate / execution proceedings.
   (b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due.

Given under my hand and the seal of the Tribunal, on this date: **29.07.2025.**

**Sd/- Saroj Kumar Biswal,**
**Recovery Officer,**
**DEBTS RECOVERY TRIBUNAL, CUTTACK**

**ସଂକ୍ଷେପରେ**

## ତପନ ହତ୍ୟାକାଣ୍ଡ: ଅଭିମନ୍ୟୁ ନାୟକ ଗିରଫ

ଯାଜପୁର ଟାଉନ,୧୩।୮ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି): ବେଆଇନ ବାଲି ଚାଲାଣକୁ ନେଇ ୨୦୨୫ ମେ’ ୨୭ରେ ଯାଜପୁର ସଦର ଥାନା ବରୁଆଁ ପଞ୍ଚାୟତ କଚେରୀ ଗାଁର ତପନ ଲେଙ୍କାଙ୍କୁ ହତ୍ୟା ମାମଲାରେ ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ କଚେରୀ ଗାଁର ଅଭିମନ୍ୟୁ ନାୟକ(୬୩)। ସଦରଥାନା ଅଧିକାରୀ ଚିନ୍ମୟୀ ବେହେରା କୌଣସି ସୂତ୍ରରୁ ଖବର ପାଇ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବନମାଳୀପୁର ଗ୍ରାମରେ ରାତିଅଧିଆ ଚଢ଼ାଉ କରି ଅଭିମନ୍ୟୁଙ୍କୁ ଗିରଫ କରିଥିଲେ। ତପନଙ୍କୁ ବାଲି ମାଫିଆମାନେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇ ମେଡକାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଜୁନ୍ ୪ରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ହତ୍ୟାକାଣ୍ଡରେ ସାମିଲ ଥିବା ୫ ଅଭିଯୁକ୍ତଙ୍କ ମଧ୍ୟରୁ ଚନ୍ଦନ ନାୟକ, ପ୍ରକାଶ ମଲିକ ଓ ରମେଶ ମଲିକଙ୍କୁ ପୂର୍ବରୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ଅନ୍ୟମାନେ ଫେରାର୍ ହୋଇଯାଇଥିଲେ।

## ହାଇୱା ଧକ୍କାରେ ବିଚାରପତି ଗୁରୁତର

ଯାଜପୁର ଟାଉନ,୧୩।୮(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି): ପାଣିକୋଇଲି ଥାନା ଅନ୍ତର୍ଗତ ଶର୍ମା ପେଟ୍ରୋଲ୍‌ପମ୍ପ ନିକଟରେ ବୁଧବାର ସନ୍ଧ୍ୟାରେ ସଡ଼କ ଦୁର୍ଘଟଣାରେ ଯାଜପୁର ଫାଷ୍ଟଟ୍ରାକ୍(୨)ର ବିଚାରପତି ବିଜୟ ଜେନା ଓ କିରାଣି ସାରଥି ଦାସ ଗୁରୁତର ହୋଇଛନ୍ତି। ସେମାନଙ୍କୁ କଟକ ବଡମେଡିକାଲରେ ଭର୍ତ୍ତି କରାଯାଇଛି। ବିଚାରପତି ଜେନା ଯାଜପୁର ଟାଉନରୁ କୋର୍ଟ କିରାଣିଙ୍କ ସହ ବାଇକ୍‌ରେ ପାଣିକୋଇଲି ଛକକୁ ଯାଉଥିଲେ। ଏହି ସମୟରେ ପଛରୁ ଦ୍ରୁତଗତିରେ ଏକ ହାଇୱା ବାଇକ୍‌କୁ ଧକ୍କାଦେଇଥିଲା। ଫଳରେ ଉଭୟ ଗୁରୁତର ହୋଇଥିଲେ। ସେମାନଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଖବର ପ୍ରଚାରିତ ହେବାପରେ ମୁଖ୍ୟ ଚିକିତ୍ସାଳୟରେ ଯାଜପୁର ଜିଲା କୋର୍ଟର ବହୁ ବିଚାରପତି ଓ ଆଇନଜୀବୀଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

## ଫଟୋ ଭାଇରାଲ ଅଭିଯୋଗରେ ଯୁବକ ଗିରଫ

ଯାଜପୁର ଟାଉନ,୧୩।୮(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଅଶ୍ଳୀଳ ଫଟୋ ଭାଇରାଲ ଅଭିଯୋଗରେ ଜଣେ ଯୁବକଙ୍କୁ ଯାଜପୁର ସଦର ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ସଦର ଥାନା ବେରୁଦା ପଞ୍ଚାୟତ ଚିନ୍ତାପଲ୍ଲୀ ଗ୍ରାମର ଉମେଶ ଚନ୍ଦ୍ର ମଲ୍ଲିକ(୩୨)। ଉମେଶ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ କରିବା ସହ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ କୌଣସି କାରଣବଶତଃ ଉଭୟଙ୍କ ସମ୍ପର୍କ ଛିନ୍ନ ହୋଇଯାଇଥିଲା। ଫଳରେ ଯୁବତୀଙ୍କ ପରିବାର ଲୋକ ଝିଅକୁ ବିବାହ କରିବା ନେଇ ବରପାତ୍ର ଖୋଜୁଥିଲେ। ଏହି ସମୟରେ ଉମେଶ ଉଭୟଙ୍କର ପ୍ରେମ ସମ୍ପର୍କର କିଛି ଅଶ୍ଳୀଳ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବା ସହ ଆଖପାଖ ଲୋକଙ୍କୁ ଦେଖାଇଥିଲା। ଏ ନେଇ ସଂପୃକ୍ତ ଯୁବତୀ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ଧର୍ମଶାଳା, ୧୩।୮ (ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଦେଓଦା ପଞ୍ଚାୟତ ସ୍ୱାଇଁସାହି ଗ୍ରାମର ଯୁଧିଷ୍ଠିର ସ୍ୱାଇଁ(୯୨)ଙ୍କ ମଙ୍ଗଳବାର ରାତିରେ ପରଲୋକ ହୋଇଯାଇଛି। ଯୁଧିଷ୍ଠିର ସ୍ଥାନୀୟ ଅଞ୍ଚଳର ଅଗ୍ରଣୀ ଚାଷୀ ଥିଲେ। ଜଣେ ମିଷ୍ଟଭାଷୀ, ପରୋରପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ। କିଛି ଦିନ ହେବ ଅସୁସ୍ଥ ହୋଇ ଘରେ ରହି ଚିକିତ୍ସାଧିନ ଥିଲେ। ବୁଧବାର ମରଶରୀରକୁ ଅଞ୍ଚଳ ପରିକ୍ରମା କରାଯିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ପୃଥୀରାଜ ସ୍ୱାଇଁ ମୁଖାଗ୍ନି ଦେଇଥିଲେ। ଯୁଧିଷ୍ଠିର ଖବରକାଗଜ ବିତରକ ପ୍ରମୋଦ ରାଉତଙ୍କ ଶଶୁର ଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଅସୁରକ୍ଷିତ କୁଶି ସେତୁ ଭାଙ୍ଗିବାକୁ ନିର୍ଦ୍ଦେଶ

- ସେଠାରେ ନୂଆ ସେତୁ ନିର୍ମାଣ ହେବ
- ବିଳମ୍ବିତ ପଦକ୍ଷେପ ବିପଦର କାରଣ ହୋଇପାରେ


କୁଶି ସେତୁ।

**ଯାଜପୁର, ୧୩।୮ (ହର୍ଷବର୍ଦ୍ଧନ ବେହେରା):**

ଯାଜପୁର ବ୍ଲକ ପଣସା ପଞ୍ଚାୟତର ବେଲେଶ୍ୱର ରାସ୍ତାକୁ ସଂଯୋଗ କରୁଥିବା କୁଶି ନାଳ ଉପରେ ନିର୍ମାଣ ବିଜୁ ସେତୁ ଦବି ଯାଇ ଅସୁରକ୍ଷିତ ହୋଇପଡିଛି। ଗ୍ରାମବାସୀଙ୍କ ଅଭିଯୋଗ ପରେ ଏହି ସେତୁର ତଦନ୍ତ କରିବା ସହ ସୁରକ୍ଷା, ବ୍ୟବହାର ଉପଯୋଗୀ ଓ ମରାମତି କରିବାକୁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ(ଆରଡି) ବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ ବୈଷୟିକ କମିଟି ଗଠନ ହୋଇଥିଲା। ତେବେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବା ପରେ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ସର୍ବେଶ୍ୱର ସିଂ ୧୨।୮।୨୦୨୫ରେ ଅସୁରକ୍ଷିତ ସେତୁକୁ ତୁରନ୍ତ ଭାଙ୍ଗି ଦେବା ସହ ସେଠାରେ ଏକ ନୂତନ ସେତୁ ନିର୍ମାଣ କରିବାକୁ ବିଭାଗୀୟ ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କୁ ପତ୍ର ଲେଖିଛନ୍ତି।

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଦୁର୍ବଳ ସେତୁଗୁଡିକୁ ଚିହ୍ନଟ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହିତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିବାକୁ ନିୟମିତ ଭାବେ ନିର୍ଦ୍ଦେଶ ହୋଇ ଆସୁଛି। କିନ୍ତୁ ଦୀର୍ଘଦିନ ହେବ କୁଶି ସେତୁ ଦବି ଯାଇଥିବା ନେଇ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଏହାପରେ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହେବା ପରେ ଯାଜପୁର ଜିଲାପାଳ ୧୧।୭।୨୦୨୫ରେ ଗ୍ରାମ୍ୟ ନିର୍ମାଣ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ସେତୁର ମରାମତି ଓ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଅଧୀକ୍ଷଣ ଯନ୍ତ୍ରୀ ଜିଲାପାଳଙ୍କ ସହ ସାକ୍ଷାତ କରି କୁଶି ସେତୁର ସୁରକ୍ଷା ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏହାପରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିବା ସହ କୁଶି ସେତୁ ଦେଇ ଗମନାଗମନକୁ ବନ୍ଦ କରାଯାଇଥିଲା। ସେତୁର ଉଭୟ ମୁଣ୍ଡରେ ଫଳକ ଲଗାଇବା ସହ ଅସ୍ଥାୟୀ ପାଚେରି ନିର୍ମାଣ କରାଯାଇଥିଲା। ଏହାପରେ ୧୮।୭।୨୦୨୫ରେ ବିଭାଗୀୟ ବୈଷୟିକ ଟିମ ଦ୍ୱାରା ସେତୁର ଅବସ୍ଥା ସଂକ୍ରାନ୍ତରେ ତଦନ୍ତ କରାଯାଇଥିଲା। ଏହା ପୂର୍ବରୁ କୁଶି ନାଳ ସେତୁର ମାନ ଉପରେ ତଦନ୍ତ କରିବାକୁ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ର ନିର୍ବାହୀ ଯନ୍ତ୍ରୀଙ୍କୁ ୧୮।୩।୨୦୨୫ରେ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ର ନିର୍ବାହୀ ଯନ୍ତ୍ରୀ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଉପରେ ତୁରନ୍ତ ପଦକ୍ଷେପ ନ ନେଇ ଅବମାନନା କରିଥିବା କାରଣରୁ କେନ୍ଦ୍ରାପଡ଼ା-ଯାଜପୁର ଗ୍ରାମ୍ୟ ନିର୍ମାଣ ସର୍କଲର ଚିଫ୍ କନ୍‌ଷ୍ଟ୍ରକ୍ସନ ଇଞ୍ଜିନିୟର(ସିସିଇ) ଉଦବେଗ ପ୍ରକାଶ କରିଥିଲେ। ଏପରିକି ଯାଜପୁର ଅଧିକ୍ଷଣ ଯନ୍ତ୍ରୀଙ୍କୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ହାଲୁକା ଭାବେ ଗ୍ରହଣ କରିବା ସହ ସେତୁର ସଂଶୋଧନ ପାଇଁ ତୁରନ୍ତ ପଦକ୍ଷେପ ନେଇନାହାଁନ୍ତି ବୋଲି ୧୭।୭।୨୦୨୫ରେ ଚେତାବନୀ ଦେଇଥିଲେ। ଏପରିକି ସେ ନିଜେ ୧୬।୭।୨୦୨୫ରେ ସେତୁର ସ୍ଥିତି ଉପରେ ଯାଞ୍ଚ କରିଥିଲେ। ସେତୁଟି ଅତ୍ୟନ୍ତ ଅସୁରକ୍ଷିତ ରହିଥିବା ସେ ତଦନ୍ତରେ ଅନୁଭବ କରିଥିଲେ। ତେଣୁ ସେତୁ ଉପରେ ଏବଂ ତଳେ ଯାନବାହାନ, ପଦଯାତ୍ରୀ, ଗୋରୁଗାଈ ଚଳାଚଳ ସମେତ ସମସ୍ତ ପ୍ରକାରର ଯାତାୟାତକୁ ବନ୍ଦ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ।

ଉଲ୍ଲେଖଯୋଗ୍ୟ, କୁଶି ସେତୁ ଦୁର୍ବଳ ହୋଇଥିବା ନେଇ ଚଇନିପୁର ସରପଞ୍ଚ, ଜିଲା ପରିଷଦ ସଭ୍ୟଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିବା ପରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀ ତଦନ୍ତ କରିଥିଲେ। ରାତି ସମୟରେ ସେତୁ ନିକଟରୁ ନିୟମିତ ଭାବେ ବାଲି ଉତ୍ତୋଳନ ହେଉଥିବାରୁ ଅର୍ଡିନେରୀ ଗ୍ରାଉଣ୍ଡ ଲେଭୁଲ(ଓଜିଏଲ୍) କ୍ରମଶଃ ତଳକୁ ଖସୁଛି। ଫଳରେ ସେତୁର ଭିତ୍ତିଭୂମି(ଫାଉଣ୍ଡେଶନ) ଦୁର୍ବଳ ହୋଇ ପଡିଛି ବୋଲି ତଦନ୍ତରେ ଜଣାପଡିଥିଲା। ଏହାପରେ ଉକ୍ତ ତଦନ୍ତ ରିପୋର୍ଟ ସହ ସେତୁ ନିକଟରୁ ବାଲି ଉତ୍ତୋଳନ ବନ୍ଦ କରି ସେତୁର ସୁରକ୍ଷା ଦେବାକୁ ଯାଜପୁର ଜିଲାପାଳଙ୍କୁ ୯।୪।୨୦୨୫ରେ ଗ୍ରାମ୍ୟ ନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅନୁରୋଧ କରିଥିଲେ। କିନ୍ତୁ ଦୁର୍ଭାଗ୍ୟ ବିଷୟ ଯେ, ଏହି ଗୁରୁତର ବିଷୟକୁ ସମସ୍ତେ ଖାମଖିଆଲି ଭାବେ ଗ୍ରହଣ କରିଥିବାରୁ ସେତୁ ଦୁର୍ବଳ ଥିବା ସୂଚନା ମିଳିବାର ପ୍ରାୟ ୬ ମାସ ପରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ବିଳମ୍ବିତ ପଦକ୍ଷେପ ଅଞ୍ଚଳବାସୀଙ୍କ ପାଇଁ ବିପଦ ହୋଇପାରେ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ବେଆଇନ ନିଯୁକ୍ତି ଅଭିଯୋଗର ତଦନ୍ତ ଆରମ୍ଭ

**ବରୀ, ୧୩।୮ (ମହେନ୍ଦ୍ର ସ୍ୱାଇଁ):**

କଟକ କେନ୍ଦ୍ର ସମବାୟ ସମିତିର ବରୀ ଶାଖା ଅଧୀନ ବରୀ-ବାଗଦା ସେବା ସମବାୟ ସମିତିରେ ବେଆଇନ ନିଯୁକ୍ତି ନେଇ ବୁଧବାର ତଦନ୍ତ ଆରମ୍ଭ ହୋଇଛି। ସମବାୟ ବିଭାଗର ଅଧିକାରୀମାନେ ପହଞ୍ଚି ତଦନ୍ତ କରିଛନ୍ତି।

ଏହି ସମବାୟ ସମିତିରେ ଫକୀର ସିଂ ନାମକ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବୟସ ସୀମା ଅତିକ୍ରମ କରିଥିଲେ ମଧ୍ୟ ସେ ନିଜର ଶିକ୍ଷାଗତ ଯୋଗ୍ୟତାର ଜାଲ ପ୍ରମାଣ ପତ୍ର ଆଧାରରେ କାର୍ଯ୍ୟରତ ଅଛନ୍ତି ବୋଲି ବରୀ ପଞ୍ଚାୟତର ସେକ୍ ସଫିକ ଉଦ୍ଦିନ, ବୀରେନ୍ଦ୍ର ଦାସ, ବ୍ରଜେନ୍ଦ୍ର ସିଂ, ଶଙ୍କର ସେଠୀ, ଅଶୋକ ବାରିକ ପ୍ରମୁଖ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗରେ ସେ ଅଣସ୍ୱୀକୃତି ପ୍ରାପ୍ତ ସଂସ୍କୃତ ଟୋଲରୁ ଶିକ୍ଷାଗ୍ରହଣ କରିଛନ୍ତି ବୋଲି ଦର୍ଶାଇଯାଇଥିଲା। ଏଥିସହିତ ପୂର୍ବରୁ କେଉଁ ପ୍ରାଥମିକ ବିଦ୍ୟାଳୟରେ ସେ ଶିକ୍ଷାଲାଭ କରିଥିଲେ ସେ ସବୁର ତଦନ୍ତ କରିବାକୁ ଅଭିଯୋଗରେ ଉଲ୍ଲେଖ ରହିଥିଲା। ସମ୍ପୃକ୍ତ ବ୍ୟକ୍ତି ଜଣକ ୪୫ ବର୍ଷ ଧରି ଏହି ବିଭାଗରେ କାର୍ଯ୍ୟ କରି ଆସୁଛନ୍ତି। ସେ ଶିକ୍ଷାଗତ ଯୋଗ୍ୟତା ଜାଲିଆତି କରି କାର୍ଯ୍ୟ କରୁଥିବାରୁ ତାଙ୍କର ଡିଏନଏ ପରୀକ୍ଷା କରିବାକୁ ସମ୍ପୃକ୍ତ ବ୍ୟକ୍ତିମାନେ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ସେହିପରି ଏହି ସମବାୟ ସମିତିର ସହସମ୍ପାଦକ ବାସନ୍ତି ଧଳ ଓ ନମିତା କର ନିଯୁକ୍ତି ପାଇଥିଲେ ମଧ୍ୟ ସେମାନେ କାର୍ଯ୍ୟାଳୟକୁ ଆସିବା ପରିବର୍ତ୍ତେ ତାଙ୍କର ସ୍ୱାମୀମାନେ ସମିତିର କାର୍ଯ୍ୟ କରୁଛନ୍ତି। ଏତଦ୍‌ବ୍ୟତୀତ ଗୋଲକୁଣ୍ଡ ସେବା ସମବାୟ ସମିତିର ସମ୍ପାଦକ ସଂଗ୍ରାମ କେଶରୀ ଦାସ ଅତିରିକ୍ତ ଭାବେ ବରୀ-ବାଗଦା ସମବାୟ ସମିତିରେ କାର୍ଯ୍ୟରତ ଅଛନ୍ତି ବୋଲି ଅଭିଯୋଗକାରୀ ସେମାନଙ୍କ ଅଭିଯୋଗରେ ଦର୍ଶାଇଥିଲେ। ଏ ସମ୍ପର୍କରେ ବରୀ-ବାଗଦା ସମବାୟ ସମିତି ସମ୍ପାଦକ ଦାୟିତ୍ୱରେ ଥିବା ସଂଗ୍ରାମ ଦାସଙ୍କୁ ପଚାରିବାରେ ସେ କହିଛନ୍ତି, ସ୍ଥାନୀୟ ଲୋକଙ୍କ ଅଭିଯୋଗକ୍ରମେ ତଦନ୍ତକାରୀ ଅଧିକାରୀମାନେ ଆସିଥିଲେ। ସେମାନେ ଯେଉଁ ନଥିପତ୍ର ତଦନ୍ତ ପରିସରଭୁକ୍ତ କରିବାକୁ ଚାହିଁଲେ କାର୍ଯ୍ୟାଳୟ ତରଫରୁ ସେମାନଙ୍କୁ ଯୋଗାଇଦିଆଯାଇଛି।

## ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା



ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିବା ଭାଜପା କର୍ମୀ ଓ ନେତା।

**ଦଶରଥପୁର, ୧୩।୮ (ସୁଶାନ୍ତ କୁମାର ବେହୁରିଆ):**

ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଅଧୀନ ଦଶରଥପୁର ବ୍ଲକର ବାଘୁଆସୁଣୀ ମଣ୍ଡଳ ପକ୍ଷରୁ ବୁଧବାର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିହାରୀ ପଞ୍ଚାୟତ ଅନ୍ତର୍ଗତ ପାଳଦା ଗ୍ରାମରେ ଥିବା ମା’ ବାଘୁଆସୁଣି ପୀଠରୁ ଶୋଭାଯାତ୍ରା ବାହାରି କୋଦେଇବାଟି ଗ୍ରାମ ନିକଟରେ ଶେଷ ହୋଇଥିଲା। ‘ହର୍ ଘର୍ ତ୍ରିରଙ୍ଗା, ଘର ଘର ତ୍ରିରଙ୍ଗା’ ଓ ଭାରତ ମାତା କି ଜୟ, ବନ୍ଦେ ମାତରଂ, ହିନ୍ଦୁସ୍ତାନ ଜିନ୍ଦାବାଦ ଆଦି ନାରାରେ କମ୍ପି ଉଠିଥିଲା ଆଖପାଖ ଅଞ୍ଚଳ। ଭାଜପା ନେତ୍ରୀ ବବିତା ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ସଂଯୋଜକ ନିରଞ୍ଜନ ବେହୁରିଆ, ବାଘୁଆସୁଣୀ ମଣ୍ଡଳ ସଭାପତି ଶୁକଦେବ ଦାସ, ଜୟଚଣ୍ଡୀ ମଣ୍ଡଳ ସଭାନେତ୍ରୀ ଚିନ୍ମୟୀ ପାଣ୍ଡବ, ବିହାରୀ ପଞ୍ଚାୟତ ଭାଜପା ସଭାପତି ରିପୁନାଥ ସାମଲ ପ୍ରମୁଖ ନେତୃତ୍ୱ ନେଇଥିଲେ। ଶୈଳେନ୍ଦ୍ର ସାମଲ, ପୀତବାସ ବେହେରା, ଗଦାଧର ସାହୁ, ବିଜୟ କେତନ ମହାପାତ୍ର, ଶୁଭେନ୍ଦୁ ଦାସ, ଅକ୍ଷୟ ସାମଲ, ସଞ୍ଜୀବ ସାମଲ, ଉମେଶ ଚନ୍ଦ୍ର ଦାସ, ଦଶରଥ ବେହେରା, ରୁଦ୍ରନାରାୟଣ ପତି, ଶ୍ରୀକାନ୍ତ ନାୟକ, ଅଶୋକ ପତି, ସଞ୍ଜୟ ପତି, ଶ୍ରୀଧର ଜେନା, ଦୁଃଶାସନ ଦାସ, ଦେବେନ୍ଦ୍ର ଜେନା ଓ ରବୀନ୍ଦ୍ର ପଣ୍ଡା ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ଓ ଜନସାଧାରଣ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ସହଯୋଗ ପାଇଁ ମିଳିଲା ପ୍ରତିଶ୍ରୁତି

**ଜିଲାପାଳଙ୍କୁ ଭେଟିଲା ଖରସ୍ରୋତା ପୁସ୍ତକ ମେଳା କମିଟି**

**ବିଞ୍ଝାରପୁର, ୧୩।୮ (ରାମକୃଷ୍ଣ ଦାସ):**


ଖରସ୍ରୋତା ପୁସ୍ତକ ମେଳା କମିଟି କର୍ମକର୍ତ୍ତା ଜିଲାପାଳ ଅମ୍ବର କୁମାର କରଙ୍କୁ ସାକ୍ଷାତ୍ କରୁଛନ୍ତି।

ଖରସ୍ରୋତା ପୁସ୍ତକ ମେଳା କମିଟି ସଭାପତି ପଦ୍ମାକର ଗୁରୁଙ୍କ ନେତୃତ୍ୱରେ ୧୧ ଜଣିଆ ପ୍ରତିନିଧିମଣ୍ଡଳୀ ମଙ୍ଗଳବାର ଯାଜପୁର ଜିଲାପାଳ ଅମ୍ବର କୁମାର କରଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ପୁସ୍ତକମେଳା ଆୟୋଜନ ସମ୍ପର୍କରେ ଆଲୋଚନା କରିଛନ୍ତି। ଜିଲାପାଳ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ହେବାପରେ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଗତବର୍ଷ ଦ୍ୱିତୀୟ ଖରସ୍ରୋତା ପୁସ୍ତକ ମେଳା ବିଞ୍ଝାରପୁର ବ୍ଲକ୍‌ର ଅବିଭକ୍ତ ଫତେପୁର ପଞ୍ଚାୟତର ମଲ୍ଲିଆ ଯଜ୍ଞ ପଡ଼ିଆରେ ସଫଳତାର ସହ ଅନୁଷ୍ଠିତ ହୋଇଥିବା ଶୁଣି ଜିଲାପାଳ ଖୁସି ହୋଇଛନ୍ତି। ପ୍ରକାଶକମାନେ ଆୟୋଜକଙ୍କୁ ସହଯୋଗ କରୁଥିବାରୁ ଗ୍ରାମାଞ୍ଚଳରେ ଏହି ପୁସ୍ତକ ମେଳା ୨ ବର୍ଷ ଧରି ଅନୁଷ୍ଠିତ ହୋଇଛି। ତେଣୁ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସମସ୍ତ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଅଧ୍ୟକ୍ଷ ଏବଂ ପ୍ରଧାନଶିକ୍ଷକ ସରକାରୀ ଅର୍ଥରେ ଅଧିକରୁ ଅଧିକ ବହି କିପରିପୁସ୍ତକ ମେଳାରୁ କିଣିପାରିବେ ସେଥିପ୍ରତି ନିର୍ଦ୍ଦେଶ ଦେବାକୁ କମିଟି ଦୃଷ୍ଟି ଜିଲାପାଳଙ୍କ ଆକର୍ଷଣ କରିଛି। ସେହିପରି ଜିଲା ସଂସ୍କୃତି ପରିଷଦ ଓ ଅନ୍ୟାନ୍ୟ ଉତ୍ସର ଆର୍ଥିକ ସହଯୋଗ ସହ ଜିଲା ଏବଂ ବ୍ଲକ ପ୍ରଶାସନର ମିଳିତ ସହଯୋଗରେ କିପରି ୩ୟ ପୁସ୍ତକ ମେଳା ଆସନ୍ତା ଡିସେମ୍ବର ୧୬ରୁ ୨୨ ତାରିଖ ସାତ ଦିନ ବ୍ୟାପୀ ସୁରୁଖୁରୁରେ ଆୟୋଜିତ ହେବ ଓ ପ୍ରତିଷ୍ଠିତ ସାହିତ୍ୟିକ, ପ୍ରଶାସକ, ସାରସ୍ୱତ ପ୍ରେମୀ ଏବଂ ରାଜ୍ୟସ୍ତରୀୟ ସାଂସ୍କୃତିକ ଦଳ ଯୋଗଦେବେ ସେଥିଲାଗି ମେଳା କମିଟି ସଭାପତି ଜିଲାପାଳଙ୍କ ଧ୍ୟାନ ଆକର୍ଷଣ କରିଛନ୍ତି। ଏହି ଅବସରରେ ମେଳା କମିଟିର ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଅଜୟ ଓଝା ଓ ବରିଷ୍ଠ ଉପଦେଷ୍ଟା ହରେକୃଷ୍ଣ ପଣ୍ଡା ଉତ୍ତରୀୟ ଦେଇ ଜିଲାପାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବାଲାଜୀ ପାଠାଗାରର ସଭାପତି ଅମ୍ବିକା ପ୍ରସାଦ ସାମଲ ଓ ବରିଷ୍ଠ ଉପଦେଷ୍ଟା ପଣ୍ଡା ଜିଲାପାଳଙ୍କୁ ସ୍ମରଣିକା ପ୍ରଦାନ କରିଥିଲେ। ଏହି ପ୍ରତିନିଧିମଣ୍ଡଳୀରେ ପୁସ୍ତକ ମେଳା କମିଟି ଉପଦେଷ୍ଟା କବି ରମାକାନ୍ତ ନାୟକ, ସନ୍ତୋଷ ବେଉରିଆ, ଶିକ୍ଷାବିତ୍ ନିରଞ୍ଜନ ବେହେରା, ଉମେଶ ଚନ୍ଦ୍ର ସାମଲ, ଅକ୍ଷୟ ସେଠୀ ଓ କୋଷାଧ୍ୟକ୍ଷ ରତ୍ନାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବୈତରଣୀ ନଦୀବନ୍ଧରୁ ଖସୁଛି ଅତଡ଼ା

- ଆତଙ୍କିତ କଯାଁ ପଞ୍ଚାୟତବାସୀ
- ସ୍ଥିତି ପରଖିଲେ ଅଧିକାରୀ

**ଦଶରଥପୁର, ୧୩।୮ (ସୁଶାନ୍ତ କୁମାର ବେହୁରିଆ):**

ନିମ୍ନମାନର ବନ୍ଧ କାର୍ଯ୍ୟ ଯୋଗୁ ପ୍ରତ୍ୟେହ ବୈତରଣୀ ନଦୀର ବାମପାର୍ଶ୍ୱ ବନ୍ଧରୁ କେଉଁଠି ଅତଡ଼ା ଖସୁଛି ତ କେଉଁଠି ନଦୀବନ୍ଧରେ ଘଳିଆ ପଡି ନଦୀକୂଳ ବାସିନ୍ଦାଙ୍କୁ ଆତଙ୍କିତ କରୁଛି। ବର୍ଷା ଦିନେ ଏଭଳି ଘଟଣା ଦଶରଥପୁରବାସୀଙ୍କ ପାଇଁ ଅଭ୍ୟାସରେ ପରିଣତ ହୋଇସାରିଛି। ଚଳିତ ଥର ବୈତରଣୀର ଶାଖା କାଣୀ ନଦୀର ପଛପଡ଼ା ଓ ବୈତରଣୀ ନଦୀର ନୂଆପାଟଣା ଓ ଅର୍ଦ୍ଧଲୁଆ ପରେ ବୈତରଣୀର କଯାଁ ପଞ୍ଚାୟତ ଗୁଣ୍ଡୁଣିପଡ଼ା ନିକଟରେ ବାରମ୍ବାର ଅତଡ଼ା ଖସିବାରେ ଲାଗିଛି। ୫ ଦିନ ମଧ୍ୟରେ ପ୍ରାୟ ୨୦୦ ଫୁଟ୍‌ର ଅତଡ଼ା ଖସିଛି। ଫଳରେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗୁଣ୍ଡୁଣିପଡ଼ା, ଇଚ୍ଛାପୁର ଓ ବଳରାମପୁର ଗ୍ରାମବାସୀଙ୍କ ପାଇଁ ଭୟର ବାତାବରଣ ସୃଷ୍ଟି କରିଛି।

ଜଳସେଚନ ବିଭାଗ ପକ୍ଷରୁ ବନ୍ଧ ମରାମତି ନିମନ୍ତେ ୪ ଦିନ ହେଲା ବହ୍ଲା ଓ ବାଲି ବସ୍ତା ଦ୍ୱାରା ଜଳ ଶ୍ରୋତକୁ ବନ୍ଧଠାରୁ ଦୂରରେ ଅଟକାଇବାକୁ ଚେଷ୍ଟା କରାଯାଇଛି। ମାତ୍ର ତାହା ବିଫଳ ହେବା ସହିତ ପୁନର୍ବାର ପ୍ରାୟ ୧୦୦ ଫୁଟ ଓସାରର ମାଟି ଅତଡ଼ା ଖସି ବହ୍ଲା ଓ ବାଲି ବସ୍ତାଗୁଡ଼ିକୁ ନଦୀକୁ ଟାଣିନେଇଯାଇଛି। ଫଳରେ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଏ ସମ୍ପର୍କରେ ଖବର ପାଇବା ପରେ ମଙ୍ଗଳବାର ଚଣ୍ଡିଖୋଲସ୍ଥିତ ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀ ବିଘ୍ନରାଜ ପୁରୋହିତ, ଯାଜପୁର ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ, ଆଖୁଆପଦା ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡ଼ାଇ, ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଅରୁଣ ତ୍ରିପାଠୀ ପ୍ରମୁଖ ପହଞ୍ଚି ସ୍ଥିତି ପରଖିଛନ୍ତି।


ନଦୀବନ୍ଧ ଅତଡ଼ା ଖସିଥିବା ସ୍ଥାନରେ ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

# ନିଶା କବଳରେ ଯୁବପିଢ଼ି

- ସଚେତନତା ଅଭାବ
- ପରିବାରର ଆକଟ ରହୁନି

**କାଏମା, ୧୩।୮ (ଶିବପ୍ରସାଦ ମହାନ୍ତି):**

ଦିନକୁ ଦିନ ନିଶାର ପ୍ରକୋପ ବଢ଼ିବାରେ ଲାଗିଛି। ଯୁବପିଢ଼ି ନିଶାକବଳରେ କବଳିତ ହୋଇ ବର୍ବାଦ ହେଉଛନ୍ତି। ପରିବାର ଲୋକେ ସେମାନଙ୍କୁ ନିଶାକବଳରୁ ମୁକୁଳାଇ ପାରୁନାହାନ୍ତି। ଗ୍ରାମାଞ୍ଚଳରେ ବ୍ରାଉନସୁଗାର, ମଦ ନିଶାରେ ଯୁବସମାଜ ବୁଡ଼ି ରହୁଛନ୍ତି। ଯାଜପୁର ଜିଲାର ଧର୍ମଶାଳା ବ୍ଲକ୍ ଅଞ୍ଚଳରେ ନିଶା କାରବାର ଗମ୍ଭୀର ହେବାରେ ଲାଗିଛି। ଗତ ସୋମବାର ଜାରକା ଓଭରବ୍ରିଜ ତଳେ ଜଣେ ଯୁବକ ନିଶା କିଣିବା ପାଇଁ ଉହଳବିକଳ ହେଉଥିବା ଦେଖିବାକୁ ମିଳିଥିଲା। ନିଶା ସେବନ ପାଇଁ ସେ ଅନେକ ଲୋକ ଓ ସାଙ୍ଗସାଥୀଙ୍କୁ ଟଙ୍କା ମାଗିଥିଲେ। ଶେଷରେ ଧର୍ମଶାଳା ଅଞ୍ଚଳର ଜଣେ ଖବରଦାତାଙ୍କ ପାଖକୁ ଆସିଥିଲେ। ଖବରଦାତା ଟଙ୍କାର ଆବଶ୍ୟକତା ବିଷୟରେ ପଚାରିବାରୁ ଯୁବକ ଜଣକ ସେଠାରୁ ଚାଲି ଯାଇଥିଲେ। ଯୁବକ ଜଣକ ସ୍ଥାନୀୟ ଅଞ୍ଚଳର ହୋଇଥିବାବେଳେ ମାଟ୍ରିକ ପରୀକ୍ଷାରେ ଭଲ ମାର୍କ ରଖି ପାସ୍ କରିଥିଲେ। କିଛି ଦିନ ପୂର୍ବେ ସେ ମଧ୍ୟ ଏକ ନିଶା ନିବାରଣ କେନ୍ଦ୍ରରେ ରହି ଫେରିଛନ୍ତି ବୋଲି ଖବରଦାତା ଜଣକ ଜାଣିବାକୁ ପାଇଥିଲେ।

ଅନ୍ୟପକ୍ଷରେ ମଦ, ଗଞ୍ଜେଇ, ବ୍ରାଉନସୁଗାର ଖୁଲମ ଖୁଲା ଗାଁରେ ବିକ୍ରି ହେଉଛି। ଯୁବକମାନେ ନିଶାସକ୍ତ ଅବସ୍ଥାରେ ଗାଁ ଓ ଛକ ବଜାରର ଫାଙ୍କା ସ୍ଥାନରେ ଆଡ୍ଡା ଜମାଉଛନ୍ତି। ସେହିପରି ଜାରକା ବସଷ୍ଟପ, ଶିଶୁ ଉଦ୍ୟାନ, ଦେଉଳି ପାହାଡ଼, ଫିଲ୍ମ ହଲ ପାଖ ରାସ୍ତା, କାଏମା, ମିର୍ଜାପୁର, ପାଟପୁର, ନରସିଂହପୁର, ନୀଳକଣ୍ଠପୁର, ଶାନ୍ତି ବଜାରରୁ କାଏମାକୁ ସଂଯୋଗ କରୁଥିବା କେନାଲ ବନ୍ଧ ଆଦି ଅନେକ ରାସ୍ତାରେ ଯୁବକମାନେ ବସି ନିଶା ସେବନ କରୁଛନ୍ତି। କିଛି ଦିନ ପୂର୍ବରୁ ନିଶାସେବନବେଳେ ପୋଲିସ ଜାରକା ଅଞ୍ଚଳର ୨ ଯୁବକଙ୍କୁ ଧରି ପଚରାଉଚରା କରିଥିଲା ଓ ପରେ ଛାଡ଼ି ଦେଇଥିଲା। ସେହିପରି ମିର୍ଜାପୁର ଶ୍ୟାମସୁନ୍ଦର ମନ୍ଦିର ନିକଟରେ କେତେଜଣ ଯୁବକ ବସି ନିଶା ସେବନ କରୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। କୋତପୁର ଫାଣ୍ଡି ଅଧିକାରୀ ପହଞ୍ଚି ଯୁବକମାନଙ୍କୁ ଧରି ନେଇଥିଲେ। ଦିନକୁ ଦିନ ନିଶା କାରବାର ବଢ଼ି ଚାଲିଥିବା ବେଳେ ଏହା ଉପରେ କିପରି ଭାବେ ରୋକ ଲାଗିବ ତାକୁ ନେଇ ସ୍ଥାନୀୟ ଲୋକେ ଚିନ୍ତା ପ୍ରକଟ କରିଛନ୍ତି। ଯୁବକମାନଙ୍କୁ ସଚେତନତା ଓ ପରିବାରର ଆକଟ ଅଭାବ ରହୁଥିବାରୁ ସେମାନେ ନିଶା ସେବନରେ ଲିପ୍ତ ରହୁଛନ୍ତି ବୋଲି ମତପ୍ରକାଶ ପାଇଛି। ଏ ଦିଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି।

### ଏମାନେ କୁହନ୍ତି...


“ଆଜିର ଯୁବପିଢ଼ି କାଲିର ଭବିଷ୍ୟତ। ସେଥିପାଇଁ ପ୍ରାରମ୍ଭିକସ୍ତରରୁ ପିଲାଙ୍କୁ ଉଚିତ ଶିକ୍ଷା ପ୍ରଦାନର ଆବଶ୍ୟକତା ରହିଛି। ଯୁବପିଢ଼ିଙ୍କ ମଧ୍ୟରେ ଅମାପ ଶକ୍ତି ଓ ସାମର୍ଥ୍ୟ ଭରିରହିଛି। କିନ୍ତୁ ଉଚ୍ଚ ଆଦର୍ଶ, ଆକାଂକ୍ଷା ଓ ଦୃଷ୍ଟିଭଙ୍ଗୀର ଅଭାବ ରହିଛି। ଫଳରେ ଯୁବପିଢ଼ି ଖରାପ ରାସ୍ତାରେ ପାଦ ଥାପୁଛନ୍ତି। ପାଠ ସହ ପିଲାଙ୍କୁ ନୈତିକ ଶିକ୍ଷା ଦେଲେ ସେମାନେ ନିଶାଠାରୁ ଦୂରେଇ ରହିପାରିବେ।

**-ଅନନ୍ତ ଚରଣ ସ୍ୱାଇଁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ**


“ବର୍ତ୍ତମାନ ନିଶାଦ୍ରବ୍ୟର ବିକ୍ରି ବହୁମାତ୍ରାରେ ବଢ଼ିଯାଇଛି। ନିଶା ହାତପାଖରେ ଆସି ଅତିସହଜରେ ପହଞ୍ଚିଯାଉଛି। ସେଥିପାଇଁ ଯୁବପିଢ଼ି ଏହାକୁ ସହଜରେ ଗ୍ରହଣ କରିନେଉଛନ୍ତି। ଅନ୍ୟପକ୍ଷରେ ସୋସିଆଲ ମିଡିଆରେ ନିଶାଦ୍ରବ୍ୟର ପ୍ରଚାରପ୍ରସାର ମଧ୍ୟ ଅନ୍ୟ ପ୍ରମୁଖ କାରଣ। ଯେତେବେଳେ ନିଶାଦ୍ରବ୍ୟ ଉପରେ କୌଣସି ଖବର ପ୍ରସାରଣ କରାଯାଉଛି ତାହାର କୁପ୍ରଭାବ ଯଥେଷ୍ଟ ଅଧିକ ଯୁବପିଢ଼ିଙ୍କ ଉପରେ ପଡୁଛି। ସେହିପରି ପରିବାରର ମଧ୍ୟ ପ୍ରମୁଖ ଭୂମିକା ରହିଛି। ଏହା ଉପରେ ପରିବାର, ସମାଜ ଓ ପ୍ରଶାସନ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

**-ପ୍ରଭାତ କୁମାର ସାହୁ, ବ୍ୟବସାୟୀ**


“ଯୁବପିଢ଼ି ନିଶାଗ୍ରସ୍ତ ହେବାର ଅନେକ କାରଣ ରହିଛି। ସେଥିମଧ୍ୟରୁ ପ୍ରଥମ କାରଣ ଛୋଟ ସମୟରୁ ପିଲାଙ୍କୁ ନୈତିକ ଶିକ୍ଷାର ଅଭାବ। ସେହିପରି ଭଲ ପରିବେଶର ଆବଶ୍ୟକତା ରହିଛି। ବିଦ୍ୟାଳୟରେ କିଛି ନିଶାସକ୍ତ ଶିକ୍ଷକ ରହୁଛନ୍ତି, ସେମାନଙ୍କ ପ୍ରଭାବ ପିଲାଙ୍କ ଉପରେ ପଡୁଛି। ବିଦ୍ୟାଳୟରେ ଥିବା କିଛି କମିଟିରେ ମଧ୍ୟ ନିଶା ସେବନ କରୁଥିବା ବ୍ୟକ୍ତି ବିଶେଷ ରହୁଛନ୍ତି। ଫଳରେ ଯୁବିପିଢ଼ିଙ୍କ ମଧ୍ୟରେ ଏହାର ପ୍ରଭାବ ପଡୁଛି। ସେହିପରି ବିଦ୍ୟାଳୟ ନିକଟରେ ନିଶା ବିକ୍ରି କରୁଥିବା ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ଏପରି କି ନିଶା ପାନ କରୁଥିବା ଓ ନିଶା ବିକ୍ରି କରୁଥିବା ବ୍ୟକ୍ତି ଉଭୟଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହେଲେ ଅନ୍ୟମାନେ ଭୟଭୀତ ହେବେ।

**-ଚିତ୍ତରଞ୍ଜନ ମଲ୍ଲିକ, କାଏମା ସରସ୍ୱତୀ ଶିଶୁ ମନ୍ଦିରର ପ୍ରାକ୍ତନ ସମ୍ପାଦକ**


“ବେକାର ସମସ୍ୟା ଯୋଗୁ ଅନେକ ଯୁବପିଢ଼ି ନିଶାକାରବାରରେ ଲିପ୍ତ ରହୁଛନ୍ତି। ପରିବାରର ଚାପ ଓ ପରିବେଶ ପାଇଁ ମଧ୍ୟ କେତେଜଣ ଯୁବକ ବାଟବଣା ହେଉଛନ୍ତି। କିଛି ପିଲା ମାଟ୍ରିକ ପାସ କରିବା ପରେ ନିଜକୁ ବଡ଼ ହୋଇ ଯାଇଥିବା ମନେକରନ୍ତି। ସେମାନେ ସାଙ୍ଗ ସାଥୀଙ୍କ ସହ ବୁଲି ଭୋଜି ଭାତ କରନ୍ତି। ବିଳମ୍ବିତ ରାତିରେ ନିଶା ସେବନ କରି ଘରକୁ ଫେରନ୍ତି। ସେହି ସମୟରେ ପିଲାଙ୍କ ଉପରେ ପରିବାର ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

**-କାହ୍ନୁଚରଣ ଦାସ, ଯାଜପୁର ଏମ୍‌ପିଙ୍କ ପ୍ରତିନିଧି**

**ବଣ ବିଲୁଆ ଆକ୍ରମଣରେ ୮ ଆହତ**

ମହାକାଳପଡ଼ା,(ପ୍ରତାପ ଚନ୍ଦ୍ର ସ୍ୱାଇଁ): ମହାକାଳପଡ଼ା ବ୍ଲକ ଅଞ୍ଚଳରେ ୧୦ ବିଲୁଆଙ୍କ ଆକ୍ରମଣରେ ୨ ଛାତ୍ରୀଙ୍କ ସମେତ ୮ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ବିଜୟନଗର ଗ୍ରାମ ହାଟ ନିକଟରେ ବିଲୁଆମାନେ ସନ୍ଧ୍ୟା ହେଲେ ଗାଁ ମୁଣ୍ଡରେ ରଡ଼ି ଛାଡୁଛନ୍ତି। ବୁଧବାର ସନ୍ଧ୍ୟାରେ ଗ୍ରାମର କେତେଜଣ ଛାତ୍ରୀ ଟିଉସନ ଯାଉଥିଲେ। ସେମାନେ ଏହି ବିଲୁଆମାନଙ୍କ ଆକ୍ରମଣରେ ଆହତ ହୋଇଛନ୍ତି। ଗୁରୁତର ଛାତ୍ରୀ ଦ୍ୱୟ ହେଲେ ସାଇକ୍ରିଷ୍ଟା ବାରିକ, ସ୍ନେହାଶ୍ରୀ ସ୍ୱାଇଁ। ସେମାନଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ସ୍ଥାନାନ୍ତର କରାଯାଇଛି। ଏଥିସହ ୬ଜଣ ଗ୍ରାମବାସୀ ବି ବିଲୁଆ ଆକ୍ରମଣରେ ଆହତ ହୋଇଛନ୍ତି। ଖାଦ୍ୟାଭାବ ଯୋଗୁ ବିଲୁଆମାନେ ଗାଁ ମୁହାଁ ହେଉଥିବା ଲୋକେ କହିଛନ୍ତି।

# ବଗିଚା ନ କରି ମିଥ୍ୟା ବିଲ୍ ଅଭିଯୋଗ

- ନାଉଗାଁ ବ୍ଲକ୍‌ରେ ମୋ ଉପକାରୀ ବଗିଚା
- ଏନ୍‌ଏମ୍‌ଏମ୍‌ଏସ୍‌ରୁ ବଞ୍ଚିବାକୁ ଗୋଷ୍ଠୀଭିତ୍ତିକ ବଗିଚାକୁ କଲେ ବ୍ୟକ୍ତିଗତ

ନାଉଗାଁ, ୧୩।୮ (ସୁଧା ବେହୁରା)

ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ଜାତୀୟ ମୋବାଇଲ ମନିଟରିଂ ସିଷ୍ଟମ (ଏନ୍‌ଏମ୍‌ଏମ୍‌ଏସ୍) ଆପ୍‌କୁ ବାଧ୍ୟତାମୂଳକ କରିଛନ୍ତି। ଏହି ଆପ୍ ମାଧ୍ୟମରେ କାର୍ଯ୍ୟସ୍ଥଳରେ ଜବ୍‌କାର୍ଡରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ଉପସ୍ଥାନ ଦର୍ଶାଇବା ପାଇଁ ସକାଳ ଓ ଅପରାହ୍ନରେ ଫଟୋ ଉତ୍ତୋଳନ କରାଯାଇ ଅପଲୋଡ କରାଯାଇଥାଏ। କିନ୍ତୁ ନାଉଗାଁ ବ୍ଲକରେ ମାଟି କାର୍ଯ୍ୟରେ ଏନ୍‌ଏମ୍‌ଏମ୍‌ଏସ୍ ଆପ୍‌ରେ ଫଟୋ ଅପଲୋଡ କରାଯାଉଥିବା ବେଳେ ମୋ ଉପକାର ବଗିଚା ପ୍ରକଳ୍ପରେ ଉକ୍ତ ଆପ୍‌କୁ ବ୍ୟବହାର କରାଯାଉ ନ ଥିବା ଜଣାଯାଇଛି। ଜିଲା ପରିଷଦ କାର୍ଯ୍ୟାଳୟରୁ ମୋ ଉପକାରୀ ବଗିଚା କରିବା ପାଇଁ ବ୍ୟକ୍ତିଗତ ହିତାଧିକାରୀଙ୍କ ନାମ ମଞ୍ଜୁରୀ କରାଯାଇଛି। ବ୍ଲକ୍ ପ୍ରଶାସନ ପକ୍ଷରୁ ବ୍ୟକ୍ତିଗତ ହିତାଧିକାରୀଙ୍କ ବଦଳରେ ଗୋଷ୍ଠୀଭିତ୍ତିକ ଫାଇଲ ଖୋଲି ଏହି ପ୍ରକଳ୍ପ କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ଗୋଷ୍ଠୀଭିତ୍ତିକ ମୋ ଉପକାରୀ ବଗିଚା ପାଇଁ ଏନ୍‌ଏମ୍‌ଏମ୍‌ଏସ୍ ଆପ୍ ବାଧ୍ୟତାମୂଳକ ହୋଇଛି। ତେଣୁ ବ୍ୟକ୍ତିଗତ ପ୍ରକଳ୍ପ ଦର୍ଶାଇ ଏନ୍‌ଏମ୍‌ଏମ୍‌ଏସ୍ ଆପ୍‌ରେ ଫଟୋ ଅପଲୋଡ୍ କରାଯାଉନାହିଁ। ଫଳରେ ବଗିଚା କରା ନ ଯାଇ ମିଥ୍ୟା ବିଲ୍ କରାଯାଇଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ଏହି ପ୍ରକଳ୍ପ ମାଧ୍ୟମରେ ଗ୍ରାମାଞ୍ଚଳରେ ଲୋକମାନେ ଜୈବିକ ଖତ ବ୍ୟବହାର କରି ପୁଷ୍ଟିକର ପରିବା ଉତ୍ପାଦନ କରିପାରିବେ। ଯାହାଦ୍ୱାରା ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟକୁ ରୋଜଗାରକ୍ଷମ କରିପାରିବେ। କିନ୍ତୁ ନାଉଗାଁ ବ୍ଲକ୍‌ରେ ଉକ୍ତ ଯୋଜନାରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ଏହି ବ୍ଲକରେ ଏନ୍‌ଏମ୍‌ଏମ୍‌ଏସ୍ ଫଟୋ ଉତ୍ତୋଳନରୁ ବଞ୍ଚିବା ପାଇଁ ଗୋଷ୍ଠୀଭିତ୍ତିକ ବଗିଚାକୁ ବ୍ୟକ୍ତିଗତ ଭାବେ ଦର୍ଶାଇ ବିଲ୍‌ପ୍ରଦାନ କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବ୍ଲକର ୧୬ ପଞ୍ଚାୟତ ମଧ୍ୟରୁ କୋରୁଅ, ଅଲଣା, ଜାମୁଗାଁ, ଶିଖର, ରୋହିଆ ପଞ୍ଚାୟତକୁ ଛାଡ଼ି ଦେଲେ ଅନ୍ୟ ପଞ୍ଚାୟତରେ ମୋ ଉପକାରୀ ବଗିଚା ପ୍ରକଳ୍ପ କାର୍ଯ୍ୟ କରାଯାଇଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ଗଜରାଜପୁର, ଘୋଡାଂଶ ପଞ୍ଚାୟତକୁ ଛାଡିଦେଲେ ଅନ୍ୟ ପଞ୍ଚାୟତରେ ମୋ ଉପକାରୀ ବଗିଚା ହୋଇ ନ ଥିବା ଜଣାଯାଇଛି। ବ୍ଲକରେ ଏମ୍‌ଜିଏନ୍‌ଆରଇଜିଏସ୍‌କୁ ଖୁଲମଖୁଲା ଉଲ୍ଲଂଘନ କରାଯାଉଥିବା ବେଳେ ତଦାରଖ ଦାୟିତ୍ୱରେ ଥିବା ଅଧିକାରୀମାନେ କିପରି ଜାଣିପାରୁ ନ ଥିଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଏନ୍‌ଏମ୍‌ଏମ୍‌ଏସ୍ ଆପ୍ ମାଧ୍ୟମରେ ପୁରୁଣା ଫଟୋ ସହିତ ଗୋଟିଏ ଫଟୋକୁ ଅନେକ ଥର ଅପଲୋଡ କରାଯାଉଥିବା ନେଇ ଅଭିଯୋଗ ହେଉଥିଲେ ମଧ୍ୟ ତଦାରଖ ଦାୟିତ୍ୱରେ ଥିବା ବ୍ଲକ ଓ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିଲା। ବାରମ୍ବାର ଅଭିଯୋଗ ପରେ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଚିଠି ସଂଖ୍ୟା ଜେ-୧୧୦୬୦/୨/୨୦୨୧-ଆରଭିଆଇ ପାର୍ଟ(୧) (୩୯୦୦୩୯)/ ୮।୭।୨୦୨୫ରେ ବିଭିନ୍ନ ରାଜ୍ୟକୁ ଏନ୍‌ଏମ୍‌ଏମ୍‌ଏସ୍ ଆପ୍ ଅପବ୍ୟବହାରକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏନ୍‌ଏମ୍‌ଏମ୍‌ଏସ୍ ଆପ୍‌ରେ ଅପଲୋଡ ହେଉଥିବା ଫଟୋର ତଦାରଖ ପାଇଁ ଜଗତ୍‌ସିଂହପୁର ଜିଲା ପରିଷଦ କାର୍ଯ୍ୟାଳୟର ପତ୍ର ସଂଖ୍ୟା ୩୧୭୯/୧୧।୮।୨୦୨୫ରେ ପ୍ରତ୍ୟେକ ବ୍ଲକ ପାଇଁ ଜଣେ ଲେଖାଏ ନୋଡାଲ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ଏଥିରେ ନାଉଗାଁ ବ୍ଲକ ପାଇଁ ଡିଏସ୍‌ସି ରଞ୍ଜିତ କୁମାର ପରିଡା ନିଯୁକ୍ତି ପାଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏହି ବ୍ଲକରେ ଏନ୍‌ଏମ୍‌ଏମ୍‌ଏସ୍ ଆପ୍‌କୁ କେବଳ ମାଟି କାର୍ଯ୍ୟରେ ସୀମିତ ନ ରଖି ମୋ ଉପକାରୀ ବଗିଚାରେ ବ୍ୟବହାର କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ବିଡିଓ ନିରଞ୍ଜନ ପରିଡାଙ୍କୁ ପଚାରିବାରେ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଛି। କ'ଣ ହୋଇଛି ତଦନ୍ତ ପରେ ଜଣାପଡ଼ିବ ବୋଲି ସେ କହିଛନ୍ତି।

# ଜଗତ୍‌ସିଂହପୁର ସହରରେ ତ୍ରିରଙ୍ଗା ଶୋଭାଯାତ୍ରା



ଶୋଭାଯାତ୍ରରେ ବିଧାୟକ ଅମରେନ୍ଦ୍ର ଦାସ ଓ ଅନ୍ୟମାନେ।

ଜଗତ୍‌ସିଂହପୁର, ୧୩।୮ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ସହରରେ ବୁଧବାର ବହୁ ସଂଖ୍ୟାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ସାରା ଦେଶରେ ଭାଜପା ପକ୍ଷରୁ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ ଚାଲିଛି। ଏହାକୁ ସମ୍ମାନ ଜଣାଇ ଭାଜପା ପକ୍ଷରୁ ଜଗତ୍‌ସିଂହପୁର ସହରରେ ତ୍ରିରଙ୍ଗା ଶୋଭାଯାତ୍ରାର କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଗାନ୍ଧି ଛକ ନିକଟରୁ ଶୋଭାଯାତ୍ରା ବାହାରିଥିଲା। ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଶୋଭାଯାତ୍ରା ସାନବଜାର, ଟାଉନ ହଲ ଦେଇ ପୌର ପରିଷଦ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବହୁସଂଖ୍ୟାରେ ଜନତା ତ୍ରିରଙ୍ଗା ଧରି ଦେଶାତ୍ମବୋଧକ ସ୍ଲୋଗାନ ଦେଇ ପଦଯାତ୍ରାରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ବ୍ଲକ ପୂର୍ବତନ ଅଧକ୍ଷ ପ୍ରସନ୍ନ ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ପୂର୍ବତନ ଭାଜପା ଜିଲା ଉପସଭାପତି ଜଗନ୍ନାଥ ଦାଶ, ବରିଷ୍ଠ ଭାଜପା ନେତା ଶ୍ରୀକାନ୍ତ ଚୌଧୁରୀ, ସୌଭାଗ୍ୟ ମହାନ୍ତି, ଲିଙ୍ଗରାଜ ଲେଙ୍କା, ବିଧାୟକଙ୍କ ପୌର ପରିଷଦ ପ୍ରତିନିଧି ସୁଶାନ୍ତ ସ୍ୱାଇଁ, ପାରିଷଦ ଗୋଲାମ ଅଲ୍ଲୀ ଖାଁ, ସମୀର ସାହାଣୀ, ପାରିଷଦ ଦେବାଶିଷ ସ୍ୱାଇଁ, ଦେବୀ ପ୍ରସାଦ ପାଢ଼ୀ, ସୁଶାନ୍ତ ମଲ୍ଲିକ, ତାପସ ଦାସ, ବିଷ୍ଣୁ ବେହେରାଙ୍କ ସମେତ ପ୍ରମୁଖ ଦଳୀୟ କର୍ମକର୍ତ୍ତା, ଯୁବ, ଛାତ୍ର ଓ ମହିଳାମାନେ ଯୋଗଦେଇଥିଲେ।

# ବିଭିନ୍ନ ପାକ୍ସ ପରିଦର୍ଶନ କଲେ ଭାଜପା ପ୍ରତିନିଧି ମଣ୍ଡଳୀ

ପାଟକୁରା, ୧୩।୮ (ରବୀନ୍ଦ୍ର ନାଥ ବାରିକ)

କୃଷକମାନେ ସେବା ସମବାୟ ସମିତି (ପାକ୍ସ) ମଣ୍ଡିରେ ଧାନ ବିକ୍ରି କରିବାକୁ ନାମ ପଞ୍ଜୀକରଣ କରିପାରୁନାହାନ୍ତି। ଏ ନେଇ ନାନା ଅବ୍ୟବସ୍ଥା ଲାଗି ରହିଛି। ଏହି ଖବର ମିଳିବା ପରେ ପାଟକୁରା ଭାଜପା ନେତା ତଥା ରାଜ୍ୟ ଭାଜପା ମୁଖପାତ୍ର ତେଜେଶ୍ୱର ପରିଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଗରଦପୁର ବ୍ଲକର ବିଭିନ୍ନ ପାକ୍ସରେ ପହଞ୍ଚି ସେଠାରେ ଥିବା ଚାଷୀମାନଙ୍କୁ ସାକ୍ଷାତ କରି ସମସ୍ୟା ବିଷୟରେ ଅବଗତ ହୋଇଥିଲେ। ତାଙ୍କ ସହ ପ୍ରତିନିଧି ମଣ୍ଡଳରେ ଜିଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀଧର ପ୍ରସାଦ ପ୍ରଧାନ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶିନୀ ନନ୍ଦ, ଜିଲା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ବିଚିତ୍ର ପ୍ରଧାନ, ଜିଲା କୃଷକ ମୋର୍ଚ୍ଚା ଉପସଭାପତି ଶ୍ରୀକାନ୍ତ ସେନାପତି, ଭାଜପା କାର୍ଯ୍ୟକାରିଣୀ ସଭ୍ୟ ବିଜୟ ନାୟକ ଓ ମଣ୍ଡଳ ସଭାପତି ଚିତ୍ତରଞ୍ଜନ ଚୌଧୁରୀ ପ୍ରମୁଖ ସମିତି କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ସମିତିରେ ବୈଠକ କରି ଚାଷୀମାନଙ୍କୁ ବୁଝାଇ ନାମ ପଞ୍ଜୀକରଣ କରାଇବାକୁ ପ୍ରତିନିଧି ମଣ୍ଡଳ କହିଥିଲେ। ଏ ବାବଦରେ ପ୍ରତିନିଧି ମଣ୍ଡଳ ସମବାୟ ସମିତିର ଉଚ୍ଚ ଅଧିକାରୀଙ୍କ ସହିତ ଖୁବଶୀଘ୍ର ଆଲୋଚନା କରି ପଞ୍ଜୀକରଣ ପାଇଁ ସରଳ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସରକାରଙ୍କ ଯୋଜନାରୁ ଚାଷୀମାନେ ସୁଫଳ ପାଇବା ଉଚିତ ବୋଲି ସେମାନେ କହିଥିଲେ। ଭାଜପା ପ୍ରତିନିଧି ମଣ୍ଡଳ ଗରଦପୁର ବ୍ଲକର ବେଡାରୀ, ପାଖଡ଼ ଓ ଗରଦପୁର ସେବା ସମବାୟ ସମିତିରେ ପହଞ୍ଚି ସମିତି କର୍ମକର୍ତ୍ତା ଓ ଉପସ୍ଥିତ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ।


ଭାଜପା ନେତା ତେଜେଶ୍ୱର ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ ପାକ୍ସ ସବୁ ବୁଲୁଛନ୍ତି।

# ସ୍ୱଚ୍ଛତାର ସହ ବିକାଶ ତ୍ୱରାନ୍ୱିତ କରିବାକୁ ପରାମର୍ଶ


ବୈଠକରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ପଟ୍ଟାମୁଣ୍ଡାଇ ପୌର ପରିଷଦ ବୈଠକ**

ପଟ୍ଟାମୁଣ୍ଡାଇ, ୧୩।୮ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପୌର ପରିଷଦର ପ୍ରତ୍ୟେକ ଜନକଲ୍ୟାଣ ଯୋଜନା ଓ ବିକାଶମୂଳକ କାର୍ଯ୍ୟକ୍ରମକୁ ସ୍ୱଚ୍ଛତାର ସହ କାଉନସିଲ ପ୍ରତିନିଧିଙ୍କ ସହଯୋଗରେ ତ୍ୱରାନ୍ୱିତ କରିବାକୁ ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ପୌର ପରିଷଦର ୧୭ତମ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପରାମର୍ଶ ଦେଇଛନ୍ତି। ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ବିଧାୟକ କହିଲେ, ବହୁ ଆଶା ଭରସା ନେଇ ପୌରାଞ୍ଚଳର ଜନସାଧାରଣ ପଟ୍ଟାମୁଣ୍ଡାଇ ପୌର ପରିଷଦକୁ ନିର୍ବାଚିତ କରିଛନ୍ତି। ପ୍ରତ୍ୟେକ ସରକାରୀ ଯୋଜନା, ବିକାଶମୂଳକ କାର୍ଯ୍ୟକ୍ରମ ସର୍ବୋପରି ଜଳନିଷ୍କାସନ ଓ ବୁଲା ଗାଈଗୋରୁ ହଟାଇବା ଓ ଉଠାଦୋକାନୀ ଥଇଥାନ ପ୍ରତି ବିଶେଷ ଦୃଷ୍ଟି ଦେଇ ସମସ୍ତ କାର୍ଯ୍ୟକ୍ରମକୁ ସ୍ୱଚ୍ଛତାର ସହ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ସାହୁ ପୌର ପରିଷଦର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ ବିଗତ ବୈଠକର ବିବରଣୀ ପାଠ କରିଥିଲେ। କାଉନସିଲର ଗୋପୀବଲ୍ଲଭ ନାୟକ, ପ୍ରଶାନ୍ତ ବାରିକ, ଲକ୍ଷ୍ମୀପ୍ରିୟା ସାହୁ, ସନ୍ତୋଷ ଦାସ, ବନିତା ମଲିକ, ମଧୁସ୍ମିତା ମଲିକ, ସୁଧାମୟ ମଲିକ, ମଳୟ ଓଝା ପ୍ରିୟଙ୍କା ସେଠୀ ବିଦ୍ୟାଧର ସେଠୀ, ସାନିଆ ପରମିନ ସାହେବା, ଝରଣା ବେହେରା, ଲାସ୍ୟମୟୀ ସାହୁ, ମୃତ୍ୟୁଞ୍ଜୟ ପାଢ଼ୀ, ସୁବାସ ମଲିକ ପ୍ରମୁଖ ଯୋଗ ଦେଇ ନିଜ ନିଜ ୱାର୍ଡର ସମସ୍ୟା କହିଥିଲେ। ଶେଷରେ ପୌର ଉପାଧ୍ୟକ୍ଷା ଅନୁପ୍ରିୟା ସାହୁ ଧନ୍ୟବାଦ ଦେଇଥିଲେ। ଏହି ବୈଠକକୁ ସରୋଜ ପଣ୍ଡା, ପ୍ରଫୁଲ୍ଲ ଦାଶ ତପସ୍ୱିନୀ ଦାଶ, ହୃଷିକେଶ ନାଥ, ଗଙ୍ଗାଧର ନାୟକ, ଗଣେଶ ଦାସ ଓ ମନୋରଞ୍ଜନ ଦାଶ ପରିଚାଳନା କରିଥିଲେ।

# ବିଦ୍ୟାଳୟରେ ସ୍ୱାସ୍ଥ୍ୟସେବା ଶିବିର, ଚାରାରୋପଣ

ରଘୁନାଥପୁର, ୧୩।୮ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକର ସର୍ବପୁରାତନ ତରିକୁନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ସ୍ୱର୍ଗତ ସୋମନାଥ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକରେ ମାଗଣା ସ୍ୱାସ୍ଥ୍ୟସେବା ଓ ଚକ୍ଷୁ ଚିକିତ୍ସା ଶିବିର, ଚାରା ରୋପଣ ଏବଂ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ଗୁରୁଦକ୍ଷିଣା ସଭା ଗୃହରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ବିଚିତ୍ରାନନ୍ଦ ଦାସ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ନଦିଆ ବିହାରୀ ମହାନ୍ତି ଯୋଗଦେଇ ଅଞ୍ଚଳବାସୀଙ୍କୁ ଶିକ୍ଷିତ କରିବାକୁ ପ୍ରତିଷ୍ଠାତା ସମ୍ପାଦକ ମିଶ୍ର ଯେଉଁ ସ୍ୱପ୍ନ ଦେଖିଥିଲେ ଏହି ବିଦ୍ୟାଳୟ ତା'ର ଏକମାତ୍ର ମୂକସାକ୍ଷୀ ଭାବେ ଉଭାହୋଇଛି। ଏହାଛଡା ଶିକ୍ଷା କ୍ଷେତ୍ରରେ ସୋମନାଥ ସାର୍ ଥିଲେ ଅଞ୍ଚଳବାସୀଙ୍କ ପାଇଁ ପ୍ରେରଣାର ଉତ୍ସ। ସେହିପରି ସାହିତ୍ୟିକ ହିମାଂଶୁ କୁମାର ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ସୋମନାଥ ସାରଙ୍କ ଆଦର୍ଶ ଓ ତ୍ୟାଗକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ରବୀନ୍ଦ୍ରନାଥ ଆଚାର୍ଯ୍ୟ ଓ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରୀତିମଞ୍ଜରୀ ଭୂୟାଁ ଯୋଗଦେଇଥିଲେ। ଏହି ଅବସରରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ସଚ୍ଚିଦାନନ୍ଦ ଓ ଯୁଧିଷ୍ଠିର ଦାଶ ମେଧା ସମ୍ମାନ ଏବଂ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଏହାଛଡା ମିଶ୍ରଙ୍କ ଜୀବନୀକୁ ନେଇ ଏକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶ୍ରୀବତ୍ସ ଆଚାର୍ଯ୍ୟ ସଭା ସଞ୍ଚାଳନ ଓ ବିମୋଦ କୁମାର ଜେନା ଧନ୍ୟବାଦ ଦେଇଥିଲେ। ପରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ସ୍ୱାସ୍ଥ୍ୟସେବା ଓ ଚକ୍ଷୁ ଚିକିତ୍ସା ଶିବିରକୁ ଅବଦୁଲ ମୋହିତ, କିଶୋର ଚନ୍ଦ୍ର ସାହୁ, ଅକ୍ଷୟ ବେହେରା, ରମେଶ ସାହାଣୀ, ଆର୍ତ୍ତତ୍ରାଣ ମଲ୍ଲିକ ଓ ବିଭୂଷଣ ମକଦମ ପରିଚାଳନା କରିଥିଲେ। ସେହିପରି ଶିକ୍ଷକ ସୁକାନ୍ତ କୁମାର ମହାନ୍ତି, ଆଦିକନ୍ଦ ନାୟକ, ବସନ୍ତ ଦାଶ, ବୀରକିଶୋର ରାଉତରାୟ, ଡ. ଅକ୍ଷୟ ମିଶ୍ର, ପ୍ରାଣକୃଷ୍ଣ ସାହୁ, ଇଲିଆସ୍ ଖାଁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଔଷଧ ପୋଡ଼ି ଘଟଣାର ତଦନ୍ତ ଆରମ୍ଭ

ଡେରାବିଶ, ୧୩।୮ (ବେବର୍ତ୍ତା ଅଜୟ ଦାସ)

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଔଷଧ ପୋଡ଼ି ଘଟଣାର ତଦନ୍ତ ଆରମ୍ଭ ହୋଇଛି। ନିରାମୟ ଯୋଜନାରେ ରାଜ୍ୟ ସରକାର ରୋଗୀଙ୍କୁ ମାଗଣାରେ ଔଷଧ ଯୋଗାଇ ଦେଉଛନ୍ତି। ମାତ୍ର ରୋଗୀଙ୍କୁ ଔଷଧ ମିଳିବା ପରିବର୍ତ୍ତେ ଏହାକୁ ପୋଡାଯିବା ଭଳି ଘଟଣା ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ମିଳିଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ କାର୍ଯ୍ୟାଳୟ ପଛପଟେ ବିପୁଳ ପରିମାଣର ଔଷଧ ପୋଡ଼ି ନଷ୍ଟ କରାଯାଇଥିବାର କିଛି ଦୃଶ୍ୟ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଯାହାକୁ ନେଇ ଏ ସମ୍ପର୍କରେ ବୁଧବାର ତଦନ୍ତ ଆରମ୍ଭ କରାଯାଇଛି। ଶନିବାର ଦିନ ଔଷଧ ପୋଡ଼ା ଯାଉଥିବା ଦେଖି ଲୋକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ବୁଧବାର ତଦନ୍ତ ଆରମ୍ଭ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମନୋରଞ୍ଜନ ରାଉତଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ପ୍ରମୋଦ କୁମାର ପ୍ରହରାଜ ଓ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ରଙ୍କ ସମେତ ଜଣେ ପ୍ରଶାସନିକ ଅଧିକାରୀ ଏହି ଘଟଣାର ତଦନ୍ତ କରିଥିଲେ। ଔଷଧ ପୋଡ଼ା ହୋଇଥିବା ସ୍ଥାନ ତନଖି କରିବା ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନଙ୍କୁ ପଚରାଉଚରା କରାଯାଇଥିଲା। ଏସମ୍ପର୍କରେ ତଦନ୍ତକାରୀ ଅଧିକାରୀଙ୍କୁ ପଚାରିବାରୁ ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ତଦନ୍ତ ଆରମ୍ଭ କରାଯାଇଛି। ତଦନ୍ତ ଶେଷ ପରେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

# ମହାକାଳପଡ଼ାରେ ତ୍ରିରଙ୍ଗା ଶୋଭାଯାତ୍ରା


ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ମହାକାଳପଡ଼ା, ୧୩।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଦେଶପ୍ରେମ ଓ ଜାତୀୟତାବାଦ ଜାଗ୍ରତ କରିବା ଉଦ୍ଦେଶ୍ୟରେ ୨୦ନଂ. ଜୋନ୍‌ସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା ବୁଧବାର ସ୍ଥାନୀୟ ବିଧାୟକ ଡ.ଦୁର୍ଗା ପ୍ରସନ୍ନ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପଞ୍ଚାୟତ ଅଫିସଠାରୁ ଏହି ଶୋଭାଯାତ୍ରା ବାହାରି ମହାକାଳପଡ଼ା ଗ୍ରାମ ପରିକ୍ରମା କରିବା ପରେ ଶିଖରସ୍ଥିତ ଶ୍ରୀବାସୁଦେବ ଆଶ୍ରମଠାରେ ପହଞ୍ଚିଥିଲା। ଏହି ଅବସରରେ ବିଧାୟକ ଡ.ନାୟକ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ସଂକଳ୍ପ ଯୋଗୁ ଆମ ଦେଶ ଆଜି ଆତ୍ମନିର୍ଭରଶୀଳ ହୋଇ ବିଶ୍ୱସ୍ତରରେ ସୁନାମ ଅର୍ଜନ କରିଛି ବୋଲି କହିଥିଲେ । ଏହି ଶୋଭଯାତ୍ରାରେ ଭାଜପା ସଂଯୋଜକ ସରୋଜକାନ୍ତ ସାହୁ, ପ୍ରଶାନ୍ତ କୁମାର ସେଠୀ, ସୌଭାଗ୍ୟ ରଞ୍ଜନ ବାହାଲିଆ, ପ୍ରତାପ ଚନ୍ଦ୍ର ପାଇକରାୟ, ରଞ୍ଜନ ଚୌଧୁରୀ, ପ୍ରତାପ ଚନ୍ଦ୍ର ଦାସ, ବିଦ୍ୟାଧର ସ୍ୱାଇଁ, ରତିକାନ୍ତ ପଣ୍ଡା, ପ୍ରଜ୍ଞା ପରମିତା କର, କ୍ରିଷ୍ଣପଦ ମଣ୍ଡଳ, ପ୍ରକାଶ ଚନ୍ଦ୍ର ପ୍ରଧାନ, ବିକ୍ରମ ରାଉତ ରାୟ , ବାବାଜୀ ସେଠୀଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଅପରପେକ୍ଷେ ଶ୍ରୀ ବାୟାବାବା କଲେଜ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ତ୍ରିରଙ୍ଗା ପତାକା କଲେଜରୁ ଶୋଭାଯାତ୍ରା ବାହାରି ବ୍ଲକ ଅଫିସ, କେନାଲ ରାସ୍ତା ଦେଇ ୩ କିମି ଦୂର ପର୍ଯ୍ୟନ୍ତ ପରିକ୍ରମା କରିଥିଲା।

# ୨୯ନଂ.ଜୋନ୍‌ରେ ହର୍‌ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ




ରାଜକନିକା, ୧୩।୮ (ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ପୂର୍ବ କନିକା ୨୯ନଂ.ଜୋନର ସଭାପତି ଦିଲୀପ ପରିଡ଼ାଙ୍କ ନେତୃତ୍ୱରେ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା କୋରନ୍ଦ ଗ୍ରାମରୁ ଆରମ୍ଭ ହୋଇ ହଟିଆପଡା, ଦୋସଉଡୁଣୀ, ଡାଳିକେଇନ୍ଦା ଓ ଗୋଙ୍ଗ ଗାଁରେ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ଉପସ୍ଥିତ ରହି ହାତରେ ତ୍ରିରଙ୍ଗା ଧରି ଜୟ ଭାରତ ଧ୍ୱନୀ ଦେଇ ଆସନ୍ତା ୧୫ ଅଗଷ୍ଟ ରେ ପ୍ରତି ଘରେ ତ୍ରିରଙ୍ଗା ଲଗାଇବାକୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ସହିତ ମଣ୍ଡଳ ପ୍ରତିନିଧି ଅଞ୍ଚଳ ନାୟକ, କାଟଣା ପଞ୍ଚାୟତର ପ୍ରମୁଖ ଜୟରାମ ନାୟକ, ଶୁଭକାନ୍ତ ମାହୁନ୍ତ, ସଞ୍ଜୟ ବେହେରା, ବୀରେନ ବେହୁରା, ଶୈଳେନ୍ଦ୍ର ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ସମନ୍ୱିତ ଶିକ୍ଷାଭିତ୍ତିକ ସୂଚନା ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ରଘୁନାଥପୁର, ୧୩।୮ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଧରାଧରପୁର ପଞ୍ଚାୟତସ୍ଥିତ କୁତାମଚଣ୍ଡୀ ବିଦ୍ୟାମନ୍ଦିରରେ ୨ଟି ପର୍ଯ୍ୟାୟରେ ୯ କ୍ଲଷ୍ଟରର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ସମନ୍ୱିତ ଶିକ୍ଷାଭିତ୍ତିକ ସୂଚନା(ୟୁଡାଇସ ପ୍ଲସ) ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମଙ୍ଗଳବାର ପ୍ରଥମ ପର୍ଯ୍ୟାୟରେ ୪ କ୍ଲଷ୍ଟରର ୫୬ଟି ସ୍କୁଲ ଓ ବୁଧବାର ଦ୍ୱିତୀୟ ପର୍ଯ୍ୟାୟରେ ୫ କ୍ଲଷ୍ଟରର ୫୯ ସ୍କୁଲର ଜଣେ ଲେଖାଏ ଶିକ୍ଷକ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଆଶୁତୋଷ ବାନାର୍ଜୀ ଉଦ୍‌ଘାଟନ କରି ଏହାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ସମ୍ପର୍କରେ ନିର୍ଭୁଲ ତଥ୍ୟ ସଂଗ୍ରହ, ଅଧ୍ୟାପନା କରୁଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ ତଥ୍ୟ, ବିଦ୍ୟାଳୟର ଭିତ୍ତିଭୂମି ଓ ବିଭିନ୍ନ ଯୋଜନାରେ ଆସୁଥିବା ଅନୁଦାନର ବିବରଣୀକୁ ଠିକ୍ ଭାବେ ଅନ୍‌ଲାଇନରେ କିପରି ଅପଲୋଡ କରାଯିବ ସେ ସମ୍ପର୍କରେ ତାଲିମ ଦିଆଯାଇଥିଲା। ଏହାଛଡା ଏଠାରୁ ପ୍ରଶିକ୍ଷଣ ନେଇ ଶିକ୍ଷକମାନେ ନିଜ ସ୍କୁଲରେ ଏହି କାର୍ଯ୍ୟ ସମ୍ପାଦନ କରିବାକୁ କୁହାଯାଇଥିଲା। ଉଦ୍‌ଯାପନୀ ଅବସରରେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ବାନାର୍ଜୀ ଯୋଗଦେଇ ପ୍ରଶିକ୍ଷଣ ନେଇଥିବା ଜ୍ଞାନର ସୁବିନିଯୋଗ କରିବାକୁ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ରିସର୍ଚ୍ଚ ପର୍ସନ ଭାବେ ଦୀପନ୍ୱିତା ନାୟକ, ସୁମିତାରାଣୀ ତ୍ରିପାଠୀ ଓ ବିଆର୍‌ଟି ସସ୍ମିତା ରାଉତ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସିଆର୍‌ସିସି ସୁକାନ୍ତ କୁମାର ଦ୍ୱିବେଦୀ, ବିରୁପାକ୍ଷ ସେଠୀ, ଏସ୍‌କେ ସମିମ୍‌ଉଦ୍ଦିନ, ସୋନା ମହାନ୍ତି, ଚିନ୍ମୟ ରଥ, ନିରଞ୍ଜନ ସାହୁ, ପ୍ରଶାନ୍ତ ରାଉତ, ଚତୁର୍ଭୁଜ ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କିଶୋର ମହାନ୍ତି ଏଥିରେ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

# କୃମି ଯୋଗୁ ଶାରୀରିକ, ମାନସିକ ଅନଗ୍ରସରତା ଦେଖାଦିଏ

- ଜିଲାର ୨.୩୭ ଲକ୍ଷ ଶିଶୁ, କିଶୋରଙ୍କୁ କୃମି ନାଶକ ଦିଆଯିବାକୁ ଲକ୍ଷ୍ୟ
- ୩ ହଜାରରୁ ଅଧିକ ଶିକ୍ଷାନୁଷ୍ଠାନରେ ଅଭିଯାନ ଆରମ୍ଭ


କାର୍ଯ୍ୟକ୍ରମରେ ଜିଲାପାଳ ଜେ. ସୋନାଲ ଓ ଅନ୍ୟମାନେ।

ଜଗତ୍‌ସିଂହପୁର, ୧୩।୮ (ପ୍ରମୋଦ କୁମାର ନାୟକ)

କୃମି ଯୋଗୁ ପୁଷ୍ଟିହୀନତା, ରକ୍ତହୀନତା, ବଦହଜମୀ, ଶାରୀରିକ ତଥା ମାନସିକ ଅନଗ୍ରସରତା ଆଦି ଦେଖାଯାଏ। ଯାହାଦ୍ୱାରା କାର୍ଯ୍ୟଦକ୍ଷତା କମି ଯାଇଥାଏ। ତେଣୁ କୃମି ସଂକ୍ରମଣରୁ ରକ୍ଷା ପାଇଁ କୃମି ନାଶକ ବଟିକା ସେବନ କରିବା ଆବଶ୍ୟକ। ଏଥିସହ ପରିଷ୍କାର, ପରିଚ୍ଛନ୍ନ ରହିବା ସାଙ୍ଗକୁ ମଳତ୍ୟାଗ ସମୟରେ ପାଇଖାନାରେ ଚପଲ ବ୍ୟବହାର, ଶୁଦ୍ଧ ପାନୀୟ ଜଳ ପିଇବା, ଖାଇବା ପୂର୍ବରୁ ହାତ ସଫା କରିବା ଓ ନଖ କାଟିବା ଆଦି ବିଷୟରେ ଧ୍ୟାନ ଦେବାକୁ ପଡିବ। ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ କୃମି ନାଶକ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଏହା କୁହାଯାଇଥିଲା। ଜିଲାପାଳ ଜେ. ସୋନାଲ ବୁଧବାର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ଅବସରରେ ଉପସ୍ଥିତ ଛାତ୍ରୀ ଓ ଶିକ୍ଷୟିତ୍ରୀମାନଙ୍କୁ ଏ ଦିଗରେ ସଚେତନ ସହ କୃମିନାଶକ ବଟିକା (ଆଲବେଣ୍ଡାଜୋଲ) ଖାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ୧ରୁ ୧୯ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ଏହି ସିରପ ଓ ବଟିକା ସେବନ କରାଇବାକୁ ଆଶା, ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନୱାଡି କର୍ମୀ, ଶିକ୍ଷୟିତ୍ରୀ, ଶିକ୍ଷକ ତଥା ଅଭିଭାବକମାନଙ୍କ ଗୁରୁଦାୟିତ୍ୱ ଥିବା କହିଥିଲେ। କାର୍ଯ୍ୟକ୍ରମରେ ଡା, ରାଜେନ୍ଦ୍ର କୁମାର ପାଣିଗ୍ରାହୀ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ୨୦୧୫ରୁ ପ୍ରତିବର୍ଷ ଜାତୀୟ କୃମି ନାଶକ ଦିବସ ପାଳନ କରାଯାଇ ଆସୁଛି। ଯାହାର ଉଦ୍ଦେଶ୍ୟ ହେଉଛି ୧ରୁ ୧୯ ବର୍ଷ ବୟସର ସମସ୍ତ ଶିଶୁ, କିଶୋରୀ, କିଶୋର ତଥା ୨୦ରୁ ୨୪ ବର୍ଷ ବୟସର ମହିଳା (ଗର୍ଭବତୀ ଓ ପ୍ରସୂତି ହୋଇ ନ ଥିବେ)ମାନଙ୍କୁ କୃମି ନାଶକ ବଟିକାର ସେବନ ପାଇଁ ଆକୃଷ୍ଟ ସହ ଏହି ଅଭିଯାନକୁ ସଫଳ କରାଇବା। ଜିଲାର ୧୩୬୯ଟି ସରକାରୀ ଓ ବେସରକାରୀ ବିଦ୍ୟାଳୟ, ୧୭୪୨ଟି ଅଙ୍ଗନୱାଡି କେନ୍ଦ୍ରରେ ଅଭିଯାନ ଆରମ୍ଭ ହୋଇଛି। ଉକ୍ତ ସ୍ଥାନଗୁଡିକରେ ଆଶା, ଅଙ୍ଗନୱାଡି କର୍ମୀ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ସ୍ୱାସ୍ଥ୍ୟ ବିଭାଗର କର୍ମୀମାନେ ଉପସ୍ଥିତ ରହି ପିଲାମାନଙ୍କୁ କୃମି ନାଶକ ବଟିକା ଓ ସିରପ ଖାଇବାକୁ ଦିଆଯିବା ବ୍ୟବସ୍ଥା ହୋଇଛି। ଜିଲାର ୧ରୁ ୧୯ ବର୍ଷ ବୟସର ୨,୩୭,୬୦୦ ଜଣ ଶିଶୁ ଓ କିଶୋର, ୨୦ରୁ ୨୪ବର୍ଷ ବୟସର ୨୧,୧୭୭ ପ୍ରସୂତି ତଥା ଗର୍ଭବତୀ ହୋଇ ନ ଥିବା ପ୍ରଜନନକ୍ଷମ ମହିଳାଙ୍କୁ ଏହି ବଟିକା ଓ ସିରପ ଦିଆଯିବାର ଲକ୍ଷ୍ୟଧାର୍ଯ୍ୟ ରହିଛି। ଜିଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଲୋକନାଥ ପାତ୍ର, ଡା. ସରୋଜ କୁମାର ଜେନା, ଡା. ଶତ୍ରୁଘ୍ନ ଦାସ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଡିଏସ୍‌ଡବ୍ଲୁଓ ବିଷ୍ଣୁପ୍ରିୟା ସେଠୀ, ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା. ବାସନ୍ତୀ ପାଲି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ, ଡିପିଏମ, ଡେପୁଟୀ ମ୍ୟାନେଜର, ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟସ୍ତରୀୟ କାର୍ଯ୍ୟକ୍ରମରେ ମହିଳା ସ୍ୱାସ୍ଥ୍ୟ କର୍ମୀ, ସହରାଞ୍ଚଳର ଆଶା କର୍ମୀମାନେ ଉପସ୍ଥିତ ଥିଲେ। ଏନ୍‌ଏଚ୍‌ଏମ୍ ଡେପୁଟି ମ୍ୟାନେଜର ସନ୍ଧ୍ୟାରାଣୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ ଦେଇଥିଲେ।

# ସଭାପତି ପାଇଁ ଦ୍ୱନ୍ଦ୍ୱ ହେବାରୁ ମତଦାନ

ନୟାଗଡ଼,୧୩।୮(ଲୋକନାଥ ମିଶ୍ର)



ବୈଠକରେ ଯୋଗଦେଇଥିବା ସଦସ୍ୟମାନେ ହୋହଲ୍ଲା କରୁଛନ୍ତି।

- ସପକ୍ଷରେ ୧୦, ବିପକ୍ଷରେ ୯୦ଭୋଟ
- ହଟ୍ଟଗୋଳରେ ଶେଷ ବାର୍ଷିକ ସାଧାରଣ ସଭା
- ବୈଠକ ବାତିଲ କରି ଚାଲିଗଲେ ଜିଲାପାଳ
- ହାଇକୋର୍ଟଙ୍କ ନିର୍ଦ୍ଦେଶରେ ହୋଇଥିଲା ସଭା
- ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କରେ ବଢ଼ିଲା ଅଚଳାବସ୍ଥା

ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନରେ ବୁଧବାର ଅନୁଷ୍ଠିତ ନୟାଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ୬୬ତମ ବାର୍ଷିକ ସାଧାରଣ ସଭା ହଟଗୋଳରେ ଶେଷ ହୋଇଛି। ବୈଠକରେ ସଭାପତିତ୍ୱକୁ ନେଇ ଦ୍ୱନ୍ଦ ହେବାରୁ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ମତଦାନ ହୋଇଥିଲା। ଜିଲାପାଳ ସଭାପତି କରିବାକୁ ୧୦ ସପକ୍ଷରେ ମତଦାନ ମିଳିଥିବାବେଳେ ବିପକ୍ଷରେ ୯୦ ରୁ ଊର୍ଦ୍ଧ୍ୱ ମତଦାନ ଥିଲା। ମତଦାନ ସପକ୍ଷରେ ନ ଯିବାରୁ ଜିଲାପାଳ ବୈଠକକୁ ବାତିଲ କରି ଚାଲି ଯାଇଥିଲେ। ଜିଲାପାଳ ଚାଲିଯିବା ପରେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ମଧ୍ୟ ଅନୁରୂପ ଭାବେ ଚାଲି ଯାଇଥିଲେ। ବଜେଟ ପାସ୍ ହେବା ପାଇଁ ବୁଧବାର ସାଧାରଣ ସଭା ବୈଠକ ହୋଇଥିଲା। ବୈଠକ ଆରମ୍ଭ ପୂର୍ବରୁ ସଭ୍ୟମାନେ ଯୁକ୍ତି ବାଢ଼ିଥିଲେ ପୂର୍ବରୁ ୬୬ତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏଣୁ ବୁଧବାର ଅନୁଷ୍ଠିତ ସାଧାରଣ ସଭା ୬୬ତମ ନୁହେଁ ୬୭ ତମ ବୋଲି ସଂଶୋଧାନ କରାଯାଉ। ଅନ୍ୟପକ୍ଷେ ସାଧାରଣ ସଭାର ବୈଠକରେ କିଏ ସଭାପତିତ୍ୱ କରିବ ସେନେଇ ଘୋଷଣା କରାଯାଉ। ନୟାଗଡ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ରବୀନ୍ଦ୍ର ସାହୁ ଥିବାବେଳେ ତାଙ୍କ ଅଧ୍ୟକ୍ଷତାରେ ବୈଠକ କରାଯାଉନଥିବାରୁ ସଭ୍ୟମାନେ ଏଭଳି ପ୍ରଶ୍ନ ଉଠାଇଥିଲେ। ଏଭଳିସ୍ଥଳେ ଜିଲାପାଳ ଦର୍ଶାଇଥିଲେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବୈଠକରେ ଜିଲାପାଳ ଅଧ୍ୟକ୍ଷତା କରିବେ। ତେବେ ଜିଲାପାଳ ବୈଠକରେ ଅଧ୍ୟକ୍ଷତା କରି ପାରିବେ ନାହିଁ ବୋଲି ସଭ୍ୟମାନେ ଯୁକ୍ତି କରିବା ସହ ସରକାରଙ୍କ ବିଭିନ୍ନ ଆଇନର ଉଦାହରଣ ଦେଇ ଜିଲାପାଳଙ୍କ ସଭାପତିତ୍ୱକୁ ନେଇ ବିରୋଧ କରିଥିଲେ। ବିରୋଧ ବଢ଼ିବା ଦେଖି ସଭାପତିତ୍ୱ କିଏ କରିବ ସେନେଇ ଜିଲାପାଳ ମତଦାନ କରାଇଥିଲେ। ବୈଠକ ବାତିଲ ହୋଇ ଯିବାରୁ ବଜେଟ ପାରିତ ହୋଇ ପାରି ନାହିଁ। ସଭ୍ୟମାନେ ଉପସ୍ଥାନ ଖାତାରେ ଦସ୍ତଖତ କରିବାକୁ ଜିଲାପାଳଙ୍କୁ ଅନୁରୋଧ କରୁଥିବାବେଳେ ଜିଲାପାଳ ଶୁଣି ନ ଥିବାର ଦେଖିବାକୁ ମିଳିଥିଲା।

ପ୍ରକାଶଯେ ୨୦୦୯ରୁ ୨୦୨୫ ମସିହା ମଧ୍ୟରେ ନୟାଗଡ କେନ୍ଦ୍ର ସମବାୟ ବ୍ୟାଙ୍କରେ ଆୟକର ଠକେଇ ପାଇଁ ୪ଟି ପାନ କାର୍ଡ କରାଯାଇଥିଲା। ଆୟକର ଠକେଇ ଜଣାପଡିବା ପରେ ୩୬୨ କୋଟି ୫୦ ଲକ୍ଷ ଜରିମାନା ହୋଇଥିଲା। ଏହାର ସେଟେଲ କରିବାକୁ ଗୋଟିଏ ଏଜେନ୍ସିକୁ ୨କୋଟି ୧୦ ଲକ୍ଷ ଓ ୧୮ ପ୍ରତିଶତ ଜିଏସଟି ଏପରି ୨କୋଟି ୪୭ ଲକ୍ଷ ୮୦ ହଜାର ପ୍ରଦାନ କରାଯାଇଥିବା ଜଣାପଡିଛି। ଏହା ପରଠାରୁ ସମ୍ପାଦକ ଓ ପରିଚାଳନା ପରିଷଦ ମଧ୍ୟରେ ବିବାଦ ଲାଗି ରହିଛି। ଏନେଇ ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ କୁହନ୍ତି, ବଜେଟ ପାସ ଉଦ୍ଦେଶ୍ୟରେ ସାଧାରଣ ସଭା କରିବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ମିଳିଥିଲା। କୋର୍ଟ ନିର୍ଦ୍ଦେଶ ପରେ ସାଧାରଣ ସଭା ପାଇଁ ନୋଟିସ୍ କରାଯାଇଥିଲା। ୧୩ ତାରିଖରେ ସୃଜନ ହଲରେ ସାଧାରଣ ସଭା ବୈଠକ ହୋଇଥିଲା। ସାଧାରଣ ସଭାରେ ବଜେଟ ଉପସ୍ଥାପନ କରାଯାଇଥିଲା। କିଛି ସଭ୍ୟ ବିରୋଧ କରଥିଲେ। ତେବେ ଗତ ୧୨ ତାରିଖରେ ହାଇକୋର୍ଟ ପୁଣି ଏକ ନିର୍ଦ୍ଦେଶ ଦେଇଛନ୍ତି। ୧୩ ତାରିଖର ସାଧାରଣ ସଭା ବୈଠକରେ ଯାହା କିଛି ନିଷ୍ପତ୍ତି ହେବ ହାଇକୋର୍ଟଙ୍କ ଅନୁମତି ବିନା ଆପ୍ରଭୁ କରାଯିବ ନାହିଁ। ୧୩ ତାରିଖର ନିଷ୍ପତ୍ତି ଯାହା ହୋଇଛି ତାହା ହାଇକୋର୍ଟରେ ଉପସ୍ଥାପନ କରାଯିବ। ହାଇକୋର୍ଟ ଏଦିଗରେ ଚଳିତ ମାସ ୧୮ ତାରିଖରେ ଯାହା ନିର୍ଦ୍ଦେଶ ଦେବେ ସେ ଅନୁସାରେ କାର୍ଯ୍ୟ କରାଯିବ। ନୟାଗଡ କେନ୍ଦ୍ର ସମବାୟ ବ୍ୟାଙ୍କ ଚାଷୀଙ୍କ ପାଇଁ କାମ କରୁଛି। ଧାନକିଣା ପାଇଁ ଚାଷୀ ପଞ୍ଜୀକରଣରେ ସମବାୟ ବ୍ୟାଙ୍କର ବଡ ଭୂମିକା ଥାଏ। ଚାଷୀଙ୍କର ଉନ୍ନତି ହେଉ। ସେମାନେ ଠିକ ଋଣ ପାଆନ୍ତୁ। କର୍ମଚାରୀମାନେ ଦରମା ଠିକରେ ପାଆନ୍ତୁ। କର୍ମଚାରୀ ଦରମା ନପାଇଲେ କାମ ଠିକରେ କରିବେ ନାହିଁ। ଚାଷୀମାନେ ବି ହଇରାଣ ହେବେ। ଏଣୁ ବଜେଟ ପାସ କରାଯିବା ପାଇଁ ବୈଠକ କରାଯାଇଥିଲା ବୋଲି କହିଛନ୍ତି। ନୟାଗଡ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ଅଜୟ ପଟ୍ଟନାୟକ କୁହନ୍ତି ୧୩ ତାରିଖ ସାଧାରଣ ସଭା ଜିଲାପାଳଙ୍କ ଅଧ୍ୟକ୍ଷତାରେ ହୋଇଛି। ବୈଠକ ରେ ବଜେଟ ପାସ କରିବା ବ୍ୟତିତ ଅନ୍ୟ କିଛି ଉଦ୍ଦେଶ୍ୟ ନଥିଲା। କର୍ମଚାରୀ ଓ ଆଉଟ ସୋସିଂ କର୍ମଚାରୀ ଦରମା ପାଉ ନଥିବାରୁ ବଜେଟ ପାସ ହେବାର ଥିଲା। ସେଇଟା ହୋଇ ପାରିଲା ନାହିଁ। ୬୬ତମ ସାଧାରଣ ସଭା ହୋଇନି। ଯାହା କରାଯାଇଛି ତାହା ଆଇନତଃ ହୋଇ ନ ଥିବାରୁ ୧୩ ତାରିଖର ସାଧାରଣ ସଭା ୬୬ତମ ରଖାଯାଇଥିଲା। ଏଣୁ ୧୩ ତାରିଖର ବୈଠକ ସମ୍ପର୍କରେ ଜିଲାପାଳ ଯାହା କିଛି ପଦକ୍ଷେପ ନେବେ ବୋଲି କହିଛନ୍ତି।

## ମନମୋହନ ସାମଲ,ସୁକାନ୍ତ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା



ଭାଜପା ରାଜ୍ୟ ସଭା ସଭାପତିଙ୍କୁ ସ୍ୱାଗତ କରାଯାଉଛି।

ଦଶପଲ୍ଲା,୧୩।୮(ପ୍ରକାଶ କୁମାର ପାଣି)

ବୁଧବାର ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏବଂ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ଫୁଲବାଣୀ ଗସ୍ତ ସମୟରେ ଦଶପଲ୍ଲାର ବିଭିନ୍ନ ସ୍ଥାନରେ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏକ ବିରାଟ ମୋଟର ସାଇକେଲ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ଦଶପଲ୍ଲା ଭାଜପା କାର୍ଯ୍ୟାଳୟଠାରେ ଏମ୍‌ପିଙ୍କ ପ୍ରତିନିଧି କିଶୋର ଚନ୍ଦ୍ର ଦଳବେହେରା ଏବଂ ଅଞ୍ଜନ ଦାଶଙ୍କ ନେତୃତ୍ୱରେ ବହୁ କର୍ମୀ ତାଙ୍କୁ ସ୍ୱାଗତ ଜଣାଇଥିଲେ। ସେହିପରି ଦୁର୍ଗା ବଜାରଠାରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣକୃଷ୍ଣ ବେହେରାଙ୍କ ନେତୃତ୍ୱରେ ବହୁ ବରିଷ୍ଠ ନାଗରିକ ତାଙ୍କୁ ସ୍ୱାଗତ କରିଥିଲେ। ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଉପରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।

## ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଚାଞ୍ଚଲ୍ୟକତା ଅଭିଯୋଗ

ଦାରିଙ୍ଗବାଡ଼ି,୧୩।୮ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ସ୍ୱାଧୀନତା ଦିବସ ପାଳନ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଏଥିପାଇଁ ସାମୂହିକ ପ୍ୟାରେଡ ସମେତ ବିଭିନ୍ନ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ତେବେ ଏହି ପ୍ରତିଯୋଗିତାରେ ଯେଉଁମାନେ ପରିଚାଳନା ଦାୟିତ୍ୱରେ ରହିଛନ୍ତି ସେମାନଙ୍କ ତ୍ରୁଟି ପୂର୍ଣ୍ଣ ନିଷ୍ପତ୍ତି ହେଉ କିମ୍ବା ଚଞ୍ଚକତା ଏଥିରେ କୃତି ଛାତ୍ରୀଛାତ୍ର ମାନେ ନିରାଶ ହେଉଛନ୍ତି। ଚୟନରେ ଚଞ୍ଚକତା କରାଯାଇ କୃତି ଛାତ୍ରୀଛାତ୍ରଙ୍କୁ ଚୟନ ବଦଳରେ ଅନ୍ୟଙ୍କୁ କୃତିତ୍ୱ ଘୋଷଣା କରିବା ପାଇଁ ବିଭିନ୍ନ ଚଞ୍ଚକତା ଉପାୟ କରାଯାଉଥିବା ଦାରିଙ୍ଗବାଡିର ଓଡ଼ିଶା ଷ୍ଟେଟ ବ୍ରିଗେଡ ସ୍କୁଲ ପକ୍ଷରୁ ଜାତୀୟ ଦିବସ ପାଳନ କମିଟିର ସମ୍ପାଦକ ତଥା ବିଡ଼ିଓ ପ୍ରୀତିରଞ୍ଜନ ରଥଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ପ୍ରଥମେ କ୍ଲଷ୍ଟରସ୍ତରରେ ଛାତ୍ରୀଛାତ୍ରଙ୍କୁ

### ବିଡିଓଙ୍କ ତଦନ୍ତ ଆରମ୍ଭ

ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ପଡୁଛି। ସେଠି କୃତିତ୍ୱ ଅର୍ଜନ ପରେ ବ୍ଲକସ୍ତରରେ ପୁଣି ପ୍ରତିଯୋଗିତା ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ପରିଚାଳନା କରାଯାଉଛି। କିନ୍ତୁ ଯେଉଁମାନେ କ୍ଲଷ୍ଟରସ୍ତରରେ ଅଂଶ ଗ୍ରହଣ କରିନାହାନ୍ତି। ସେଭଳି କିଛି ଛାତ୍ରୀଛାତ୍ରଙ୍କୁ ଜାତୀୟ ଦିବସ ପାଳନ କମିଟିର ପରିଚାଳନା କମିଟି ସିଧା ବ୍ଲକସ୍ତରୀୟ ପ୍ରତିଯୋଗିତାରେ ସୁଯୋଗ ଦେଇଥିବା ଅଭିଯୋଗ ହୋଇଛି। ଏଭଳି ଏକାଧିକ ଅଭିଯୋଗ ବିଗତ ବର୍ଷ ଗୁଡିକରେ ମଧ୍ୟ ଚଞ୍ଚକତା କରାଯାଇଥିବା ଅଭିଯୋଗ ହୋଇଥିଲେ ମଧ୍ୟ ପ୍ରକୃତ କୃତି ଛାତ୍ରୀଛାତ୍ରଙ୍କୁ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଚଞ୍ଚକତା ଓ ପରିଚୟ ଚିହ୍ନାମୁହଁଙ୍କୁ ଏଥିରେ କୃତିତ୍ୱ କରାଯାଇ ସ୍ୱାଧୀନତା ଦିବସରେ ପୁରସ୍କାର ଓ ମାନପତ୍ର ଦିଆଯିବା ବ୍ୟବସ୍ଥାକୁ ବ୍ରିଗେଡ ସ୍କୁଲ ପକ୍ଷରୁ ଅଭିଯୋଗ ହୋଇଛି। ଏହି ଅଭିଯୋଗ ପାଇବା ପରେ ପ୍ରଶାସନ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

## ସ୍କୁଲ ଯିବାକୁ ବାଧ୍ୟ କରିବାରୁ ଛାତ୍ରୀଙ୍କ ଆତ୍ମହତ୍ୟା

ଓଡ଼ଗାଁ,୧୩।୮(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଆଦର୍ଶ ଥାନା ଅନ୍ତର୍ଗତ କୁରାଳ ଗ୍ରାମରେ ଜଣେ ୧୨ ବର୍ଷର ଛାତ୍ରୀ କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ନାବାଳିକା ଜଣକ ବାପ ଛେଉଣ୍ଡ ହୋଇଥିବା ବେଳେ ବୁଧବାର ସକାଳେ ଟ୍ୟୁଶନରୁ ଫେରିଲା ପରେ ସ୍କୁଲ ଯିବାକୁ ଅମଙ୍ଗ ହୋଇଥିଲେ। ଫଳରେ ମା'ତାଙ୍କୁ ତାଗିଦା କରିଥିଲେ । ସ୍କୁଲ ଯିବାକୁ ବାଧ କରିଥିଲେ। ହେଲେ ଝିଅ ସ୍କୁଲ ନ ଯାଇ କୀଟନାଶକ ଖାଇ ଗୁରୁତର ହୋଇଥିଲେ । ପରିବାର ଲୋକେ ତାଙ୍କୁ କୁରାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ପରେ ତାଙ୍କୁ ନୟାଗଡ଼ ଜିଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା । ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ସାଇନ୍‌ବୋର୍ଡରେ ପିଟି ହୋଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

ପୁରୁଷୋତ୍ତମପୁର,୧୩।୮(ସୀମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବ୍ରହ୍ମପୁର-ତାରାତାରିଣୀ ମୁଖ୍ୟରାସ୍ତାର ଭାଟକୁମରଡ଼ା ବାଇଧର ମନ୍ଦିର ନିକଟରେ ରାସ୍ତାପାର୍ଶ୍ୱରେ ଥିବା ସାଇନବୋର୍ଡରେ ପିଟି ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହିଞ୍ଜିଳି ଥାନା ଅନ୍ତର୍ଗତ ଶାଶନ ଆମ୍ବଗାଁର କାହ୍ନୁ ପରିଡ଼ା।

# ପ୍ରେମକୁ ନେଇ ୨ ବନ୍ଧୁଙ୍କ ଝଗଡ଼ା ପରେ ଜୟନ୍ତୀଙ୍କୁ ହତ୍ୟା

ନୟାଗଡ଼,୧୩।୮(ଲୋକନାଥ ମିଶ୍ର)



ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଉଛି।

- ୩ ହତ୍ୟାକାରୀ ଗଲେ ଜେଲ
- ମହିଳାଙ୍କ ବେକ କାଟି ହତ୍ୟା ଘଟଣା ଫିଟିଲା ଗୁମର

ନୟାଗଡ଼ ଜିଲା ଫତେଗଡ ଥାନା ଭାପୁର ବିଟ୍ ହାଉସ୍ ଅନ୍ତର୍ଗତ ଭାପୁରରେ ଜୟନ୍ତୀ ବେହେରା(୩୬) ନାମକ ଜଣେ ବିଧବା ମହିଳାଙ୍କୁ ଗତ ୧୦ ତାରିଖ ରବିବାର ରାତିରେ ଗଳାକାଟି ହତ୍ୟା ଘଟଣାର ଗୁମର ଫିଟିଛି। ଦୁଇ ପ୍ରେମିକଙ୍କ ମଧ୍ୟରେ ଝଗଡା କାରଣରୁ ସଂପୃକ୍ତ ହତ୍ୟାକାଣ୍ଡ ଘଟିଥିବା ପୋଲିସ ତଦନ୍ତରୁ ଜାଣି ପାରିଛି। ହତ୍ୟା ଉପକରଣ ଛୁରି ଅଳସୁଆ ସେତୁ ନିକଟବର୍ତ୍ତୀ ଏକ ବୁଦା ମୂଳରୁ ଜବତ ହୋଇଥିବାବେଳେ ବୈଦେଶ୍ୱର ଥାନା ବୈଦେଶ୍ୱର ଗାଁର ମନୋଜ କୁମାର ବେହେରା (୨୮) ଓ ଦୁଇ ସାଙ୍ଗ ବୈଦେଶ୍ୱର ପାଟାଣାସାହିର ପ୍ରକାଶ ଖଟୁଆ(୧୯), ଦଶପଲ୍ଲା ଥାନା ମଧଖଣ୍ଡ ଗାଁର ସନ୍ତୋଷ ରାଉତ(୩୦)୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ୩ହତ୍ୟା ଅଭିଯୁକ୍ତଙ୍କୁ ସବଜେଲକୁ ପଠାଇ ଦିଆଯାଇଛି।

ଅତିରିକ୍ ଏସପି ସୁବାସ ଚନ୍ଦ୍ର ପଣ୍ଡାଙ୍କ ସୂଚନା ଅନୁସାରେ ଭାପୁରର ସୁରେଶ କୁମାର ବେହେରାଙ୍କ ୨ ବର୍ଷ ତଳେ ମୃତ୍ୟୁ ହୋଇ ଯାଇଥିଲା। ଭାପୁର ଘରେ ପୁଅ ଋଷି (୬)ଓ ଝିଅ ଲିଜା (୧୧)ଙ୍କ ସହ ଝିଅ ରହୁଥିଲେ। ଗତ ୧୦ ତାରିଖ ରାତିରେ ଜୟନ୍ତୀଙ୍କୁ ଗଳାକାଟି ହତ୍ୟା କରାଯାଇଥିଲା। ହତ୍ୟା ପଛରେ ଜୟନ୍ତୀଙ୍କ ମଉସା ଶ୍ୱଶୁର ପୁଅ ବୈଦେଶ୍ୱର ଥାନା ବୈଦେଶ୍ୱର ଗାଁର ମନୋଜ କୁମାର ବେହେରା ଓ ଦୁଇ ସାଙ୍ଗ ବୈଦେଶ୍ୱର ପାଟାଣାସାହିର ପ୍ରକାଶ ଖଟୁଆ, ଦଶପଲ୍ଲା ଥାନା ମଧଖଣ୍ଡ ଗାଁର ସନ୍ତୋଷ ରାଉତ ଥିଲେ। ମନୋଜଙ୍କ ଜୟନ୍ତୀଙ୍କ ସହ ପ୍ରେମ ସମ୍ପର୍କ ଥିଲା। ମନୋଜର ସାଙ୍ଗ ସନ୍ତୋଷ। ମନୋଜଙ୍କ ସହାୟତାରେ ସନ୍ତୋଷ ପରିଚିତ ହୋଇ ତାଙ୍କ ଅଜାଣତରେ ଜୟନ୍ତୀଙ୍କ ନିଜର ହୋଇ ପାରିଥିଲେ। ଜଣେ ମହିଳାଙ୍କ ଦୁଇ ଜଣ ସାଙ୍ଗ ପ୍ରେମିକ ଜଣା ପଡିବା ପରେ ଗଣ୍ଡଗୋଳ ହୋଇଥିଲା। ଗତ ୧୦ ତାରିଖ ରାତିରେ ଜୟନ୍ତୀଙ୍କ ସହ ସନ୍ତୋଷ ଥିଲେ। ଜୟନ୍ତୀଙ୍କ ଘରକୁ ମନୋଜ ଓ ପ୍ରକାଶ ଆସିଥିବାବେଳେ ସନ୍ତୋଷକୁ ଦେଖି ରାଗି ଯାଇଥିଲେ। ଜୟନ୍ତୀଙ୍କୁ ନେଇ ଦୁଇ ବନ୍ଧୁ ମନୋଜ ଓ ସନ୍ତୋଷଙ୍କ ମଧ୍ୟରେ କଥା କଟାକଟି ଝଗଡା ହୋଇଥିଲା। ଝଗଡା ସମୟରେ ଜୟନ୍ତୀଙ୍କୁ ସନ୍ତୋଷ ଓ ପ୍ରକାଶ ଧରିଥିଲେ। ମନୋଜ ରୋଷେଇ ଘରୁ ଆଣିଥିବା ପରିବା କଟା ଛୁରିରେ ଜୟନ୍ତୀଙ୍କ ବେକ କାଟି ହତ୍ୟା କରିଥିଲେ। ଏପରି ମାରପିଟ୍ ଦେଖି ଘରେ ଶୋଇଥିବା ପୁଅ ଝିଅ ଉଠି ପଡିଥିଲେ। ପଡୋଶୀ ଏକାଠି ହେବା ପୂର୍ବରୁ ହତ୍ୟାକାରୀ ୩ଜଣ ଘରୁ ମୋବାଇଲ ନେଇ ବାରିପଟେ ପଳାଇ ଯାଇଥଲେ।ଜୟନ୍ତୀଙ୍କ ବାପା କରବର ଗାଁର ମହେଶ୍ୱର ବେହେରାଙ୍କ ଅଭିଯୋଗକୁ ଭିତ୍ତି କରି ଏକ ମାମଲା (ନଂ.୨୬୦/୨୫) ରୁଜୁ ହୋଇଥିଲା।

## କିଷାନ କଂଗ୍ରେସର ସାଙ୍ଗଠନିକ ବୈଠକ

ଆସିକା,୧୩।୮(ସୁରେନ୍ଦ୍ର ନାଥ ସାହୁ):

ଗଞ୍ଜାମ ଜିଲା କଂଗ୍ରେସ (ପଶ୍ଚିମ) କମିଟି ପକ୍ଷରୁ ସୋମବାର ଆସିକା ଖମ୍ବେଶ୍ୱରୀପାଟଣାସ୍ଥିତ ଦଳୀୟ କାର୍ଯ୍ୟାଳୟରେ କିଷାନ କଂଗ୍ରେସର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା।ଯୁବନେତା ଦେବକାନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ କିଷାନ କଂଗ୍ରେସର ସଭାପତି ଅଭୟ ସାହୁ, କଂଗ୍ରେସ ନେତା ସୁନାରାମ ସାବତ, ହରିକୃଷ୍ଣ ରଥ, ଚିତ୍ରସେନ ବେହେରା, ଦୀପକ କୁମାର ଭୂୟାଁ, ବିନାୟକ ଗୌଡ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଚାଷୀଙ୍କ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା । ଚାଷୀଙ୍କ ସମସ୍ତ ବଳକା ଧାନ ସରକାର ସିଧା ସଳଖ ଚାଷୀଠାରୁ କିଣିବା, କୃଷକ ବୀମାକୁ ଠିକ ଭାବେ କାର୍ଯ୍ୟକାରୀ କରିବା, ଚାଷ ପରିବାରର ସମସ୍ତ ସଦସ୍ୟଙ୍କୁ ସ୍ଥାୟୀ ବୀମା ଭୁକ୍ତ କରିବା ଓ କୃଷକ ମାନଙ୍କୁ ୫୫ ବର୍ଷ ପରେ ୧୦ ହଜାର ଟଙ୍କା ଲେଖାଏଁ ପେନସନ ଦେବା ଲାଗି ବୈଠକରେ ଦାବି କରାଯାଇଥିଲା । ରାଜ୍ୟ ସରକାର ଏହି ଦାବିକୁ ପୂରଣ ନ କଲେ ଆଗାମୀ ଦିନରେ କଂଗ୍ରେସ ଦଳ ପକ୍ଷରୁ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସୂଚାଇ ଦିଆଯାଇଥିଲା ।

# ଆନ୍ଦୋଳନ ପରେ ବି ବଦଳିଲାନି ସମୟ ସାରଣୀ

ନୟାଗଡ଼,୧୩।୮(ଲୋକନାଥ ମିଶ୍ର)

### ଲକ୍ଷ୍ମୀ ବସ୍‌କୁ ଅଟକାଇ କଲେଜ ଛାତ୍ରଙ୍କ ଆନ୍ଦୋଳନ



ଲକ୍ଷ୍ମୀ ବସ୍‌କୁ ଛାତ୍ରୀଛାତ୍ରମାନେ ଅଟକାଇଛନ୍ତି।

ଆନ୍ଦୋଳନ ପରେ ବି ଲକ୍ଷ୍ମୀ ବସର ସମୟ ସାରଣୀ ପରିବର୍ତ୍ତନ ନ ହେବାରୁ ନୟାଗଡ଼ ବ୍ଲକ କେନ୍ଦୁଡ଼ିପି କଲେଜ ଛାତ୍ରୀଛାତ୍ର କଲେଜ ସମ୍ମୁଖରେ ଲକ୍ଷ୍ମୀବସକୁ ଅଟକାଇ ଆନ୍ଦୋଳନ କରିଥିଲେ। ପ୍ରାୟ ଦେଢ଼ ଘଣ୍ଟା ଧରି ଲକ୍ଷ୍ମୀବସ ଅଟକି ରହିଥିଲା। ବସର ଯାତ୍ରୀମାନେ ଅନ୍ୟ ଗାଡିରେ ଯାଇଥିଲେ। ଖବର ପାଇ ଇଟାମାଟି ଥାନା ପୋଲିସ ପହଞ୍ଚି ଆନ୍ଦୋଳନକାରୀ ଛାତୀଛାତ୍ରଙ୍କ ସହ ଆଲୋଚନା କରିବା ପରେ ବସ ତାର ଯାତ୍ରା ଆରମ୍ଭ କରିଥିଲା। ଅଭିଯୋଗ ଅନୁସାରେ ଲକ୍ଷ୍ମୀବସ ବଉଳସାହି କଲେଜକୁ ଯାଉ ନ ଥିବାବେଳେ କେନ୍ଦୁଡ଼ିପି କଲେଜକୁ ୫ ଥର ଯାଇ ଫେରୁଥିଲା। ବଉଳସାହି କଲେଜକୁ ଯିବା ପରେ ୩ ଥର ଯିବାକୁ ପଡୁଛି। ପୁଣି ସମୟ ସାରଣୀରେ ପରିବର୍ତ୍ତନ ହୋଇ ଯାଇଛି। ପୁରୁଣା ସମୟ ସାରଣୀ ଥିବାବେଳେ ଲକ୍ଷ୍ମୀ ବସରେ କେନ୍ଦୁଡ଼ିପି କଲେଜ ଛାତ୍ରୀଛାତ୍ର କ୍ଲାସ କରିବାକୁ ଯାଇ ସୁବିଧାରେ ଫେରୁଥିଲେ। ନୂଆ ସମୟ ସାରଣୀ ପରେ କଲେଜ ଯାଇ କ୍ଲାସ କରିବା ଓ ଆସିବା ସମ୍ଭବ ହେଉ ନାହିଁ। ଗରୀବ ଶ୍ରେଣୀର ଛାତ୍ରୀଛାତ୍ର ପାଠପଢ଼ାରୁ ବଞ୍ଚିତ ହେଲେ। ପୁଣି ସଂପୃକ୍ତ ରାସ୍ତାରେ କଲେଜ ଛାତ୍ରୀଛାତ୍ରଙ୍କ ପାଇଁ ଆଉ ବସର ସୁବିଧା ନାହିଁ। ଏଣୁ ସମୟ ସାରଣୀ ପରିବର୍ତ୍ତନ କରିବାକୁ ଦାବି କରି ଗତ ଜୁଲାଇ ୨୩ ତାରିଖରେ ଛାତ୍ରୀଛାତ୍ର ଦର୍ପନାରାୟଣପୁର ଠାରେ ନୂଆ ଜଗନ୍ନାଥ ସଡ଼କରେ ଟାୟାର ଜାଳି ଅବରୋଧ କରିଥିଲେ। ଏପରିକି ଲକ୍ଷ୍ମୀବସ ଅଟକାଇଥିଲେ। ଖବର ପାଇ ଲକ୍ଷ୍ମୀ ବସର ଜିଲା ମ୍ୟାନେଜର ଆସି ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ସମୟ ସାରଣୀକୁ ପରିବର୍ତ୍ତନ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତୋରୋକ ସେ ସମୟରେ ହଟିଥିଲା। ତେବେ ମ୍ୟାନେଜର ସମୟ ସାରଣୀରେ ପରିବର୍ତ୍ତନ ନ କରିବାକୁ ୧୩ ତାରିଖ ବୁଧବାର ପୁଣି ଆନ୍ଦୋଳନ ହୋଇଥିଲା। ଘଟଣା ସମ୍ପର୍କରେ ଇଟାମାଟି ଥାନା ଆଇଆଇସି ପ୍ରୀୟବ୍ରତ ରାଉତ କୁହନ୍ତି ସମୟ ସାରଣୀ ପରିବର୍ତ୍ତନ ନେଇ ଲକ୍ଷ୍ମୀବସର ମ୍ୟାନେଜର ଜଣାଇଛନ୍ତି। ତେବେ ଏନେଇ ଆପ୍ରୁଭ ଆସି ନ ଥିବା କହିବାରୁ କାଗଜାତ ଯାଞ୍ଚ ପାଇଁ କୁହାଯାଇଛି। ସେପଟେ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରି ଆନ୍ଦୋଳନ ହଟା ଯାଇଥିଲା ବୋଲି କହିଛନ୍ତି।

# କର୍ମଚାରୀଙ୍କ ଅବହେଳାରୁ ଫାଟିଲା ସୋଲାର ପାଣିଟାଙ୍କି

ନୂଆଗାଁ,୧୩।୮(ଧନେଶ୍ୱର ସାହୁ)

ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସରକାରୀ ଯୋଜନା ଓ ସମ୍ପତ୍ତିର ସୁରକ୍ଷା ଦାୟିତ୍ୱ ବିଭାଗୀୟ ଅଧିକାରୀ . କର୍ମଚାରୀମାନଙ୍କୁ ଦିଆଯାଇଛି। କିନ୍ତୁ କେତେଜଣ ସରକାରୀ କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁ ସରକାରଙ୍କୁ ଅନେକ କ୍ଷତି ସହିବାକୁ ପଡୁଥିବା ବେଳେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ଅଭିଯୋଗ ଆସିଛି ଚଢେଇମରା ଆଦର୍ଶ ଗ୍ରାମରୁ। ପାନୀୟ ଜଳ ଯୋଗାଣ ବିଭାଗ କର୍ମଚାରୀଙ୍କ ଅବହେଳାରୁ ଚଢେଇମରା ଗ୍ରାମରେ ଥିବା ସୋଲାର ପାଣିଟାଙ୍କି ବୁଧବାର ଫାଟି ଯାଇଛି। ଫଳରେ ଲୋକମାନେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି।

ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତ ଚଢେଇମରା ଗ୍ରାମକୁ କେନ୍ଦ୍ର ସରକାର ଆଦର୍ଶ ଗ୍ରାମ ଭାବେ ଘୋଷଣା କରିଛନ୍ତି। ଉକ୍ତ ଗ୍ରାମରେ ଅନୁସୂଚିତ ଜାତିର ପ୍ରାୟ ୩୦ ପରିବାର ବସବାସ କରୁଛନ୍ତି। ସେମାନଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ଗ୍ରାମରେ ଗୋଟିଏ ସୋଲାର ପ୍ରକଳ୍ପ ନିର୍ମାଣ କରି ପ୍ଲାଷ୍ଟିକ ପାଣି ଟାଙ୍କି ବସା ଯାଇଥିଲା। ପ୍ରକଳ୍ପ ନିର୍ମାଣର କିଛି ଦିନ ପରେ ପ୍ରକଳ୍ପ ଅଚଳ ହୋଇ ପଡିଥିଲା। ବାରମ୍ବାର ଅଭିଯୋଗ କରିବାରେ ଦୀର୍ଘ ମାସ ପରେ ତାହାକୁ ମରାମତି କରାଯାଇଥିଲା। ତେବେ ପ୍ରକଳ୍ପ ନିର୍ମାଣ ବେଳେ ସୋଲାର ଯୋଗେ ପାଣି ଟାଙ୍କି ପୂର୍ଣ୍ଣ ହେବା ପରେ ସ୍ୱୟଂକ୍ରିୟ (ଅଟୋମେଟିକ) ଭାବେ ତାହା ବନ୍ଦ ହୋଇ ଯାଉଥିଲା। କିନ୍ତୁ ପ୍ରକଳ୍ପ ଖରାପ ହୋଇ ଯିବାରେ ଅଚଳକୁ ସଚଳ କରିବା ପାଇଁ ଗ୍ରାମବାସୀ ଅଭିଯୋଗ କରିବାରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କର୍ମଚାରୀ ଯାଇ ପ୍ରାୟ ୧୫ ଦିନ ପୂର୍ବେ ତାହାକୁ ମରାମତି କରିଥିଲେ। ମରାମତି ସମୟରେ ସ୍ୱୟଂକ୍ରିୟ (ଅଟୋମେଟିକ) ଭାବେ ପାଣି ପମ୍ପ ବନ୍ଦ ହେବା ସୁଇଚ୍‌କୁ ଖରାପ କରି ଦେଇଥିଲେ। ଫଳରେ ପ୍ଲାଷ୍ଟିକ ପାଣି ଟାଙ୍କିରେ ପାଣି ପୂର୍ଣ୍ଣ ହେବା ପରେ ମୋଟର ବନ୍ଦ ନ ହୋଇ ପ୍ରତି ମୁହୂର୍ତ୍ତରେ ପାଣି ଉଠୁଥିଲା। ଏପରି ସମସ୍ୟା ବାବଦରେ ବିଭାଗୀୟ କର୍ମଚାରୀଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ ସେମାନେ ସମସ୍ୟାକୁ ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ପ୍ରାୟ ୧୫ ଦିନ ଏପରି ହେବା ପରେ ବୁଧବାର ପ୍ଲାଷ୍ଟିକ ପାଣିଟାଙ୍କିରେ ପାଣି ପୂର୍ଣ୍ଣ ଥିବା ସମୟରେ ଟାଙ୍କିଟି ଫାଟି ଯାଇଥିଲା। ଯାହା ଫଳରେ ଗାଁ ସାରା ପାଣି ହୋଇ ଯାଇଥିଲା। ଏପରିକି ସେଠାରେ ଖେଳୁଥିବା ଜଣେ ପିଲା ପାଣିରେ ଭାସି ଯିବାରେ ତାକୁ ଉଦ୍ଧାର କରି ଆଣିଥିବା ଗ୍ରାମବାସୀ କହିଛନ୍ତି। ବିଭାଗୀୟ କର୍ମଚାରୀଙ୍କ ଅବହେଳାରୁ ଏପରି ଘଟଣା ଘଟିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । କର୍ମଚାରୀ ଅବହେଳାରୁ ଘଟିଥିବା ଅଘଟଣ ବାବଦରେ ନୂଆଗାଁ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ସିଲାପ୍ରିୟା ସେଠୀଙ୍କୁ ପଚାରିବାରେ ଘଟଣା ବିଷୟରେ ମୁଁ ପଚାରି ବୁଝୁଛି ଏବଂ ତାହାକୁ ମରାମତି କରିବାକୁ କହୁଛି ବୋଲି କହିଛନ୍ତି।



ଚଢେଇମରା ଗ୍ରାମରେ ଫାଟିଯାଇଥିବା ପାଣି ଟାଙ୍କି।

# ନଡ଼ିଆକତା ହସ୍ତଶିଳ୍ପ କ୍ଲଷ୍ଟର ଘୋଷଣାରେ ସୀମିତ

■ ୬ବର୍ଷ ବିତିଲା, ମିଳିଲାନି ପ୍ରଥମ ପର୍ଯ୍ୟାୟ ଅନୁଦାନ

■ ହାତବାନ୍ଧି ବସିଛନ୍ତି ଜିଲାର ୫ଶହରୁ ଊର୍ଦ୍ଧ୍ୱ କାରିଗର

**କେନ୍ଦ୍ରାପଡ଼ା, ୧୩।୮ (ଜଗନ୍ନାଥ ଧଳ):**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ଥର ସରକାର ଗଠନ ସମୟରେ ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ପଦ ମିଳିଥିଲା। ଏହି ସମୟରେ ସ୍କିମ୍ ଫର ରିଜେନେରେଶନ ଅଫ୍ ଟ୍ରାଡିଶନାଲ ଇଣ୍ଡଷ୍ଟ୍ରିଜ (ସ୍ଫୁର୍ତି) ମାଧ୍ୟମରେ ରାଜ୍ୟର ୧୫ଟି ନଡିଆ କତା ହସ୍ତଶିଳ୍ପ ଖୋଲିବାକୁ ସେ ଘୋଷଣା କରିଥିଲେ। ଏଥିସହ ୨୦୧୯ ଅଗଷ୍ଟ ୨୫ରେ ଭିଡିଓ କନଫରେନ୍ସ ମାଧ୍ୟମରେ କୋଣାର୍କ, ପୁରୀ, ବ୍ରହ୍ମପୁର, ବାଲେଶ୍ୱର ଓ କେନ୍ଦ୍ରାପଡ଼ାରେ କ୍ଲଷ୍ଟରର ଶିଳାନ୍ୟାସ କରିଥିଲେ। ଇତିମଧ୍ୟରେ ଏହି ଶିଳାନ୍ୟାସକୁ ୬ ବର୍ଷ ପୁରିବାକୁ ଯାଉଛି। କ୍ଲଷ୍ଟର ପାଇଁ ୧୦ କୋଟି ଟଙ୍କାରୁ ପ୍ରଥମ ପର୍ଯ୍ୟାୟର ୨.୫ କୋଟି ଟଙ୍କା ଅନୁଦାନ ଅଦ୍ୟାବଧି ଆସିନାହିଁ। ଘୋଷଣାରେ ସୀମିତ ଏହି କ୍ଲଷ୍ଟରକୁ ଉଚ୍ଚ ଆଶା ରଖିଥିବା ଜିଲାର ୫ଶହରୁ ଊର୍ଦ୍ଧ୍ୱ କାରିଗର ନିରାଶ ହୋଇଛନ୍ତି। ପରିବେଶ ସୁରକ୍ଷା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଥିବା ପ୍ରଚାର ପ୍ରସାର ହେଉଥିବା ବେଳେ ଏହା ବାସ୍ତବରେ କାର୍ଯ୍ୟକାରୀ ହେଉ ନ ଥିବା ବୁଦ୍ଧିଜୀବୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ଏସମ୍ପର୍କରେ ଉମାରାଣୀ ସ୍ୱୟଂ ସହାୟକ ଗୋଷ୍ଠୀର ବନସ୍ମିତା ସାମଲ କହିଛନ୍ତି, ଜିଲାର ପାରିପଙ୍ଗରା, ନନତାର, ଆକୁଳିପଡା, ପିମ୍ପୁଡି, ଆଇତିପଡା, ପଲ୍ଲୀ ସାହାଡା, ଶାସନ, ତରାସ, ସିଆଳିଆ ଆଦି ଗ୍ରାମରେ ୫ଶହରୁ ଊର୍ଦ୍ଧ୍ୱ ନଡିଆକତା ହସ୍ତଶିଳ୍ପୀ କାରିଗର ଅଛନ୍ତି। ସାମଗ୍ରୀ ନିର୍ମାଣ ସମୟରେ ନଡିଆ କତା, ରଙ୍ଗ ଆଦି ସହଜରେ ମିଳୁ ନ ଥିବା ବେଳେ ବିକ୍ରି ପାଇଁ ବାରଦୁଆର ହେବାକୁ ପଡୁଛି। ଏହି ଶିଳ୍ପ ପାଇଁ ସହଜରେ ଋଣ ମିଳୁ ନ ଥିବାରୁ ହାତଉଧାରି କରି ସାମଗ୍ରୀ ତିଆରି କରିବାକୁ ପଡୁଛି। ବର୍ଷକରେ ଥରେ ଦୁଇଥର ପଲ୍ଲିଶ୍ରୀ ମେଳା ହେଉଛି। କେନ୍ଦ୍ର ସରକାରଙ୍କ କ୍ଲଷ୍ଟର ଯୋଜନା କାର୍ଯ୍ୟକାରୀ ହୋଇଥିଲେ ଏସବୁ ସମସ୍ୟାର ସମାଧାନ ହୋଇଥାନ୍ତା। ତତ୍କାଳୀନ ମନ୍ତ୍ରୀ ଷଡ଼ଙ୍ଗୀଙ୍କ କ୍ଲଷ୍ଟର ନିର୍ମାଣ ଘୋଷଣା ଆମ ଜିଲା ପାଇଁ ଉପହାସ ପରି ଲାଗୁଛି। ବାୟାବାବା ମହିଳା କତା ସମବାୟ ସମିତି ସମ୍ପାଦିକା ଶ୍ରୀମତୀ ନାୟକ କହିଛନ୍ତି, ନଡିଆକତାରେ ନିର୍ମିତ ସାମଗ୍ରୀ ପରିବେଶ ଅନୁକୂଳ। ଏହା ପ୍ଲାଷ୍ଟିକର ଚାହିଦା କମାଇବା ସହ ସମୟକ୍ରମେ ନଷ୍ଟ ହେବାରେ ଅସୁବିଧା ନାହିଁ। ସମିତି ସଦସ୍ୟାମାନେ ମ୍ୟାଟ୍, କାରପେଟ, କାନ୍ଥ ଝୁଲା, ଟୋପି, ବାସ୍କେଟ, ହାତପଙ୍ଖା, ଫୁଲଦାନୀ ଆଦି ସାମଗ୍ରୀ ସୁନ୍ଦର ଭାବେ ପ୍ରସ୍ତୁତ କରୁଛନ୍ତି। ଏସବୁ ବିକ୍ରି ପାଇଁ କୌଣସି ପ୍ରୋତ୍ସାହନ ନାହିଁ। ବୁଦ୍ଧିଜୀବୀ ଲକ୍ଷ୍ମୀକାନ୍ତ ନାୟକ କହିଛନ୍ତି, ରାଜନେତାମାନେ କେନ୍ଦ୍ରାପଡ଼ା ଜିଲାବାସୀଙ୍କୁ ପ୍ରତିଶ୍ରୁତି ଦେଇ ଠକିବାର ବହୁ ନଜିର ଅଛି। ବରୁଣେଇ ବନ୍ଦର, ଥର୍ମାଲ ପ୍ଲାଣ୍ଟ, ଶିଳ୍ପ, କେନ୍ଦ୍ରାପଡ଼ା ସହରକୁ ଗୁଡ଼ଗାଁଓ ପରି ଗଢ଼ି ତୋଳିବା, ଆଖଡାଶାଳୀ ବନ୍ଦରଠାରୁ ଆରମ୍ଭ କରି ଜଳ ପରିଚାଳନା, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ବ୍ୟବସ୍ଥା, ଗମନାଗମନ, ଭିତରକନିକାକୁ ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ କରିବା ଆଦି ବହୁ ପ୍ରତିଶ୍ରୁତି ଜିଲାବାସୀଙ୍କୁ ମିଳିଛି। ପ୍ରତିଶ୍ରୁତିଗୁଡିକ କାର୍ଯ୍ୟକାରୀ ହେବା କେହି କେବେ ଦେଖିନାହାନ୍ତି। କର୍ମନିଯୁକ୍ତି ଏହି ଜିଲାରେ ଏକ ବଡ଼ ସମସ୍ୟା ହୋଇଥିବା ବେଳେ ନିରାକରଣ ନ ଥିବାରୁ ଯୁବବର୍ଗ ଦାଦନ ଖଟିବାକୁ ଯାଉଛନ୍ତି। ନଡିଆ କତା ହସ୍ତଶିଳ୍ପ କ୍ଲଷ୍ଟର ହୋଇଥିଲେ ଜିଲାର ବହୁ ମହିଳା କାରିଗର ଆତ୍ମନିର୍ଭର ହୋଇ ପାରିଥାନ୍ତେ। ଦକ୍ଷତା ତାଲିମ ସହ ଶିଳ୍ପ ପାଇଁ ଭିତିଭୂମି ମିଳିଥାନ୍ତା। ଏବେ କାଇଁଛ ଶିଳ୍ପ ସାମଗ୍ରୀ ଅନ୍‌ଲାଇନରେ ଉପଲବ୍ଧ ହେଉଛି। ସେହିପରି ନଡିଆ କତା ଶିଳ୍ପର ପୁନର୍ଜନ୍ମ ହୋଇଥାନ୍ତା। ରାଜନେତା ଓ ପ୍ରଶାସକଙ୍କ ସମନ୍ୱୟ ନ ଥିବାରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ତୃଣମୂଳସ୍ତରରେ ପହଞ୍ଚି ପାରୁ ନ ଥିବା ସେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ରବିନ୍ଦ୍ର କୁମାର ମଲିକଙ୍କୁ ପଚାରିବାରୁ ସେ କହିଛନ୍ତି, ନଡିଆକତା ହସ୍ତଶିଳ୍ପ କ୍ଲଷ୍ଟର ଯୋଜନାର ସ୍ଥିତି ସମ୍ପର୍କରେ ସେ ଅନୁଧ୍ୟାନ କରିବେ। ଏହାପରେ ଯାହାକିଛି ପଦକ୍ଷେପ ଗ୍ରହଣ କରାଯିବ।



ନଡ଼ିଆକତାରେ ନିର୍ମିତ ସୌଖୀନ ସାମଗ୍ରୀ।

# ବନ୍ଦର ସାମୁଦ୍ରିକ ଥାନାରେ ଯୁବକଙ୍କୁ ଥାର୍ଡ ଡିଗ୍ରୀ

**ଅତିରିକ୍ତ ଏସ୍‌ପିଙ୍କ ଦ୍ୱାରା ତଦନ୍ତ**

**ବାଲିକୁଦା, ୧୩।୮ (ତାପସ ସ୍ୱାଇଁ)**

ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ବନ୍ଦର ସାମୁଦ୍ରିକ ଥାନାରେ ରବିବାର ଅଭିଯୋଗ କରିବାକୁ ଧନୁହର ବେଲାରୀ ଗାଁର ବିଭୁରାମ ଦଳାଇ ଯାଇଥିଲେ। ହେଲେ ସେଠାରେ ପୋଲିସ ତାଙ୍କୁ ଅଟକ ରଖି ତାଙ୍କ ପ୍ରତି ଥାର୍ଡ ଡିଗ୍ରୀ ଆପ୍ଲାଏ କରିଥିଲା। ଗୋଇଠା ମାଡ଼ ଦେବା ସହିତ ପ୍ଲାଷ୍ଟିକ ପାଇପ୍‌ରେ ମାଡ଼ ମାରିବା ସହ ପରିସ୍ରା ପିଆଇବାକୁ ଧମକ ବି ଦେଇଥିଲେ। ଏ ନେଇ ବିଭୁ ଏସ୍‌ପିଙ୍କୁ ଫେରାଦ ହୋଇ ନ୍ୟାୟ ଚାହିଁଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଅତିରିକ୍ତ ଏସ୍‌ପି ସତ୍ୟବ୍ରତ ଦାସ ଥାନାରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ତେବେ ଉକ୍ତ ତଦନ୍ତ ଏକପାଖିଆ କରାଯାଉଥିବାରୁ ତାଙ୍କୁ ଉଚିତ ନ୍ୟାୟ ମିଳିବ କି ନାହିଁ ବୋଲି ଆଶଙ୍କା କରିଛନ୍ତି। ଏ ନେଇ ପୀଡ଼ିତଙ୍କ ପରିବାର ମାନବାଧିକାର କମିଶନଙ୍କୁ ଫେରାଦ ହେବାକୁ ପ୍ରସ୍ତୁତ ହେଉଛନ୍ତି। ଅପରପକ୍ଷେ ଦେଖିବାକୁ ଗଲେ ପୀଡ଼ିତଙ୍କ ପରିବାର ଏବେ ଏକ ପ୍ରକାର ମାନସିକ ଚାପରେ ରହିଛନ୍ତି। ପୋଲିସ ବିଭୁଙ୍କୁ ମାନସିକ ନିର୍ଯ୍ୟାତନା ଦେବା ସହ ଗୋଇଠା ମାରିବା, ପ୍ଲାଷ୍ଟିକ ପାଇପ୍‌ରେ ପିଟିବା ଓ ହାଜତରେ ପୂରାଇ ପରିସ୍ରା ପିଆଇବାକୁ ଧମକ ବି ଦିଆଯାଇଥିବା ନେଇ ସେ ଏସ୍‌ପିଙ୍କୁ ଫେରାଦ ହୋଇଥିଲେ। ଉକ୍ତ ଘଟଣାରେ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତାଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସ୍‌ପି ସତ୍ୟବ୍ରତ ଦାସ ବୁଧବାର ବନ୍ଦର ସାମୁଦ୍ରିକ ଥାନାରେ ପହଞ୍ଚି ସବୁ ଘଟଣାର ତଦନ୍ତ କରିଥିଲେ। ତେବେ ସେଭଳି କିଛି ଘଟଣା ଘଟିନାହିଁ। ଥାନାର ସବୁ ସିସି ଟିଭିର ରେକର୍ଡ ସଂଗ୍ରହ କରାଯାଇଛି। ଯେହେତୁ ବିଭୁ ନାମରେ ପୂର୍ବରୁ ୮ରୁ ୯ ଟି ମାମଲା ରହିଛି। ଡାକିଲେ ସେ ଥାନାକୁ ଆସୁ ନ ଥିଲେ। ଏସବୁ ଦୃଷ୍ଟିରୁ ତାଙ୍କୁ ବସା ଯାଇଥିଲା ବୋଲି ଅତିରିକ୍ତ ଏସ୍‌ପି ଦାସ କହିଛନ୍ତି।

# ଜେଲ ଗଲେ ୪ ଅଭିଯୁକ୍ତ



ଗିରଫ ଅଭିଯୁକ୍ତମାନଙ୍କୁ ଜେଲ୍‌କୁ ନିଆଯାଉଛି।

**୨ଭଉଣୀଙ୍କୁ ଉଲଗ୍ନ କରି କାଳିଶି ମାଡ଼ ମାରିବା ଘଟଣା**

**ଧର୍ମଶାଳା, ୧୩।୮ (ବଟକୃଷ୍ଣ ପରିଡ଼ା):**

କାଳିଶି ଲାଗିବାକୁ ନେଇ ୨ ଭଉଣୀଙ୍କୁ ରାସ୍ତାରେ ଉଲଗ୍ନ କରି ବେତରେ ମାଡ଼ ମାରିବା ଘଟଣାରେ ପୋଲିସ ୨ ମହିଳାଙ୍କ ସମେତ ମୋଟ୍ ୪ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଜାମିନି ନାମଞ୍ଜୁର ହେବାରୁ ସେମାନଙ୍କୁ ରଗଡ଼ିସ୍ଥିତ କାରାଗାରକୁ ପଠାଇ ଦିଆଯାଇଛି। ଯାଜପୁର ଜିଲା ଜେନାପୁର ଥାନା ଗଡ଼ମଧୁପୁର ପଞ୍ଚାୟତ ପନ୍ତୁରି ଗ୍ରାମର ପ୍ରଶାନ୍ତ ଲେଙ୍କାଙ୍କ ବଡ଼ ଝିଅ ଜ୍ୟୋତି ଲେଙ୍କା ଓ ତାଙ୍କର ନାବାଳିକା ସାନ ଝିଅ ଅସୁସ୍ଥ ଥିଲେ। ପରିବାର ଲୋକ ବିଭିନ୍ନ ଡାକ୍ତରଖାନାରେ ଦେଖାଇବା ପରେ ଭଲ ନ ହେବାରୁ ନିଜ ଗାଁ ମଙ୍ଗଳା ମନ୍ଦିରକୁ ନେଇ ଅଳିହା ପଡ଼ିଥିଲେ। ଏହି ସମୟରେ କୁଆଖିଆ ଥାନା ଆଦମପୁର ଗାଁର ତୁଳସୀ ମହାକୁଡ଼(୨୬) ନାମକ ମହିଳା ଜ୍ୟୋତି ଓ ତାଙ୍କ ସାନ ଭଉଣୀଙ୍କୁ ବେତରେ ପିଟିବା ସହ ଗାଁ ଦାଣ୍ଡରେ ଉଲଗ୍ନ କରି ମାଡ଼ ମାରିଥିଲେ। ଏହାର ଭିଡିଓ ଭାଇରାଲ ହେବା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା।

ପୋଲିସ ମଙ୍ଗଳବାର ପହଞ୍ଚି ସେହି ଗ୍ରାମର କାଳିଶି ଗେଡ଼ି ଦେହୁରୀ ଓ ତାଙ୍କ ସ୍ୱାମୀ ସୁବାସ ଦେହୁରୀ, ପୂଜକ ବ୍ରହ୍ମବରଦା ଚାରିଘରପୁର ଗାଁର ଅଭିମନ୍ୟୁ ଓଝା ଓ ତୁଳସୀ ମହାକୁଡ଼ଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରିଥିଲା। ପୀଡ଼ିତା ନାବାଳିକା ଓ ଜ୍ୟୋତିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସେମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଜ୍ୟୋତିଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରଶାନ୍ତଙ୍କ ଏତଲା କ୍ରମେ ପୋଲିସ ନଂ.୨୫୮/୨୫ରେ ମାମଲା ରୁଜୁ କରିଛି ବୋଲି ଥାନା ଅଧିକାରୀ ନିରୂପମା ଜେନା ସୂଚନା ଦେଇଛନ୍ତି।

# ନିଶାଠାରୁ ଦୂରେଇ ରହିବାକୁ ଆହ୍ୱାନ

**ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ନିଶାମୁକ୍ତି ଅଭିଯାନ**



ନିଶାମୁକ୍ତି ଅଭିଯାନରେ ସାମିଲ ହୋଇଥିବା ବ୍ୟକ୍ତିମାନେ ଶପଥ ପାଠ କରୁଛନ୍ତି।

**ପାରାଦୀପ, ୧୩।୮ (ଶରତ ରାଉତ):**

ପାରାଦୀପ ବନ୍ଦର ପ୍ରଶାସନିକ ଭବନର ସମ୍ମିଳନୀ କକ୍ଷରେ ବୁଧବାର ନିଶାମୁକ୍ତି ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାରତ ସରକାରଙ୍କ ପକ୍ଷରୁ କରାଯାଇଥିବା ଏହି ଅଭିଯାନ ସମ୍ପର୍କରେ ବନ୍ଦର ଅଧ୍ୟକ୍ଷ ପି. ଏଲ. ହାରାନ୍ଧ ସୂଚନା ଦେଇଥିଲେ। ଏଥିରେ ବନ୍ଦର ସାକ୍ଷରତା ସମିତିର ମହିଳା ଓ ବନ୍ଦର କର୍ମଚାରୀମାନେ ସାମିଲ ହୋଇଥିଲେ। ନିଶା କବଳରେ ଯିଏ ପଡିଛି ସେ ନିଜର କ୍ଷତି କରିବା ସହ ପରିବାରର ସମ୍ମାନ ହାନୀ କରୁଛନ୍ତି। ଆମର ଯତ୍ନ ରହିବ ପିଲାମାନଙ୍କୁ ଏପରି ନିଶା କବଳରୁ ଦୂରେଇ ରହିବା ବୋଲି ଅଧ୍ୟକ୍ଷ ହାରାନ୍ଧ କହିଥିଲେ।

## ଭିଜିଲାନ୍ସ ଜାଲରେ କନିଷ୍ଠ କିରାଣି

### ୧୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡିଲେ

**ମାର୍ଶାଘାଇ, ୧୩।୮ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ):**



କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କନିଷ୍ଠ କିରାଣୀ ନାରାୟଣ ପ୍ରସାଦ ଲେଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ବୁଧବାର ସନ୍ଧ୍ୟାରେ ଗିରଫ କରିଛନ୍ତି। ମହାକାଳପଡ଼ା ଅଞ୍ଚଳର ଜଣେ ପ୍ରଧାନ ଶିକ୍ଷକଙ୍କ ଗୃହନିର୍ମାଣ ଋଣର ଶେଷ କିସ୍ତି କରାଇଦେବା ପାଇଁ ସେ ୧୫ ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ସମ୍ପୃକ୍ତ ପ୍ରଧାନଶିକ୍ଷକ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ବୁଧବାର ସନ୍ଧ୍ୟାରେ ଲେଙ୍କା ମାର୍ଶାଘାଇ ବଜାରର ଏକ ଜଳଖିଆ ଦୋକାନରୁ ଖାଇ ଫେରୁଥିବା ବେଳେ ରାସାୟନିକ ପ୍ରଲେପ ଦିଆଯାଇଥିବା ଟଙ୍କା ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କଠାରୁ ଗ୍ରହଣ କରି ସାର୍ଟ ପକେଟ୍‌ରେ ରଖୁଥିବା ବେଳେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ମାଡି ବସିଥିଲା। ଏହାପରେ ତାଙ୍କ ମାର୍ଶାଘାଇ ଯୁଣ ଗ୍ରାମରେ ଥିବା ଭଡାଘର ଓ ମାର୍ଶାଘାଇ ଥାନା ଆଶ୍ରମ ବାଲିକୁଦାସ୍ଥିତ ପୈତୃକ ଘରେ ଭିଜିଲାନ୍ସ ଟିମ୍ ଚଢ଼ାଉ ଜାରି ରହିଥିଲା। ଏ ସଂକ୍ରାନ୍ତରେ ଏକ ମାମଲ(ନଂ.୨୧/୨୫) ରୁଜୁ ହୋଇଛି। ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା କଟକ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# କୋରେଇ ଭବନ ନିର୍ମାଣ ଆଶା ଉଜ୍ଜୀବିତ



ନିର୍ମାଣାଧୀନ କୋରେଇ ଭବନ।

■ ପଞ୍ଚାୟତିରାଜ ବିଭାଗରୁ କାଢ଼ି ଗ୍ରାମ୍ୟ ନିର୍ମାଣ ବିଭାଗକୁ ନିର୍ମାଣ ଦାୟିତ୍ୱ

■ ରାଜନୈତିକ ଟଣାଓଟରାରେ ବଳି ପଡିଥିଲା ଏହି ପ୍ରକଳ୍ପ

**ଯାଜପୁର, ୧୩।୮ (ହର୍ଷବର୍ଦ୍ଧନ ବେହେରା):**

ଯାଜପୁର ଜିଲାର କୋରେଇ ଭବନ ରାଜନୈତିକ ଓ ପ୍ରଶାସନିକ ଲୁଚକାଳି ଖେଳରେ ସୀମିତ ରହିଥିଲା। ଦୀର୍ଘ ୧୦ବର୍ଷ ହେଲା ଉକ୍ତ ପ୍ରକଳ୍ପ ଭୂଇଁରୁ ଉଠି ପାରି ନ ଥିଲା। ପାଣିକୋଇଲି-କେନ୍ଦୁଝର ୨୦ ନମ୍ବର ଜାତୀୟ ରାଜପଥର ଧନେଶ୍ୱର ନିକଟ ପଥରପଦା ମୌଜାରେ ଏହି ଭବନ ନିର୍ମାଣ କାର୍ଯ୍ୟ ପ୍ଲିଣ୍ଟ ଲେଭରେ ସୀମିତ ରହିଥିଲା। ତେବେ ନୂତନ ସରକାର ଦାୟିତ୍ୱ ନେବା ପରେ ଯାଜପୁର ଜିଲା ପରିଷଦ ପକ୍ଷରୁ ୨୪।୬।୨୦୨୫ରେ ଏହି ପ୍ରକଳ୍ପର ବାକି ନିର୍ମାଣ କାର୍ଯ୍ୟ ପଞ୍ଚାୟତିରାଜ ବିଭାଗରୁ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ ହାତରେ ନ୍ୟସ୍ତ କରାଯାଇଥିଲା। ତେବେ ଏହାର ପାଖାପାଖି ୨ ମାସ ପରେ ଅର୍ଥାତ ୧୧।୮।୨୦୨୫ରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ ପକ୍ଷରୁ କୋରେଇ ଭବନ ନିର୍ମାଣ ଶେଷ କରିବାକୁ ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହାପରେ ଉକ୍ତ ଭବନ ନିର୍ମାଣ ଶେଷ ହେବ ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ଆଶା ପ୍ରକାଶ ପାଇଛି।

ଜିଲାର କୋରେଇ ନିର୍ବାଚନମଣ୍ଡଳୀରେ ୨୦୧୬-୧୭ ବର୍ଷରେ ଭବନ ଗୃହ ନିର୍ମାଣ କରିବାକୁ ଅନୁଦାନ ମଞ୍ଜୁର ହୋଇଥିଲା। ଏହାସହ ପଥରପଦା ରାଜସ୍ୱ ମୌଜାର ଖାତା ନମ୍ବର ୪୯୩, ପ୍ଲଟ ନମ୍ବର ୩୦୦, ୨୯୫, ୨୯୬/୩୦୧୩, ୨୨୮/୩୦୧୨ ଜମି ଚିହ୍ନଟ କରାଯାଇଥିଲା। ତତ୍କାଳୀନ କୋରେଇ ବିଡିଓ ସରକାରଙ୍କ ସମସ୍ତ ନିୟମ ଅନୁସାରେ କୋରେଇ ବ୍ଲକରେ ଟେଣ୍ଡର ଆହ୍ୱାନ କରିଥିଲେ। ତେବେ ଏହି ଜମି ରାଜପଥଠାରୁ ବହୁ ତଳେ ଥିବାରୁ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ପାଇଁ ଅତିରିକ୍ତ ୧୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏହି ଅର୍ଥକୁ ବିଧାୟକ ଓ ଏମ୍‌ପିଙ୍କ ହାତପାଣ୍ଠିରୁ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହାବାଦ୍ ପାଚେରୀ ନିର୍ମାଣ ପାଇଁ ୨୯ ଲକ୍ଷ ଟଙ୍କା ଅନୁମୋଦନ ହୋଇଥିଲା। କିନ୍ତୁ ବିଡମ୍ବନା ଯେ, ଭୂଇଁଠାରୁ କେତୋଟି ପିଲର ଉଠିଥିବାବେଳେ ଏହି ପ୍ରକଳ୍ପକୁ ସମସ୍ତେ ଭୁଲି ଯାଇଥିଲେ। ସେତେବେଳେ କୋରେଇ ବିଧାୟକ ଆକାଶ ଦାସନାୟକ ଏହି ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବାକୁ ଦାବି କରିଥିଲେ। ସେତେବେଳେ ଅଧିକାଂଶ ନେତା ଏହି ମହତ୍ କାର୍ଯ୍ୟ ଉପରେ ଦୃଷ୍ଟି ଦେଇ ନ ଥିଲେ। ଅଧିକାଂଶ ପ୍ରକଳ୍ପରେ ଦୁର୍ନୀତି, ଅନିୟମିତତା, ହରିଲୁଟ୍ ଅଭିଯୋଗ ହେଉଥିବା ବିଭିନ୍ନ ଗଣମାଧ୍ୟମ ସହ ସୋସିଆଲ ମିଡ଼ିଆରେ ଖବର ପ୍ରକାଶ ପାଇଥିଲା। ଏହାବାଦ୍ ପୂର୍ବରୁ ହାତକୁ ନିଆଯାଇଥିବା ବିଭିନ୍ନ ଉନ୍ନୟନ ଓ ଜନହିତକର କାର୍ଯ୍ୟକୁ ଆଗେଇ ନିଆଯାଇ ପାରି ନ ଥିଲା। ଏଥିରେ କୋରେଇ ଭବନ, ସଂସ୍କୃତି ଭବନ, ଆଦର୍ଶ ପୋଖରୀ, ମାର୍କେଟ କମ୍ପ୍ଲେକ୍ସ, ଗ୍ରାମ୍ୟ ପାନୀୟଜଳ ପ୍ରକଳ୍ପ, ବ୍ୟାସସରୋବରର ଉନ୍ନତିକରଣ, ନୂତନ ପଞ୍ଚାୟତ ଗୃହ ଆଦି ଉନ୍ନତି ଯୋଜନାରେ ଏକାଧିକ ପ୍ରକଳ୍ପ ବନ୍ଦ ହୋଇ ପଡିଥିଲା। ଏହା କୋରେଇବାସୀଙ୍କୁ କେବଳ ବ୍ୟଥିତ କରି ନ ଥିଲା ବରଂ ସେତେବେଳର ନେତୃତ୍ୱ ଉପରେ ଅଙ୍ଗୁଳି ନିର୍ଦ୍ଦେଶ ହୋଇଥିଲା। ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅନୁଦାନ ଅର୍ଥ ମହଜୁଦ ରହିଥିବା ସତ୍ତ୍ୱେ ଖର୍ଚ୍ଚ ହୋଇ ପାରି ନ ଥିଲା। ପଞ୍ଚାୟତିରାଜ ବିଭାଗ ଦ୍ୱାରା ଆରମ୍ଭ ହୋଇଥିବା କୋରେଇ ଭବନ ପ୍ରକଳ୍ପକୁ ଶେଷ କରିବାକୁ ସେତେବେଳେ ବିଭିନ୍ନ ମହଲରେ ଦାବି ହୋଇଥିଲା। ଏହି କ୍ରମରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ପ୍ରକଳ୍ପର ବାକି ମଞ୍ଜୁର ଅର୍ଥ ପ୍ରଦାନ କରିବା ସହ ସବିଶେଷ ପ୍ରକଳ୍ପ ରିପୋର୍ଟ ଦାଖଲ କରିବାକୁ କୋରେଇ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଚିଠି ଲେଖିଥିଲେ। ଏହାସହ ଉକ୍ତ ପ୍ରକଳ୍ପକୁ ଗ୍ରାମ୍ୟ ନିର୍ମାଣ ବିଭାଗ ଦ୍ୱାରା ସମ୍ପନ୍ନ କରିବାକୁ ଅନୁରୋଧ କରିଥିଲେ। ଜିଲାପାଳ ମଧ୍ୟ ଏହି ପ୍ରସ୍ତାବ ଉପରେ କ୍ଲିନ୍‌ଚିଟ୍ ଦେଇଥିଲେ। ଏହାପରେ ଗ୍ରାମ୍ୟ ନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଉକ୍ତ ପ୍ରକଳ୍ପ ସମ୍ପନ୍ନ କରିବାକୁ ବିଭାଗୀୟ ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କ ଅନୁମତି ମାଗିବା ସହ ଟେଣ୍ଡର ଆହ୍ୱାନ କରିବାକୁ ପ୍ରସ୍ତାବ ଦେଇଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଭଗବାନ



@ ବିକାଶ



@ ମିହିର



@ ପ୍ରମୋଦ



@ ପ୍ରଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କରିଲୋପାଟଣା ଡିଗ୍ରୀ କଲେଜ ୬ ଅଧ୍ୟାପକଙ୍କ ଦରମା ବନ୍ଦ

**ମାର୍ଶାଘାଇ, ୧୩।୮ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ):**




କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କରିଲୋପାଟଣା ଡିଗ୍ରୀ କଲେଜର ୬ଜଣ ଅଧ୍ୟାପକଙ୍କ ଦରମା ବନ୍ଦ କରାଯାଇଛି। ସମସ୍ତ ଆର୍ଥିକ କାରବାରର କାଗଜପତ୍ର ଧରି ବୁଧବାର କେନ୍ଦ୍ରାପଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ହାଜର ହେବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳ ତଥା ଡିଡିଓ ପତ୍ର ସଂଖ୍ୟା ୮୯୮୫ରେ ଗତ ୮ ତାରିଖରେ ଏହି ନିର୍ଦ୍ଦେଶ ଦେଇଥିଲେ। ଆର୍ଥିକ ଅନିୟମିତତା ଅଭିଯୋଗର ତଦନ୍ତ ପାଇଁ କଲେଜର ସମସ୍ତ କ୍ୟାସ ବୁକ୍, ଚେକ୍ ବୁକ୍, ଚେକ୍ ଇସ୍ୟୁ ରେଜିଷ୍ଟର, ବି.ଡି ରେଜିଷ୍ଟର ସହ ଅନ୍ୟ ଆର୍ଥିକ କାରବାରର କାଗଜପତ୍ର ନେଇ ଅଧ୍ୟକ୍ଷ ଓ କ୍ୟାସିୟର ବୁଧବାର ଦିନ ତାଙ୍କ କାର୍ଯ୍ୟାଳୟରେ ହାଜର ହେବାକୁ ଥିଲା। ମାତ୍ର କଲେଜ ଅଧ୍ୟକ୍ଷ ଖାତା ଦେଖିବାକୁ ଜିଲା ବାହାରେ ଥିବାରୁ ଅନ୍ୟ କେହି ହାଜିର ହୋଇ ନ ଥିବା ଜଣାପଡିଛି। ପ୍ରକାଶ ଥାଉକି ଉଚ୍ଚଶିକ୍ଷା ବିଭାଗ ପତ୍ର ସଂଖ୍ୟା ୧୨୪୫୫ଏଚ୍‌ଇରେ ଗତ ମାର୍ଚ୍ଚ ୨୧ତାରିଖରେ ଉପଜିଲାପାଳଙ୍କୁ କଲେଜ ଡିଡିଓ ଭାବେ ଅନ୍ୟାଦେଶ ପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଇଥିଲା। ମାତ୍ର ତାଙ୍କ ଅଗୋଚରରେ କଲେଜରେ ବେଆଇନ ଭାବେ ଅର୍ଥ କାରବାର ହୋଇଥିବା ନେଇ ଉପଜିଲାପାଳଙ୍କ ପାଖରେ ଅଭିଯୋଗ ହୋଇଥିଲା।

# ଶୁଳିଆ-କାବେତୀ ଜଳସେଚନ ପ୍ରକଳ୍ପ ଏବେ ବି ସ୍ୱପ୍ନ

- ବହୁ ନେତାଙ୍କ ଉଦ୍ୟମ ବୃଥା ଯାଇଛି
- ଅଣ୍ଟା ଭିଡ଼ିବାକୁ ପ୍ରତିଶ୍ରୁତି ଦେଇଛନ୍ତି ବିଧାୟକ

ଖଣ୍ଡପଡ଼ା,୧୩।୮ (ଅଜୟ କୁମାର ମହାରଣା)

କଣ୍ଟିଲୋ, ବାଣପୁର ଓ ବେଣାଗାଡିଆ ପଞ୍ଚାୟତର କୃଷି ଓ କୃଷକମାନଙ୍କ ଉନ୍ନତି ପାଇଁ ବାଣପୁର ପଞ୍ଚାୟତ ଅଧୀନ ଚୈତନ୍ୟପୁର ଗ୍ରାମ ନିକଟରେ ଥିବା ଶୁଳିଆ ଓ କାବେତୀ ପାହାଡ଼କୁ ସଂଯୋଗ କରି ଏକ ଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଦୀର୍ଘ ବର୍ଷରୁ ଦାବି ହୋଇ ଆସୁଛି। ମାତ୍ର ତାହା ଆଜି ପର୍ଯ୍ୟନ୍ତ ଫଳପ୍ରଦ ହୋଇପାରିନାହିଁ। ବିଭିନ୍ନ ସ୍ଥାନରେ ନୂତନ ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଉଛି। କୃଷି ଓ କୃଷକର ଉନ୍ନତି ପାଇଁ ରାଜ୍ୟ ସରକାର ନାନା ଯୋଜନା ପ୍ରସ୍ତୁତ କରୁଥିବା ବେଳେ ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍‌ର ଏହି ପ୍ରକଳ୍ପ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି।

ଦୀଘବର୍ଷ ହେବ ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧିମାନଙ୍କ ପ୍ରସ୍ତାବ କ୍ରମେ ଖଣ୍ଡପଡ଼ା କ୍ଷୁଦ୍ର ଜଳ ସେଚନ ବିଭାଗ ପକ୍ଷରୁ ଏଥିପାଇଁ ପ୍ରୟାସ ଆରମ୍ଭ ହୋଇଥିଲା । ବିଭାଗୀୟ ଅଧିକାରୀମାନେ ଏହାର ସ୍ଥିତାବସ୍ଥା ପରିଦର୍ଶନ କରି ରିପୋର୍ଟ ପ୍ରସ୍ତୁତ କରିଥିଲେ । ହେଲେ କୌଣସି କାରଣରୁ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ । ଏହାକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି ।

ସୂଚନାଯୋଗ୍ୟ, ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋଠାରୁ ମାତ୍ର ୩ କି.ମି. ଦୂରରେ ଶୁଳିଆ ଓ କାବେତୀ ପାହାଡ଼ ରହିଛି । ଏହି ପାହାଡ଼ ପାଦଦେଶରେ ବଡ଼ବାଣପୁର ଗ୍ରାମ ପଞ୍ଚାୟତର ଚୈତନ୍ୟପୁର, ବାଣପୁର, କୁମୁଣ୍ଡି, ନୃସିଂହପୁର ପାଟଣା, ବେଣାଗାଡିଆ ପଞ୍ଚାୟତର ଗୋପିନାଥପୁର ଏବଂ କଣ୍ଟିଲୋ ପଞ୍ଚାୟତର ୧ ହଜାରରୁ ଊର୍ଦ୍ଧ୍ୱ ଏକର ଜମି ଅଣ ଜଳସେଚିତ ଅବସ୍ଥାରେ ରହିଛି। ଏହାକୁ ଦୃଷ୍ଟିରେ ରଖି ଶୁଳିଆ ଓ କାବେତୀ ପାହାଡ଼କୁ ନେଇ ଏକ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବାର ସ୍ୱପ୍ନ ଦେଖିଥିଲେ ଖଣ୍ଡପଡ଼ାର ପ୍ରଥମ ବିଧାୟକ ଅନ୍ତର୍ଯ୍ୟାମୀ ସାହୁ । ଏଥିପାଇଁ ସେ ଖଣ୍ଡପଡ଼ା ପଞ୍ଚାୟତ ସମିତି ମାଧ୍ୟମରେ କିଛି କାମ ଆରମ୍ଭ କରିଥିଲେ ମଧ୍ୟ କୌଣସି କାରଣରୁ ଉକ୍ତ ଯୋଜନା କାର୍ଯ୍ୟକାରୀ ହୋଇପାରି ନ ଥିଲା । ପରବର୍ତ୍ତୀ ସମୟରେ ସେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀରେ ଥିବା ବେଳେ ଉକ୍ତ ପ୍ରକଳ୍ପକୁ ତ୍ୱରାନ୍ୱିତ କରାଯାଇଥିଲା । ହେଲେ ତାହା ସଫଳ ରୂପ ନେଇ ପାରି ନ ଥିଲା । ପରବର୍ତ୍ତୀ ସମୟରେ ତତ୍କାଳୀନ ବିଧାୟକ ସତ୍ୟ ସୁନ୍ଦର ମିଶ୍ର ଏହି ପ୍ରକଳ୍ପ କାର୍ଯ୍ୟକାରୀ ଦିଗରେ ବହୁ ଉଦ୍ୟମ କରି ନିର୍ବାଚନ ବୈତରଣୀ ପାର ହୋଇଥିଲେ । ହେଲେ ତାଙ୍କ ସ୍ୱପ୍ନ ସ୍ୱପ୍ନରେ ହିଁ ରହି ଯାଇଥିଲା । ଦୀର୍ଘବର୍ଷ ପରେ ୨୦୧୪ରେ ତତ୍କାଳୀନ ବିଧାୟକ ଅନୁଭବ ପଟ୍ଟନାୟକ କୃଷି ଓ କୃଷକର ଉନ୍ନତି ତଥା ବିକାଶ ଦିଗରେ ଦୃଷ୍ଟି ଦେଇ ପୁନର୍ବାର ଏହି ପ୍ରକଳ୍ପ କାର୍ଯ୍ୟକାରୀ ଦିଗରେ ଉଦ୍ୟମ ଆରମ୍ଭ କରିଥିଲେ । ତାଙ୍କ ନେତୃତ୍ୱରେ ବିଭାଗୀୟ ଅଧିକାରୀମାନେ ସେହି ସ୍ଥାନ ପରିଦର୍ଶନ କରି ଏକ ବଡ଼ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ । ହେଲେ ତାଙ୍କ ଉଦ୍ୟମ ବି ଅଧାରେ ଅଟକି ଯାଇଥିଲା । ୨୦୧୮ ଫେବୃୟାରୀ ୨୧ରେ ଖଣ୍ଡପଡ଼ା କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ରାଜେନ୍ଦ୍ର କୁମାର ମଣ୍ଡଳ ଚୈତନ୍ୟପୁର ଗ୍ରାମ ନିକଟ ଶୁଳିଆ ଓ କାବେତୀ ପାହାଡ଼ ସହିତ ସଂପୃକ୍ତ ପାହାଡ ପାଦ ଦେଶରେ ଥିବା ଜମି ପରିଦର୍ଶନ କରି ଏହାର ସ୍ଥିତି ଅନୁଧ୍ୟାନ କରିବା ସହିତ ଏକ ରିପୋର୍ଟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଥିଲେ । ତଥାପି ସେହି କାମ ଆଗେଇ ପାରି ନ ଥିଲା । ଏବେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଅଞ୍ଚଳବାସୀଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବା ଦିଗରେ ଉଦ୍ୟମ ଜାରି ରଖିବେ ବୋଲି କହିଛନ୍ତି । ଡବଲ ଇଞ୍ଜିନ ସରକାର ସମୟରେ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କୃଷକମାନଙ୍କ ଆର୍ଥିକ ସ୍ଥିତିରେ ବଡ଼ ପରିବର୍ତ୍ତନ ଆସିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

## ଓଡ଼ଗାଁ ହତ୍ୟାକାଣ୍ଡ ମାମଲା: ମୃତ୍ୟୁଦଣ୍ଡ ଆଜୀବନ କାରାଦଣ୍ଡକୁ ବଦଳିଲା

କଟକ,୧୩।୮ (କାର୍ତ୍ତିକ ସାହୁ)

ନୟାଗଡ଼ ଜିଲା ଅନ୍ତର୍ଗତ ଓଡ଼ଗାଁରେ ୨ଜଣଙ୍କୁ ହତ୍ୟା ଓ ଅନ୍ୟ ୩ଜଣଙ୍କୁ ଆକ୍ରମଣ ଘଟଣାରେ ମୃତ୍ୟୁଦଣ୍ଡରେ ଦଣ୍ଡିତ ହୋଇଥିବା ଅଭିଯୁକ୍ତଙ୍କ ଦଣ୍ଡକୁ ହାଇକୋର୍ଟ କୋହଳ କରିଛନ୍ତି। ଫାଶୀ ପରିବର୍ତ୍ତେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ବିଚାରପତି ବି.ପି. ରାଉତରାୟ ଓ ବିଚାରପତି ଚିତ୍ତରଞ୍ଜନ ଦାଶ ଦଣ୍ଡ କୋହଳ ସମ୍ପର୍କିତ ଆବେଦନ ମାମଲାର ଶୁଣାଣି କରି ରାୟ ପ୍ରକାଶ କରିଛନ୍ତି।

୨୦୧୯ରେ ଓଡ଼ଗାଁରେ ୨ଜଣଙ୍କୁ ହତ୍ୟା କରିବା ସହ ଅନ୍ୟ ଅପରାଧରେ ଅଭିଯୁକ୍ତ ନିରଞ୍ଜନ ମଲ୍ଲିକ ଦୋଷୀ ସାବ୍ୟସ୍ତ ହୋଇଥିଲା। ଓଡ଼ଗାଁ ଆଡିସିନାଲ ସେସନ ଜଜ୍ ମାମଲାର ଶୁଣାଣି କରି ଅଭିଯୁକ୍ତ ନିରଞ୍ଜନଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରିଥିଲେ। ଏହି ଦଣ୍ଡକୁ କୋହଳ କରିବାକୁ ଅଭିଯୁକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୁକ୍ତ ନିରଞ୍ଜନ ୨୦୧୯ରେ ଲୋଚନ ସେଠୀ ଓ ବଦାନୀ ପ୍ରଧାନଙ୍କୁ ହତ୍ୟା କରିବା ସହ ଅନ୍ୟ ୩ଜଣଙ୍କୁ ଆକ୍ରମଣ କରିଥିଲେ। ମାମଲାରେ ପୋଲିସ ଚାର୍ଜଶିଟ ଦାଖଲ କରିବା ପରେ ଶୁଣାଣି ଆରମ୍ଭ ହୋଇଥିଲା। ୨୦୨୪ ଏପ୍ରିଲ ୨୪ରେ ଓଡ଼ଗାଁ ଅତିରିକ୍ତ ସେସନ ଜଜ୍ ଫାଶୀଦଣ୍ଡରେ ଦଣ୍ଡିତ କରିଥିଲେ। ହାଇକୋର୍ଟରେ ଦଣ୍ଡ କୋହଳ ନେଇ ଆଗତ ମାମଲାକୁ ଅଦାଲତ ବିଚାର କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତଙ୍କ ସାମାଜିକ ଓ ଆର୍ଥିକ ପୃଷ୍ଠଭୂମି, ଜେଲରେ ଆଚରଣ ଓ ପୂର୍ବରୁ ଅପରାଧ ପ୍ରଭୃତିକୁ ନେଇ ଅଦାଲତ ଅବଲୋକନ କରିବା ପରେ ଦଣ୍ଡ କୋହଳ କରିଛନ୍ତି।

## ନୟାଗଡ଼ରେ ହର୍ ଘର୍ ତ୍ରିରଙ୍ଗା, ହର୍ ଘର୍ ସ୍ୱଚ୍ଛତା ଅଭିଯାନ



ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ।

ନୟାଗଡ଼,୧୩।୮ (ଲୋକନାଥ ମିଶ୍ର)

ନୟାଗଡ଼ ମ୍ୟୁନିସିପାଲିଟି ତରଫରୁ ବୁଧବାର ହର୍ ଘର୍ ତ୍ରିରଙ୍ଗା, ହର୍ ଘର୍ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କାଉନସିଲର, କାର୍ଯ୍ୟାଳୟ କର୍ମଚାରୀ, ବରିଷ୍ଠ ନାଗରିକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମାର୍କେଟ ଓ ସ୍ୱଚ୍ଛତା ସଙ୍ଗଠନର କର୍ମକର୍ତ୍ତା ଅଭିଯାନରେ ସାମିଲ ହୋଇ ପ୍ରତି ଘରେ, ପ୍ରତି ଦୋକାନୀଙ୍କୁ ଜାତୀୟ ପତାକା ବଣ୍ଟନ କରିବା ସହିତ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ । ପ୍ରତି ସରକାରୀ ବେସରକାରୀ ଓ ଦୋକାନ ଗୁଡିକରେ ଓଡ଼ିଆରେ ନାମଫଳକ ଲେଖିବାକୁ ପରାମର୍ଶ ଦେଇଥିଲେ। ବୁଧବାର ସକାଳ ୮ଟା ସମୟରେ ସଚେତନତା ଶୋଭାଯାତ୍ରା ମ୍ୟୁନିସିପାଲିଟି କାର୍ଯ୍ୟାଳୟଠାରୁ ବାହାରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା ଓ ସେଠାରୁ ମାର୍କେଟ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପର୍ଯ୍ୟନ୍ତ ଯାଇଥିଲା। ରାସ୍ତାର ଉଭୟ ପାର୍ଶ୍ୱ ସଫେଇ କର୍ମଚାରୀଙ୍କ ଦ୍ୱାରା ସଫେଇ କରାଯାଇଥିଲା । ନିଜ ଘର ଓ ପରିବେଶକୁ ସଫା ରଖିବାକୁ ଅନୁରୋଧ କରାଯାଇଥିଲା। ପରିମଳ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ଜାତିର ପିତା ମହାତ୍ମାଗାନ୍ଧୀ ଯେଉଁ ମହତବାଣୀ ଦେଇଥିଲେ ତାହାକୁ ତର୍ଜମା କରିବା ଆବଶ୍ୟକତା ରହିଛି ବୋଲି ଗୁରୁତ୍ୱାରୋପ କରାଯାଇଥିଲା ।

ଅଧ୍ୟକ୍ଷା ନିରୂପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, କାଉନସିଲର ଜାନକୀ ବଲ୍ଲଭ ଜେନା, ଦୀନବନ୍ଧୁ ଗୁରୁ, ସୟଂପ୍ରଭା ମିଶ୍ର, ମଞ୍ଜୁ ଗୁମାନ ସିଂ, ଲକ୍ଷ୍ମୀଧର ମହାପାତ୍ର, ରୁଦ୍ର ପ୍ରସନ୍ନ ରଥ, ଗଦାଧର ଜେନା ଓ ଅଖିଳ କୁମାର ସ୍ୱାଇଁ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ କନିଷ୍ଠ ପରିମଳ ବିଶେଷଜ୍ଞ ଦୀପକ କୁମାର ଜେନା ଓ ତାଙ୍କ ଟିମ୍ ସହଯୋଗ କରିଥିଲେ।

## ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ୍

ନୂଆଗାଁ,୧୩।୮ (ଧନେଶ୍ୱର ସାହୁ)



ଅଗ୍ନିଶମ ବିଭାଗ ଅଧିକାରୀ ମକ୍ ଡ୍ରିଲ ମାଧ୍ୟମରେ ଦେଖାଉଛନ୍ତି ।

ନୟାଗଡ ଜିଲା ନୂଆଗାଁ ଅଗ୍ନିଶମ ବିଭାଗ ପକ୍ଷରୁ ନୂଆଗାଁ ବ୍ଲକ ପରିସରରେ ମକ୍‌ଡ୍ରିଲ ମାଧ୍ୟମରେ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବା ସହ ନିଜକୁ ସୁରକ୍ଷିତ ରହିବାର କୌଶଳ ଶିକ୍ଷା ଦିଆଯାଇଥିଲା। ଏହି ଶିକ୍ଷା ଅନେକ ସମୟରେ ଦୁର୍ଘଟଣାଗ୍ରସ୍ତମାନଙ୍କ ଜୀବନ ରକ୍ଷା କରିଥାଏ। କୌଣସି ଦୁର୍ଘଟଣା ସମୟରେ ନିଜେ ସୁରକ୍ଷିତ ରହି ଆହତମାନଙ୍କୁ କିପରି ଉଦ୍ଧାର କରିବ , ପାଣିରେ ବୁଡି ଯାଉଥିବା କୌଣସି ବ୍ୟକ୍ତିଙ୍କୁ କିଭଳି ପାଣିରୁ ଉଦ୍ଧାର କରି ଆଣିବ ଓ ଆଣିବା ପରେ ପ୍ରାଥମିକ ଭାବେ କ'ଣ କରିବ, କେଉଁ ସ୍ଥାନରେ ନିଆଁ ଲାଗିଲେ କଣ ବ୍ୟବହାର କରି କିଭଳି ନିଆଁକୁ ଆୟତ କରିବ, ଆହତମାନଙ୍କୁ କିଭଳି ଚିକିତ୍ସାଳୟକୁ ନେବାକୁ ହେବ ସେ ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ଦିଆଯାଇଥିଲା। ସେହିପରି ରୋଷେଇ କରୁଥିବା ସମୟରେ ଗ୍ୟାସ୍ ସିଲିଣ୍ଡରରେ ନିଆଁ ଲାଗିଲେ କିଭଳି ଆୟତ କରି ନିଆଁ ଲିଭାଯିବ ତାହା ଡେମୋ ମାଧ୍ୟମ ଦେଖାଇ ଥିଲେ। ଅନୁଷ୍ଠିତ ହୋଇଥିବା ମକଡ୍ରିଲ କାର୍ଯ୍ୟକ୍ରମରେ ନୂଆଗାଁ ଅଗ୍ନିଶମ ଅଧିକାରୀ ଅପୂର୍ବ ରଞ୍ଜନ ସାହୁଙ୍କ ନେତୃତ୍ୱରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ସାମିଲ ହୋଇଥିବା ବେଳେ ନୂଆଗାଁ ସିଡିପିଓ ଶୁଭ୍ରକେଶୀ ମଲିକଙ୍କ ସମେତ ସୁପରଭାଇଜର, ଅଙ୍ଗନବାଡି କର୍ମୀ, ସହାୟିକା ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବାର୍‌ହା ଆକ୍ରମଣରେ ଦମ୍ପତି ଆହତ

ନୟାଗଡ,୧୩।୮ (ଲୋକନାଥ ମିଶ୍ର)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ସାଗୁର ଗାଁ ପଞ୍ଚାୟତ ବାଲସିଂହ ଗାଁର ବଳଭଦ୍ର ଦଳାଇ ଓ ତାଙ୍କ ସ୍ତ୍ରୀ ଶକୁନ୍ତଳା ବାରହା ଆକ୍ରମଣରେ ଆହତ ହୋଇଛନ୍ତି। ଏହି ଦମ୍ପତି ନିଜ ଘର ସମ୍ମୁଖରେ ଠିଆ ହୋଇଥିଲେ। ଗାଁରେ ବାରହା ପଲ ପଶି ଦମ୍ପତିଙ୍କୁ ଆକ୍ରମଣ କରିଥିଲେ। ଗାଁ ଲୋକ ଉଭୟଙ୍କୁ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଏହି ଦମ୍ପତି ଏବେ ଚିକିତ୍ସାଧୀନ ଅଛନ୍ତି।

## ଦଳରୁ ନିଲମ୍ବିତ ହେଲେ ଜିଲା ପରିଷଦ ସଭ୍ୟ

ନୟାଗଡ଼,୧୩।୮ (ଲୋକନାଥ ମିଶ୍ର)

ଭାପୁର ବ୍ଲକ ୧୯ ନଂ ଜିଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ ବିଜେଡିରୁ ନିଲମ୍ବନ ହୋଇଛନ୍ତି। ବିଜେଡିର ରାଜ୍ୟ ଉପସଭାପତି ପ୍ରତାପ ଜେନା ନିଲମ୍ବନ କରିଛନ୍ତି। ଦଳୀୟ ବିଶୃଙ୍ଖଳା ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ହୋଇଛି।

## ଗୋବିନ୍ଦପୁରରେ ସଂସ୍କୃତ ଦିବସ

ନୟାଗଡ଼,୧୩।୮ (ଲୋକନାଥ ମିଶ୍ର)

ନୟାଗଡ ବ୍ଲକ ଗୋବିନ୍ଦପୁରସ୍ଥ ଭାଗୀରଥୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ମଙ୍ଗଳବାର ପାଳନ କରାଯାଇଛି। ଉକ୍ତ ଉତ୍ସବରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିବା ସହିତ ସଭା ପରିଚାଳନା କରିଥଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ରାଜେଶ କୁମାର ପଣ୍ଡା ମଙ୍ଗଳାଚରଣ ପାଠ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରିଥଲେ। ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବର୍ତ୍ତମାନ ସମାଜରେ ସଂସ୍କୃତ ଶିକ୍ଷାର ଉପଯୋଗିତା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସଂସ୍କୃତ ନୀତିଶ୍ଳୋକ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ବିଭୂତି ଭୂଷଣ ରଣସିଂହ, ଦୀପକ କୁମାର ମଙ୍ଗଳ, ବେଣୁଧର ବିଶ୍ୱାଳ ଓ ଶିକ୍ଷୟିତ୍ରୀ ସୂର୍ଯ୍ୟତା ବେହେରା, ଅନସୂୟା ବେହେରା ସହଯୋଗ କରିଥିଲେ।



ସଂସ୍କୃତ ଦିବସ ସଭାରେ ମଞ୍ଚାସୀନ ଅତିଥି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଭଗବାନ



@ ବିକାଶ



@ ମିହିର



@ ପ୍ରମୋଦ



@ ପ୍ରଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଅନ୍‌ଲାଇନ ଉପସ୍ଥାନକୁ ବିରୋଧ, ଜିଲାପାଳଙ୍କ ଅଫିସ୍ ଆଗରେ ବିକ୍ଷୋଭ

ନୟାଗଡ଼,୧୩।୮ (ଲୋକନାଥ ମିଶ୍ର)



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଅନ୍‌ଲାଇନ ଉପସ୍ଥାନକୁ ବିରୋଧ କରି ନୟାଗଡ଼ ଜିଲା ମିଳିତ ଶିକ୍ଷକ ସଂଘ ପକ୍ଷରୁ ନୟାଗଡ଼ ଜିଲାପାଳଙ୍କ ଅଫିସ ଘେରାଉ କରାଯାଇ ବୁଧବାର ବିକ୍ଷୋଭ କରାଯାଇଛି। ଜିଲାର ୮ ବ୍ଲକର ଶିକ୍ଷକମାନେ ଏଥିରେ ସାମିଲ ହୋଇଥିଲେ । ବିଶାଳ ଶୋଭାଯାତ୍ରାରେ ନିୟୁଟାଉନସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ସରକାରଙ୍କ ବିରୋଧରେ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ଶିକ୍ଷୟିତ୍ରୀ ଶିକ୍ଷକମାନେ ବଜାର ପରିକ୍ରମା କରିବା ସହିତ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ମୁଖ୍ୟ ରାସ୍ତାକୁ ଅବରୋଧ କରି ପ୍ରତିବାଦ ସଭା କରିଥିଲେ। ଏଥିରେ ଜିଲାରେ କାର୍ଯ୍ୟରତ ମାଧ୍ୟମିକ ଶିକ୍ଷକ ସଂଘ, ପ୍ରାଥମିକ ଶିକ୍ଷକ ସଂଘ, ନୂତନ ପେନସନ ଭୁକ୍ତ ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷକ ସଂଘ, ଆଲୋଷ୍ଟା, ଏକ୍ସ କ୍ୟାଡର ଶିକ୍ଷକ ସଂଘ ପ୍ରମୁଖ ସାମିଲ ହୋଇ ସରକାରଙ୍କ ଦ୍ୱାରା ଅଗଣତାନ୍ତ୍ରିକ ଉପାୟରେ ଶିକ୍ଷକ ମାନଙ୍କ ଉପରେ ଲଦି ଦିଆଯାଇଥିବା ଅନଲାଇନ ଉପସ୍ଥାନ ନିଷ୍ପତ୍ତିକୁ ଜୋରଦାର ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରିବା ସହିତ ସମସ୍ତ ବିଧାୟକଙ୍କୁ ଘେରାଉ ତଥା ରାଜ୍ୟସ୍ତରରେ ଏହାକୁ ଜୋରଦାର କରାଯିବା ପାଇଁ ଶିକ୍ଷକ ସଂଘ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଶେଷରେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଜିଲାପାଳଙ୍କ ପକ୍ଷରୁ ଉପଜିଲାପାଳ ପ୍ରତିବାଦ ସ୍ଥଳକୁ ଆସି ଗ୍ରହଣ କରିଥିଲେ। ଏହି ଆନ୍ଦୋଳନରେ ଶିକ୍ଷକ ନେତା ଶେଖ ଅବଦୁଲ ଖାଲିକ,ବ୍ରଜବନ୍ଧୁ ସୁବୁଦ୍ଧି,ବାମନ ବାରିକ, ବିଭୁ ସାହୁ, ସୁରେଶ ବେହେରା, ଦୀନବନ୍ଧୁ ସାହୁ, ପ୍ରସନ୍ନ କୁମାର ଲେଙ୍କା, ପଞ୍ଚାନନ ମହାପାତ୍ର, ବିଘ୍ନେଶ୍ୱର ବେହେରା, ଅଯୋଧ୍ୟା ନାୟକ, ବିନାୟକ ପରିଡ଼ା, ମାଣିକେଶ୍ୱର ସ୍ୱାଇଁ, ଜ୍ୟୋତିରଞ୍ଜନ ଦାଶ, ଭକ୍ତ ମିଶ୍ର, ନରେଶ ପାଣିଗ୍ରାହୀ, ସୁରେଶ ମହାପାତ୍ର, ଦୀନବନ୍ଧୁ ଦାସ, ସୁରେଶ ସେଠୀ, ପୀତବାସ ପ୍ରଧାନ, ଲକ୍ଷ୍ମୀଧର ସାହୁ,ସଂଗ୍ରାମ ସାହୁ,ଉମେଶ ସ୍ୱାଇଁ, ରବୀନ୍ଦ୍ର ସାହୁ, ଭଗବାନ ପଣ୍ଡା, ବଟକୃଷ୍ଣ ମିଶ୍ର, ଅଭିମନ୍ୟୁ ମହାନ୍ତି,ପ୍ରଶାନ୍ତ ମହାପାତ୍ର, ଅମିତା ପ୍ରଧାନ, ଜୟକୃଷ୍ଣ ପ୍ରଧାନ ପ୍ରମୁଖ ସାମିଲ ହୋଇ ସରକାରଙ୍କ ଅନ୍‌ଲାଇନ ଉପସ୍ଥାନ ନିଷ୍ପତ୍ତିକୁ ଜୋରଦାର ବିରୋଧ କରିଥିଲେ।

## ମଧୁବନ ମିନି ଷ୍ଟାଡିୟମରେ ଛାତ୍ରୀଛାତ୍ରଙ୍କ ପରେଡ୍ ଅଭ୍ୟାସ



ଅଭ୍ୟାସ ପରେଡରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

ଖଣ୍ଡପଡ଼ା,୧୩।୮ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ାରେ ତହସିଲସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନେଇ ମଧୁବନ ମିନି ଷ୍ଟାଡିୟମରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଅଭ୍ୟାସ ପରେଡ ଆରମ୍ଭ ହୋଇଛି। ପଠାଣି ସାମନ୍ତ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସତ୍ୟଜିତ ଦାଶ ଓ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ସଞ୍ଜୁବାଳା ନାଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଓ଼ଛାତ୍ରମାନେ ଅଭ୍ୟାସ ପ୍ୟାରେଡରେ ଅଂଶ ଗ୍ରହଣ କରିଛନ୍ତି । ସ୍କାଉଟ ଶିକ୍ଷକ ଦିଲୀପ କୁମାର ଦାସ ଓ ପ୍ରତାପ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଅଭ୍ୟାସ ପ୍ୟାରେଡ ପରିଚାଳନାରେ ସହଯୋଗ କରୁଛନ୍ତି।

# ପ୍ରେମିକ ସହ ମିଶି ସ୍ୱାମୀଙ୍କ ତଣ୍ଟିଚିପି ହତ୍ୟା

■ଅଭିଯୁକ୍ତ ସ୍ତ୍ରୀ, ପ୍ରେମିକ ଓ ସହଯୋଗୀ ଗିରଫ
■ଅନୈତିକ ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ହତ୍ୟାକାଣ୍ଡ

ସୁନ୍ଦରଗଡ଼, ୧୩।୮
(ଜୟ ନାରାୟଣ ମେଣ୍ଟୁଳି)

ଅନୈତିକ ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ଜଣେ ମହିଳା ତାଙ୍କ ପ୍ରେମିକ ଓ ସହଯୋଗୀଙ୍କ ସହିତ ମିଶି ସ୍ୱାମୀଙ୍କ ତଣ୍ଟିଚିପି ହତ୍ୟା କରିଛନ୍ତି। ଏହି ହତ୍ୟାକାଣ୍ଡ ସୁନ୍ଦରଗଡ଼ ସହର ଶଙ୍କରାସ୍ଥିତ ହରିଓମ୍ କଲୋନିରେ ମଙ୍ଗଳବାର ରାତିରେ ଘଟିଛି। ମୃତକ ହେଲେ ଧ୍ରୁବ କେରକେଟା(୬୨)। ଏହି ଘଟଣାରେ ପୋଲିସ ମୃତକଙ୍କ ସ୍ତ୍ରୀ ସମେତ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଊର୍ମିଳା କେରକେଟା(୩୬), ତାଙ୍କ ପ୍ରେମିକ ସଦର ଥାନା ତସଲାଡିହି ଗ୍ରାମର ସୁବ୍ରତ ମାଝୀ(୨୪) ଏବଂ ସହଯୋଗୀ ବିମଳ ଦଣ୍ଡସେନା(୩୪)। ଖବରପାଇ ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ର, ଟାଉନ ଥାନା ଆଇଆଇସି ପ୍ରୀତି ମଞ୍ଜରୀ ମେଣ୍ଟୁଳି ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏନେଇ ସୁନ୍ଦରଗଡ଼ ଟାଉନ ଥାନାରେ ବିଏନ୍‌ଏସ୍ ଧାରା ୧୦୩(୧)/୩(୫)ରେ ଏକ



ଅଭିଯୁକ୍ତ ସ୍ତ୍ରୀ, ପ୍ରେମିକ ଓ ସହଯୋଗୀ।

ହତ୍ୟା ମାମଲା (ନଂ. ୩୪୯/୨୫) ରୁଜୁ କରିଛି। ବୁଧବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ସୁନ୍ଦରଗଡ ଜେଲ ହାଜତକୁ ପଠାଇ ଦିଆଯାଇଛି। ଜେରାବେଳେ ଅଭିଯୁକ୍ତମାନେ ଧ୍ରୁବଙ୍କୁ ତଣ୍ଟିଚିପି ହତ୍ୟା କରିଥିବା ସ୍ୱୀକାର କରିଛନ୍ତି ବୋଲି ପୋଲିସ କହିଛି।

ପୋଲିସ ସୂଚନା ଅନୁଯାୟୀ, ୨୦୧୩ରେ ଊର୍ମିଳା ସବ୍‌ଡେଗା ବ୍ଲକ ଜାଇସର ଗ୍ରାମର ଧ୍ରୁବଙ୍କୁ ବିବାହ କରିଥିଲେ। ଧ୍ରୁବ ଗତ ଦେଢବର୍ଷ ହେବ ସବଡେଗା ବ୍ଲକ ଅଫିସରେ ବଡବାବୁ ଭାବେ ଚାକିରିରୁ ଅବସର ନେବା ପରେ ଏକମାତ୍ର ପୁଅଙ୍କୁ ପାଠ ପଠାଇବା ସକାଶେ ସୁନ୍ଦରଗଡ଼ରେ ଭଡାରେ ରହୁଥିଲେ। ସେଠାରେ ଊର୍ମିଳା ଓ ସୁବ୍ରତଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟଙ୍କ ମଧ୍ୟରେ ଫୋନରେ ନିୟମିତ କଥାବାର୍ତ୍ତା ହେବା ସହ ରାତିରେ ଧ୍ରୁବ ନିଦ ବଟିକା ଖାଇ ଶୋଇଲା ପରେ ସୁବ୍ରତ ଆସି ଊର୍ମିଳାଙ୍କ ସହ ମିଳାମିଶା କରୁଥିଲେ। ଧ୍ରୁବ ଏହା ଜାଣିବା ପରେ ଉକ୍ତ ଯୁବକଙ୍କୁ ତାଗିଦା କରିଥିଲେ। ଏହାପରେ ଊର୍ମିଳା ପ୍ରେମିକଙ୍କ ସହ ମିଶି ସ୍ୱାମୀଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ। ମଙ୍ଗଳବାର ସକାଳେ ଫୋନ୍‌କୁ ନେଇ ଦମ୍ପତିଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଧ୍ରୁବ ଊର୍ମିଳାଙ୍କୁ ଫୋନ୍ ବ୍ୟବହାର କରିବା ପାଇଁ ମନା କରିବାରୁ ସେ ତାଙ୍କ ପ୍ରେମିକଙ୍କୁ ଏକଥା ଜଣାଇଥିଲେ। ଯୋଜନା ମୁତାବକ ମଙ୍ଗଳବାର ରାତି ୧୨ଟା ପରେ ସୁବ୍ରତ ଓ ବିମଳ ବାଇକ୍ ଯୋଗେ ଊର୍ମିଳାଙ୍କ ଘରକୁ ଆସିଥିଲେ। ଧ୍ରୁବ ଶୋଇଥିବା ବେଳେ ଊର୍ମିଳା, ସୁବ୍ରତ ଓ ବିମଳ ମିଶି ତାଙ୍କ ତଣ୍ଟିଚିପି ହତ୍ୟା କରିଥିଲେ। ହତ୍ୟା ପରେ ସୁବ୍ରତ ଓ ବିମଳ ସେଠାରୁ ଫେରାର ହୋଇଯାଇଥିଲେ। ବୁଧବାର ସକାଳେ ଊର୍ମିଳା ଧ୍ରୁବଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ ଏବଂ ନିଦ ବଟିକା ଖାଇ ଅସୁସ୍ଥ ଯୋଗୁ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଛି ବୋଲି କହିଥିଲେ। ପରିବାର ଲୋକେ ସୁନ୍ଦରଗଡ ଆସି ଧ୍ରୁବଙ୍କ ବେକରେ ଦାଗ ଓ କ୍ଷତ ଚିହ୍ନ ଦେଖିଥିଲେ। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ମୃତକଙ୍କ ଭାଇ ସରୋଜ କେରକେଟା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତମାନଙ୍କୁ ଥାନାକୁ ଆଣି ଜେରା କରିବା ବେଳେ ଏହି ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଥିଲା। ଏହି ମାମଲାର ତଦନ୍ତକାରୀ ଅଧିକାରୀଭାବେ ସବ୍ ଇନ୍ସପେକ୍ଟର ଭାବଗ୍ରାହୀ ଜେନା ରହିଛନ୍ତି।

# ପୁଣି ୪ ଅଭିଯୁକ୍ତ ଜେଲ ଗଲେ


୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଉଛି।

## ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା

ରାଜନଗର, ୧୩।୮
(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହେବା ପରେ ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି। ଏହି ଘଟଣାରେ ପୋଲିସ ଛାତ୍ରୀଙ୍କ ପିଉସାଙ୍କ ସମେତ ୫ ଜଣଙ୍କୁ ଥାନାରେ ଅଟକ ରଖିଥିଲା। ହେଲେ ମଙ୍ଗଳବାର କେବଳ ପିଉସା ଚିତ୍ତରଞ୍ଜନ ମଲିକ ଓରଫ ହାପିଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଯାଇଥିଲା। ଅନ୍ୟ ୪ ଜଣଙ୍କୁ ଛାଡ଼ିଦେବା ପାଇଁ ପୋଲିସ ଉପରେ ବିଭିନ୍ନ ଆଡୁ ଚାପ ପଡ଼ିଥିଲା। ପୋଲିସ ମଧ୍ୟ ସେମାନଙ୍କ ସମ୍ପୃକ୍ତି ନାହିଁ ବୋଲି ପରୋକ୍ଷରେ କହିବାକୁ ପଛାଇ ନ ଥିଲା। ଏହାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ପୋଲିସ ସେମାନଙ୍କୁ ଗିରଫ ଦର୍ଶାଇ ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କୁନ୍ଦୁପୁରୁ ଗାଁର ଜ୍ୟୋତି ରଞ୍ଜନ ଦାଶ(୨୦), ଦୀପକ କୁମାର ଦାଶ(୨୦), ସୌରଭ ଦାଶ(୨୫) ଓ ଆଲୋକ ସାହୁ(୧୯)। ରାଜନଗର ଥାନାରେ ଏ ନେଇ ଏକ ମାମଲା(ନଂ.୨୬୬/୨୦୨୫)ରୁଜୁ ହୋଇଛି। ସମସ୍ତଙ୍କ ଡାକ୍ତରୀମାଇନା କରାଇବା ପରେ ପୋଲିସ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ରାଜନଗର ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଶନିବାର ରାଖୀପୂର୍ଣ୍ଣିମା ଦିନ ନିଜ ପିଉସାଙ୍କ ସହ ଏହି ଦଶମ ଶ୍ରେଣୀ ଛାତ୍ରୀ ଖୁଦୁରୁକୁଣୀ ମୂର୍ତ୍ତି କିଣିବାକୁ ଓଉପଦାକୁ ଯାଉଥିଲେ। ହେଲେ ପିଉସା ଓଉପଦା ନେବା ପରିବର୍ତ୍ତେ କୁନ୍ଦୁପୁର ମଶାଣିକୁ ପଡ଼ିଥିବା ମାଟିରାସ୍ତା ସଂଲଗ୍ନ ନିଛାଟିଆ ସ୍ଥାନକୁ ନେଇ ଝିଅାରୀକୁ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଚିତ୍କାର ଶୁଣି ସେଠାରେ ମଦ ପିଉଥିବା ୪ ଜଣ ଯୁବକ ଝିଅାରୀ ଓ ପିଉସାଙ୍କ ଉଲଗ୍ନ ଫଟୋ ଉଠାଇଥିଲେ। ଏହାପରେ ଝିଅାରୀଙ୍କୁ ମିଳିତ ଭାବେ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏହି ଯୁବକମାନେ ପୀଡ଼ିତାଙ୍କୁ ଟଣାଓଟରା କରିବା ସହିତ ମାଡ଼ ମାରି ବଳାତ୍କାର କରିଥିଲେ ବୋଲି ପିଉସା ନିଜେ ଏତଲାରେ ଦର୍ଶାଇଛନ୍ତି।

# ୩ ହଜାର ଲାଞ୍ଚ ନେଇ ସ୍ୱାସ୍ଥ୍ୟ କର୍ମଚାରୀ ଗିରଫ

ମୁନିଗୁଡ଼ା, ୧୩।୮
(ନନ୍ଦ କିଶୋର ପଟ୍ଟନାୟକ)

ଜନ୍ମ ସାର୍ଟିଫିକେଟ ସଂଶୋଧନ ପାଇଁ ୩୦୦୦ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ପୁରୁଷ ସ୍ୱାସ୍ଥ୍ୟକର୍ମୀ। ଜନ୍ମ ପ୍ରମାଣପତ୍ର ସଂଶୋଧନ କରିବା ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେବାବେଳେ ମୁନିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ କର୍ମଚାରୀ କୁଞ୍ଜବିହାରୀ ରାଉତଙ୍କୁ ଜୟପୁର ଭିଜିଲାନ୍ସ ବୁଧବାର ଗିରଫ କରିଛି। ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ମଧ୍ୟ ଜବତ କରାଯାଇଛି।

ସୂଚନା ଅନୁଯାୟୀ, କନ୍ଧମାଳ ଜିଲା ଦୁର୍ଗାପଙ୍ଗାର ଜଣେ ଗରିବ ଚାଷୀ ତାଙ୍କ ପୁଅର ଜନ୍ମ ପ୍ରମାଣପତ୍ରରେ ସଂଶୋଧନ କରିବା ନିମନ୍ତେ ସ୍ୱାସ୍ଥ୍ୟକର୍ମୀ କୁଞ୍ଜବିହାରୀଙ୍କ ନିକଟକୁ ଯାଇଥିଲେ। ଏହି କାମ ପାଇଁ ସେ ୬ ହଜାର ଟଙ୍କା ଦାବି କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୩ ହଜାର ନେଇ ସାରିଥିବାବେଳେ ବାକି ଟଙ୍କା ଦେଲେ କାମ କରିବେ ବୋଲି କହିଥିଲେ। ଅନ୍ୟ କୌଣସି ଉପାୟ ନ ପାଇ ଚାଷୀ ଜଣକ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ। ବୁଧବାର ସକାଳେ ବାକି ୩ ହଜାର ଟଙ୍କା ଗ୍ରହଣ କରିବା ସମୟରେ ଜୟପୁର ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ତାଙ୍କୁ ଗିରଫ କରିଛି। ଏ ନେଇ କୋରାପୁଟ ଭିଜିଲାନ୍ସ ପିଏସ୍ କେସ୍ ନମ୍ବର ୨୭/୨୫ରେ ଏକ ମାମଲା ରୁଜୁ କରାଯିବା ସହ ଭିଜିଲାନ୍ସ ଟିମ୍ କୁଞ୍ଜବିହାରୀଙ୍କ ବିଷମକଟକସ୍ଥିତ ଡୁକୁମରୋଡ୍‌ରେ ଥିବା ଘରେ ପହଞ୍ଚି ଅଧିକ ତଦନ୍ତ କରିଥିବା ଜଣାପଡିଛି।

# ଘରୋଇ ମେସ୍‌ରେ ପିଜି ଛାତ୍ରୀଙ୍କ ଝୁଲନ୍ତା ମୃତଦେହ

**ଧରଣୀଧର ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ**

କେନ୍ଦୁଝର, ୧୩।୮ (ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)

ଭଦ୍ରକ କଲେଜର ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀ ପୁଷ୍ପଲତା ମଲ୍ଲିକଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ଏକ ଘରୋଇ ମେସ୍‌ରୁ ଜବତ କରାଯାଇଥିବାବେଳେ ବୁଧବାର କେନ୍ଦୁଝର ଜିଲା ଟାଉନ ଥାନା ଅନ୍ତର୍ଗତ କଲେଜରୋଡ୍‌ସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ ନିକଟ ଏକ ଘରୋଇ ମେସ୍‌ରୁ ଆଉ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତା ହେଲେ ହାଟଡିହୀ ବ୍ଲକ ନନ୍ଦିପଦା ଥାନା ଅଧୀନ ନୂଆରମ୍ପାସ ଗ୍ରାମର କୃଷ୍ଣଚନ୍ଦ୍ର ଜେନାଙ୍କ ଝିଅ ଶିବାନୀ ଜେନା(୨୨)। ଏସ୍‌ପି ନୀତିନ କୁଶଲ କର ଡାଗଡୁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ଶିବାନୀ ଧରଣୀଧର ବିଶ୍ୱବିଦ୍ୟାଳୟରେ ନୃତତ୍ତ୍ୱ ବିଜ୍ଞାନ(ଆନ୍ଥ୍ରୋପୋଲୋଜି) ବିଭାଗରେ ପିଜି ପ୍ରଥମ ବର୍ଷର ଛାତ୍ରୀଭାବେ ଅଧ୍ୟୟନ କରୁଥିଲେ। ସେ ବିଶ୍ୱବିଦ୍ୟାଳୟ ନିକଟ ଏକ ଘରୋଇ ମେସ୍‌ରେ ୬ ଜଣ ସହପାଠୀଙ୍କ ସହ ରହୁଥିଲେ। ବୁଧବାର ଅପରାହ୍ନରେ ଶିବାନୀ ରୁମ୍‌ରେ ଏକା ଥିବାବେଳେ ଭିତର ପଟୁ କବାଟ ବନ୍ଦ କରି ଆତ୍ମହତ୍ୟା କରିଥିବା କୁହାଯାଉଛି। ସହପାଠୀ ଆସି ବାରମ୍ବାର ଫୋନ୍ କରିବା ପରେ ମଧ୍ୟ ସେ ଶୁଣି ନ ଥିଲେ। ପରେ ରୁମ୍‌ର ପଛପଟକୁ ଯାଇ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖି ଘର ମାଲିକଙ୍କୁ ଜଣାଇବା ସହ ୧୧୨କୁ ଫୋନ୍ କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଖବରପାଇ ଛାତ୍ରୀଙ୍କ ମା'ବାପା ପହଞ୍ଚିଥିବା ପୋଲିସ କହିଛି। ଏସ୍‌ପି ନୀତିନ କୁଶଲକର କହିଛନ୍ତି, ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା(୭୪/୨୫) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। କେଉଁ କାରଣରୁ ମୃତ୍ୟୁ ହୋଇଛି, ତଦନ୍ତ ପରେ ଜଣାପଡ଼ିବ। ପ୍ରକାଶଯୋଗ୍ୟ, କିଛି ମାସ ପୂର୍ବେ ଏଭଳି ଏକ ଘରୋଇ ମେସ୍‌ରୁ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଥିଲା। ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ସ୍ଥାନ ଅଭାବରୁ ବହୁ ଛାତ୍ରୀ ଘରୋଇ ମେସ୍‌ରେ ରହିବାକୁ ବାଧ୍ୟ ହେଉଛନ୍ତି। ଏଣୁ ସେମାନେ ବିଭିନ୍ନ ପ୍ରକାରର ମାନସିକ ଚାପରେ ରହୁଥିବା କୁହାଯାଉଛି। ଏନେଇ ପଦକ୍ଷେପ ଗ୍ରହଣ କରିବା ସହ ବିଶ୍ୱବିଦ୍ୟାଳୟ ପରିସରରେ ସ୍ୱତନ୍ତ୍ର ସେଲ୍ ଖୋଲିବାକୁ ଦାବି ହେଉଛି।

# ମାଓବାଦୀ ଲିଙ୍କ୍, ଶିକ୍ଷକ ଗିରଫ

**୨୦୧୧ରୁ ମାମଲା ରୁଜୁ ହୋଇଥିଲା, ୨୦୨୫ରେ ଗିରଫ ହେଲେ**


ଗିରଫ ଶିକ୍ଷକ ପ୍ରତାପ କୁମାର ନାୟକ

ମୋହନା, ୧୩।୮ (ମନ୍ମଥ ମିଶ୍ର)

ମାଓବାଦୀଙ୍କ ସହ ସମ୍ପୃକ୍ତି ଥିବା ଅଭିଯୋଗରେ ୨୦୧୧ରେ ହୋଇଥିବା ଏକ ମାମଲାରେ ଜଣେ ଶିକ୍ଷକ ଦୁଇଦିନ ତଳେ ଗିରଫ ହୋଇଛନ୍ତି। ସେ ହେଲେ ଗଜପତି ଜିଲା ଅଡବା ଥାନା ଅନ୍ତର୍ଗତ ନୂଆ ଖଜୁରୀପଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରତାପ କୁମାର ନାୟକ। ସେ ୨୦୦୮ରେ ଏହି ପ୍ରାଥମିକ ବିଦ୍ୟାଳୟରେ ଏକ୍ସ-କ୍ୟାଡର ସହକାରୀ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ।

ଅଡବା ଥାନା ଅଧିକାରୀଙ୍କ ସୂଚନା ଅନୁସାରେ ପ୍ରତାପ ପୂର୍ବରୁ ମାଓବାଦୀ ସଙ୍ଗଠନରେ ସାମିଲ ଥିଲେ। ସେତେବେଳେ ବିଭିନ୍ନ ସ୍ଥାନରେ ହୋଇଥିବା ମାଓବାଦୀ ହିଂସାରେ ସେ ସାମିଲ ଥିବା ନେଇ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ୨୦୧୧ରେ ତାଙ୍କ ନାମରେ ନଂ. ୧୩୫/୧୧ରେ ଅଡବା ଥାନାରେ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲା ଆଧାରରେ ପ୍ରତାପଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା କହିଛନ୍ତି। ଏ ସମ୍ପର୍କରେ ବୁଧବାର ଗଜପତି ଏସ୍‌ପି ଯତୀନ୍ଦ୍ର ପଣ୍ଡା କହିଛନ୍ତି, ଅଡବା, ମୋହନା, ଆର.ଉଦୟଗିରି ଥାନା ଅଞ୍ଚଳରେ ଆହୁରି ଅନେକ ଶିକ୍ଷକଙ୍କ ନାମରେ ମାଓବାଦୀଙ୍କ ସହ ସେମାନଙ୍କ ଲିଙ୍କ୍ ଥିବା, ଗଞ୍ଜେଇ ଚୋରା ଚାଲାଣରେ ଜଡିତ ରହିଥିବା ନେଇ ମାମଲା ରହିଛି। ସେମାନଙ୍କୁ ତୁରନ୍ତ ଥାନାରେ ଆତ୍ମସମର୍ପଣ କରିବାକୁ କୁହାଯାଇଛି। ଏଥିସହ ବ୍ଲକ ଶିକ୍ଷାଧିକାରୀଙ୍କୁ ମଧ୍ୟ ପୋଲିସ ପକ୍ଷରୁ ଚିଠି କରାଯାଇଛି। ଯଦି ସେମାନେ ଆତ୍ମସମର୍ପଣ ନ କରନ୍ତି ତେବେ ସେମାନେ ଯେଉଁଠି ଥିଲେ ମଧ୍ୟ ଗିରଫ କରାଯିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି। ଏନେଇ ମୋହନା ବିଇଓ ନରେନ୍ଦ୍ର ବେହେରା କହିଛନ୍ତି, ମୋ ପାଖକୁ କୌଣସି ଚିଠି ଏ ଯାବତ୍ ଆସିନାହିଁ। ଯଦି କୌଣସି ଶିକ୍ଷକଙ୍କ ନାମରେ ଥାନା ପକ୍ଷରୁ ଚିଠି ଆସେ ତେବେ ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ୫୪ କେଜି ଗଞ୍ଜେଇ ଜବତ, ଜଣେ ଗିରଫ


ଗିରଫ ଅଭିଯୁକ୍ତ ଓ ଜବତ ଗଞ୍ଜେଇ ସହ କାର୍।

ବଇଣ୍ଡା, ୧୩।୮ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ଅବକାରୀ ବିଭାଗ ଓ ସ୍ୱତନ୍ତ୍ର ଟିମ୍ ବୁଧବାର ଆଠମଲ୍ଲିକସ୍ଥିତ ମହାନଦୀ ବ୍ରିଜ୍ ନିକଟରୁ ଏକ କାର୍ ଓ ଏଥିରେ ଚାଲାଣ ହେଉଥିବା ୫୪ କେଜି ଗଞ୍ଜେଇ ଜବତ କରିଛି। ଏଥିସହ ଏହି ଚୋରା କାରବାରରେ ସମ୍ପୃକ୍ତି ଅଭିଯୋଗରେ କେନ୍ଦୁଝର ଜିଲା ତେଲକୋଇ ଥାନା ଟୁମୁଣ୍ଡା ଗ୍ରାମର ପ୍ରଦୀପ ରଣାଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଏକ କାର୍ (ନଂ. ଓଡି୦୨ବିଡି-୫୬୫୬)ରେ ଫୁଲବାଣୀରୁ କେନ୍ଦୁଝର ଅଭିମୁଖେ ଗଞ୍ଜେଇ ଚାଲାଣ କରାଯାଉଥିବା ସମ୍ପର୍କରେ ଅବକାରୀ ଟିମ୍‌କୁ ସୂଚନା ମିଳିଥିଲା। ଏହାପରେ ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶ କ୍ରମେ ଆଠମଲ୍ଲିକ ଅବକାରୀ ନିରୀକ୍ଷକ ପବିତ୍ର ମୋହନ ମାଝୀ, ଉପନିରୀକ୍ଷକ ନିରଞ୍ଜନ ସାହୁ, ବଲବୀର ଗଡ଼ନାୟକ, ରୋଜାଲିନ ପଟ୍ଟନାୟକ, ଅମର ଦୀପ କୁଜୁର, ଶଙ୍କର୍ଷଣ ରାଉତ, ରଞ୍ଜିତ ସାହୁ ପ୍ରମୁଖ ପ୍ରମୁଖ ଚଢ଼ାଉ କରି ଗଞ୍ଜେଇ ସହ କାର୍‌କୁ ଜବତ କରିଥିଲେ।

# ପ୍ରେମିକାଙ୍କ ଘରେ ପଶି ହାଇଡ୍ରାମା, ଯୁବକ ଗିରଫ

ଭୁବନେଶ୍ୱର, ୧୩।୮ (ସତ୍ୟଜିତ୍ ରାଉତ)

ପ୍ରେମିକାଙ୍କ ଘରେ ପଶି ହାଇଡ୍ରାମା କରିବା ସହ ଦୁର୍ବ୍ୟବହାର କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ବୁଧବାର ଗିରଫ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ପାରାଦୀପର ସରୋଜ କୁଣ୍ଡୁ (୨୪)। କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକାରିଣୀ ଯୁବତୀ ଏବଂ ସରୋଜଙ୍କ ମଧ୍ୟରେ ପୂର୍ବରୁ ପ୍ରେମ ସମ୍ପର୍କ ଥିଲା। ସରୋଜ ବିବାହ କରିବାକୁ ପ୍ରସ୍ତାବ ଦେଇଥିଲେ ମଧ୍ୟ ଯୁବତୀ ଜଣକ ପ୍ରତ୍ୟାଖ୍ୟାନ କରିଦେବା ସହ ଦୂରେଇ ଯାଇଥିଲେ। ସେବେଠାରୁ ସରୋଜ ଉକ୍ତ ଯୁବତୀଙ୍କ ଉପରେ ନଜର ରଖିବା ସହ ସବୁବେଳେ ପିଛା କରି ହଇରାଣ କରୁଥିଲେ। ମଙ୍ଗଳବାର ସକାଳେ ଯୁବତୀ ରହୁଥିବା ତମାଣ୍ଡୋ ଫେଜ-୨ସ୍ଥିତ ଘରେ ସରୋଜ ବଳପୂର୍ବକ ପଶି ଗାଳିଗୁଲଜ ଓ ଟଣାଓଟରା କରିଥିଲେ। ବିବାହ ପାଇଁ ରାଜି ନ ହେଲେ ହତ୍ୟା କରିଦେବେ ବୋଲି ଧମକ ଦେଇଥିଲେ। ଏନେଇ ଯୁବତୀଙ୍କ ଏତଲାକ୍ରମେ ପୋଲିସ ମାମଲା (ନଂ.୫୬୨/୨୦୨୫) ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେଇଛି।

# ରେଞ୍ଜୀ ବାହାଡ଼ାପଲ୍ଲୀରେ ପୁଣି ହତ୍ୟାକାଣ୍ଡ

ଖଲ୍ଲିକୋଟ/ରମ୍ଭା, ୧୩।୮ (ପ୍ରଶାନ୍ତ କୁମାର ମିଶ୍ର/ ବନବାସୀ ସେଠୀ)

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ତଥା ରମ୍ଭା ଥାନା ଅନ୍ତର୍ଗତ ରେଞ୍ଜୀ ବାହାଡାପଲ୍ଲୀରେ ପୁଣି ଜଣଙ୍କ ମୁଣ୍ଡ ଗଡ଼ିଛି। ବୁଧବାର ଗ୍ରାମର ଅଭିମନ୍ୟୁ ପ୍ରଧାନଙ୍କୁ ହତ୍ୟା କରାଯାଇଛି। ଅଭିମନ୍ୟୁ ବାଇକ୍ ଯୋଗେ ପରିବା ଆଣିବାକୁ ଯାଉଥିବାବେଳେ ରମ୍ଭା ରେଳଲାଇନ ଉତ୍ତର କ୍ୟାବିନଠାରୁ ଅଳ୍ପ ଦୂରରେ କେତେଜଣ ଦୁର୍ବୃତ୍ତ ତାଙ୍କ ମୁଣ୍ଡକୁ ହାଣି ହତ୍ୟା କରିଛନ୍ତି। ଖବରପାଇ ରମ୍ଭା ଥାନାଧିକାରୀ କୁମାର ମୁଦୁଲି, ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି।

ରେଞ୍ଜୀ ବାହାଡାପଲ୍ଲୀ ଗ୍ରାମର ବି. ମନୁ ପ୍ରଧାନଙ୍କୁ ଗତ ୨ ତାରିଖ ରାତିରେ ରମ୍ଭା ରେଳ ଷ୍ଟେଶନ ନିକଟରେ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରାଯାଇଥିଲା। ସେହି ଘଟଣାରେ ପୋଲିସ ନିଜ ଆଡୁ ମାମଲା ରୁଜୁ କରିଥିଲା। ତଦନ୍ତ ପରେ ସେହି ଗ୍ରାମର ୨ ଅଭିଯୁକ୍ତ ଜୟ ପ୍ରଧାନ ଓ କେଶବ ପ୍ରଧାନଙ୍କୁ ଗିରଫ କରି ଜେଲ ପଠାଇଥିଲା। ମନୁଙ୍କ ଏକାଦଶାହରେ ଅଭିଯୁକ୍ତ ଜୟଙ୍କ ଭାଇ ଅଭିମନ୍ୟୁ ହତ୍ୟାର ଶିକାର ହୋଇଛନ୍ତି। ତେଣୁ ମନୁ ହତ୍ୟାକାଣ୍ଡ ସହ ଅଭିମନ୍ୟୁ ହତ୍ୟା ଘଟଣାର ଲିଙ୍କ ରହିଥିବା ପୋଲିସ ସନ୍ଦେହ କରୁଛି। ମୃତ ଅଭିମନ୍ୟୁଙ୍କ ଭାଇ ଏମ. ସନ୍ୟାସୀ ପ୍ରଧାନଙ୍କ ଅଭିଯୋଗକ୍ରମେ ରମ୍ଭା ଥାନାରେ ନଂ.୬୫୧/୨୦୨୫ ଅନୁଯାୟୀ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ମୁଦୁଲି କହିଛନ୍ତି।

# ୫୦୦ ବୋତଲ କଫ୍ ସିରପ୍ ଜବତ: ଜଣେ ଗିରଫ

ବଲାଙ୍ଗୀର, ୧୩।୮
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ହାଟପଦାପଡା ଠାରେ ବେଆଇନ ଭାବେ କଫ ସିରପ୍ ବିକ୍ରି କରୁଥିବା ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ହାଟପଦାପଡା ନିବାସୀ ରାଜକୁମାର ଓରଫ ରାଜା ଜେନା (୨୮)। ତାଙ୍କ ନିକଟରୁ ୫ ଶହ ବୋତଲ କଫ୍ ସିରପ୍ ଜବତ ହୋଇଛି। ବୁଧବାର ଅପରାହ୍ଣରେ ସ୍ଥାନୀୟ ଟାଉନ ଥାନାଠାରେ ଖବରଦାତା ସମ୍ମିଳନୀ କରି ଘଟଣା ସମ୍ପର୍କରେ ସଦର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ଏହି ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୮ଟା ସମୟରେ ଟାଉନ ଥାନା ପୋଲିସ ହାଟପଦାପଡା ଠାରେ ଜଣେ ଯୁବକ ବେଆଇନ ଭାବେ କଫ୍ ସିରପ ବିକ୍ରି କରୁଥିବା ଖବର ପାଇଥିଲା। ପରେ ଏକ ପୋଲିସ ଟିମ୍ ଘଟଣାସ୍ଥଳକୁ ଯାଇ ଚଢ଼ାଉ କରିଥିଲେ। ସେଠାରୁ ଅଭିଯୁକ୍ତ ରାଜାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ କଫ୍ ସିରପ ଏବଂ ୪୦୦ ଟଙ୍କା ଜବତ କରିଥିଲେ। ଜବତ କଫ୍ ସିରପ୍‌ର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଚଢ଼ାଉ ସମୟରେ ସେଠାରେ ଥିବା ଅନ୍ୟ ଜଣେ ଯୁବକ ଫେରାର ହୋଇଯାଇଥିଲେ । ତାଙ୍କୁ ଧରିବା ପାଇଁ ତନାଘନା ଚାଲିଥିବା ଏସଡିପିଓ ଉପାଧ୍ୟାୟ ସୂଚନା ଦେଇଛନ୍ତି। ପୋଲିସ ଏହି ଘଟଣାରେ ଏକ ମାମଲା (ନଂ. ୫୩୮/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଗିରଫ ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ବଲାଙ୍ଗୀର ଟାଉନ ଥାନା ଏବଂ କଣ୍ଟାବାଞ୍ଜି ଥାନାରେ ଏକାଧିକ ମାମଲା ରହିଛି। ସହରରେ ନିଶା କାରବାର ବନ୍ଦ କରିବା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଥିବା ଏସ୍‌ଡିପିଓ ଉପାଧ୍ୟାୟ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ଅବନୀ ସାହୁ, ସବ୍‌ଇନ୍ସପେକ୍ଟର ଚର୍ଚ୍ଚିଲ କୁମାର ମହାପାତ୍ର, ବି. ଦେହେରି, ଡି.କେ ଡାଙ୍ଗ, ଡି. କେ. ସେନାପତି ଓ ଅନ୍ୟ ଷ୍ଟାଫ୍ ଉପସ୍ଥିତ ଥିଲେ।


ଜବତ କଫ୍ ସିରପ ଓ ଗିରଫ ଅଭିଯୁକ୍ତ।

# ସୁରକ୍ଷା କର୍ମୀଙ୍କ ଗୁଳିରେ ଜଣେ ମାଓବାଦୀ ନିହତ

■ଏସ୍‌ଏଲ୍‌ଆର୍ ବନ୍ଧୁକ ଜବତ
■ସୀମାରେ ହାଇ ଆଲର୍ଟ, ସର୍ଚ୍ଚ ଅପରେଶନ ଜାରି

ବଣାଇଁ, ୧୩।୮ (ପ୍ରଦୀପ ତ୍ରିପାଠୀ)



ଝାଡ଼ଖଣ୍ଡ ରାଜ୍ୟ ଜରେଇକେଲା ଥାନା ଅଧୀନ ଗୋଏଲକେରା ମଝିରେ ଥିବା ପୁଷେଇତା ଜଙ୍ଗଲରେ ବୁଧବାର ପୂର୍ବାହ୍ନରେ ମାଓବାଦୀ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ସୁରକ୍ଷାକର୍ମୀଙ୍କ ଗୁଳିରେ ଜଣେ ମାଓବାଦୀ ନିହତ ହୋଇଛନ୍ତି। ସେ ହେଲେ ନିଲେଶ ମାଡକାମି ଓରଫ ବରୁଣ ଓରଫ ଅରୁଣ। ତାଙ୍କ ଘର ଛତିଶଗଡ଼ ରାଜ୍ୟ ସୁକୁମା ଜିଲା କୋଣ୍ଟା ଥାନା ଅଞ୍ଚଳରେ ବୋଲି ଚାଇଁବସା ପୋଲିସ ସ୍ପଷ୍ଟ କରିଛି । ମୃତଦେହ ନିକଟରୁ ଏକ ଏସ୍‌ଏଲ୍‌ଆର୍ (ସେଲ୍ଫ ଲୋଡେଡ ରାଇଫଲ) ସହିତ ଅଫୁଟା ଗୁଳି ଥିବା ମାଗାଜିନ ଓ ଏକ ବ୍ୟାଗରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସୁରକ୍ଷା ବାହିନୀ ଜବତ କରିଛି। ମୃତ ମାଓବାଦୀ ଛତିଶଗଡ଼ କ୍ୟାଡରର ଓ ସେ ପ୍ରାୟ ୫ବର୍ଷ ହେବ ଝାଡ଼ଖଣ୍ଡ ଅଞ୍ଚଳରେ ମାଓବାଦୀ ଛୋଟନାଗପୁର ଡିଭିଜନାଲ କମିଟି ଅଧୀନରେ ରହି ବିଭିନ୍ନ ମାଓବାଦୀ ହିଂସା ଘଟାଇବାରେ ସମ୍ପୃକ୍ତ ଥିଲେ। ଛତିଶଗଡ଼ ଛାଡିବା ପରେ ଓଡ଼ିଶା – ଝାଡ଼ଖଣ୍ଡ ସୀମା ସଂଲଗ୍ନ ଅଞ୍ଚଳରେ ଏରିଆ କମାଣ୍ଡର ଭାବେ ସକ୍ରିୟ ଥିଲେ। ଝାଡ଼ଖଣ୍ଡ ଗୋଏଲକେରା ଥାନା କେସ୍ ନଂ. ୫/୨୦୧୯ ଓ ୬/୨୦୨୦, ସୋଣୁଆଁ ଥାନା କେସ୍ ନଂ. ୨୫/୨୦୨୦, ଟଣ୍ଟୋ ଥାନା ଅଧୀନରେ ୩ଟି କେସ୍ ନଂ. ୧/୨୦୨୩, ୨୬/୨୦୨୩, ୩୦/୨୦୨୩ ତାଙ୍କ ନାଁରେ ରୁଜୁ ହୋଇଥିବା ଚାଇଁବସା ପୋଲିସ ପ୍ରେସ୍ ବିବୃତିରେ ଉଲ୍ଲେଖ କରିଛି ।

ଝାଡ଼ଖଣ୍ଡ ଗୋଇନ୍ଦା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସ୍ୱାଧୀନତା ଦିବସ ପାଳନକୁ ଭଣ୍ଡୁର କରିବା ଉଦ୍ଦେଶ୍ୟରେ ପଶ୍ଚିମ ସିଂହ ଭୂମ ଚାଇଁବସାର କୋଲହାନ ଜଙ୍ଗଲରେ ୨୨ରୁ ଊର୍ଦ୍ଧ୍ୱ ମାଓବାଦୀ କ୍ୟାମ୍ପ କରିଥିଲେ । ଏଥିରେ ମାଓବାଦୀ ସଙ୍ଗଠନର ଏରିଆ କମାଣ୍ଡର ରବି ସରଦାର, ଜୟକାନ୍ତ, ଅରୁଣ, ସନ୍ଦୀପ, ଶିବା, ରିସିଭ, ଅପଟନ, ସନତ, ଅମିତ ମୁଣ୍ଡା, ଭୁବନେଶ୍ୱର ଓରଫ ସାଲୁକା, ସୋମବାରିଙ୍କ ସମେତ ଅନ୍ୟ ମାଓବାଦୀ ସାମିଲ ହୋଇ ହିଂସା ଘଟାଇବା ନେଇ ଯୋଜନା କରୁଥିଲେ। ଚାଇଁବସା ପୋଲିସ ଓ ୨୦୯ ନମ୍ବର କୋବ୍ରା ବାଟାଲିୟନ ପକ୍ଷରୁ ସମ୍ପୃକ୍ତ ଜଙ୍ଗଲରେ ସର୍ଚ୍ଚ ଅପରେଶନ ଚାଲିଥିଲା। ଅପ୍ରତ୍ୟାଶିତ ସୁରକ୍ଷା କର୍ମୀଙ୍କୁ ଦେଖି ପ୍ରଥମେ ମାଓବାଦୀ ଗୁଳି ଚଳାଇବା ଆରମ୍ଭ କରିଦେଇଥିଲେ। ଯବାବରେ କୋବ୍ରା ବାହିନୀର ଯବାନ ପାଲଟା ଗୁଳି ଚଳାଇଥିଲେ। ଏହି ଗୁଳିବିନିମୟ ପରେ ଆସନ୍ନ ପ୍ରାୟ ସ୍ୱାଧୀନତା ଦିବସରେ କିଛି ଅଘଟଣ ଆଶଙ୍କା ଓ ଓଡିଶା ଝାଡ଼ଖଣ୍ଡ ସୀମା ସଂଲଗ୍ନ ଅଞ୍ଚଳରେ ମାଓବାଦୀମାନେ ପତାକା ଉତ୍ତୋଳନ ନ କରିବା ନେଇ ଦେଇଥିବା ଧମକକୁ ଦୃଷ୍ଟିରେ ରଖି ଉଭୟ ଓଡ଼ିଶା ଓ ଝାଡଖଣ୍ଡ ରାଜ୍ୟ ସୁରକ୍ଷା ବାହିନୀ ତରଫରୁ ସର୍ଚ୍ଚ ଅପରେଶନକୁ ଜୋରଦାର୍ କରାଯାଇଛି ଏବଂ ସୀମାରେ ହାଇ ଆଲର୍ଟ ଜାରି କରାଯାଇଛି ।

# ଖଣି ଖନନ ପାଇଁ ପରିବେଶ ସୁରକ୍ଷାକୁ ଅଣଦେଖା

## ବାଲାପାଡୁ କ୍ୱାର୍ଜ ଖଣି ଖନନକୁ ଅଞ୍ଚଳବାସୀଙ୍କ ବିରୋଧ

ରାୟଗଡ଼ା,୧୩।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲ୍ଲା ସଦର ବ୍ଲକ ଇରୁକୁବାଡ଼ି ପଞ୍ଚାୟତ ଅନ୍ତର୍ଗତ ବାଲାପାଡୁ କ୍ୱାର୍ଜ ଏବଂ କ୍ୱାର୍ଜାଇଟ ଖଣି ଖନନକୁ ଅଞ୍ଚଳବାସୀ ଏବଂ ସ୍ଥାନୀୟ ଜନପ୍ରତିନିଧି ବିରୋଧ କରିଛନ୍ତି । ଖଣି ଖନନ ହେଲେ ସେଠାରେ ରହିଥିବା ପ୍ରାକୃତିକ ପରିବେଶ ନଷ୍ଟହେବା ସହ ପାହାଡ଼ରୁ ବାହାରିଥିବା ଚିରସ୍ରୋତା ଝରଣା, ବହୁ ମୂଲ୍ୟବାନ୍ ଔଷଧୀୟ ବୃକ୍ଷ ଲୋପପାଇଯିବା ଆଶଙ୍କା ରହିଥିବା ଅଭିଯୋଗ ହୋଇଛି । ବାଲାପାଡୁ କ୍ୱାର୍ଜ ଏବଂ କ୍ୱାର୍ଜାଇଟ ଖଣି ଖନନକୁ ପରିବେଶ ମଞ୍ଜୁରୀ ପାଇଁ ମଙ୍ଗଳବାର ଇରୁକୁବାଡ଼ିଠାରେ ରାୟଗଡା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ଆଞ୍ଚଳିକ ଶାଖା ଓ ଜିଲା ପ୍ରଶାସନ ପକ୍ଷରୁ ଏକ ଜନଶୁଣାଣି ହୋଇଥିଲା । ଜନଶୁଣାଣି ସମ୍ପର୍କରେ ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଭାବିତ ଅଞ୍ଚଳର ଜନସାଧାରଣଙ୍କୁ କୌଣସି ସୂଚନା ଦିଆଯାଇ ନ ଥିବାରୁ ସେମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଥିବା କହିଛନ୍ତି ।

ସୂଚନାଥାଉକି, ବାଲାପାଡୁ ପାହାଡ଼ର ୫୫.୩୯୪ ହେକ୍ଟର ଅଞ୍ଚଳରେ ରହିଥିବା କ୍ୱାର୍ଜ ଓ କ୍ୱାର୍ଜାଇଟ ଖନନ ପାଇଁ ବାଳକୃଷ୍ଣ ପାଢ଼ୀ ନାମକ ଜଣେ ବ୍ୟକ୍ତି ଲିଜ୍‌ରେ ନେଇଛନ୍ତି । ପରିବେଶ ମଞ୍ଜୁରୀ ପାଇଁ ମଙ୍ଗଳବାର ହୋଇଥିବା ଜନଶୁଣାଣିରେ ଗ୍ରୀନ୍ ସର୍କଲ, ଆଇଏନ୍‌ସି ନାମକ ଏକ ମାଇନିଂ କନ୍‌ସଲଟାଣ୍ଟ ଖଣି ଖନନ ଦ୍ୱାରା ପରିବେଶ ଓ ଏହା ଉପରେ ପ୍ରଭାବ ସମେତ ୨୦୨୨-୨୩ ମଧ୍ୟରେ ସର୍ଭେକରି ଏକ ରିପୋର୍ଟ ପ୍ରଦାନ କରିଛି । ଉକ୍ତ ରିପୋର୍ଟରେ ବାର୍ଷିକ ୫୪୫୦୦ସିଏମ୍ ଖଣି ଖନନ ପାଇଁ ଯୋଜନା ରହିଛି । ଏହି ଖଣି ଖନନ ଦ୍ୱାରା ପରିବେଶ ଉପରେ କୌଣସି କୁପ୍ରଭାବ ପଡ଼ିବ ନାହିଁ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି । ଅନ୍ୟପକ୍ଷେ ଏଠାରେ ଖଣି ଖନନ ହେଲେ ସେଠାରେ ରହିଥିବା ଜଙ୍ଗଲ ନଷ୍ଟହେବା ଯୋଗୁ ଗ୍ରୀଷ୍ମଋତୁରେ ଅହେତୁକ ଗରମ ହେବା ନେଇ ପରିବେଶବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି । ସେହିଭଳି ବାଲାପାଡୁ ଅଞ୍ଚଳରେ ବୋହିଯାଉଥିବା ବିଭିନ୍ନ ଚିରସ୍ରୋତା ଝରଣା ଆଗାମୀ ଦିନରେ ଲୋପପାଇଯିବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ଉକ୍ତ ଝରଣା ଯୋଗୁ ଅଞ୍ଚଳବାସୀ ଆମ୍ବ, ପଣସ, ସପୁରି, ତେନ୍ତୁଳି ଆଦି ଚାଷକରି ନିଜ ଜୀବିକା ନିର୍ବାହ କରୁଥିବା କହିଛନ୍ତି । ରାୟଗଡ଼ା ଜିଲା ମୁଖ୍ୟ ଅବବାତନ୍ତ୍ର ବା ଜଳ ନିର୍ଭରଶୀଳ ନାଗାବଳୀ ଓ ଝଞ୍ଜାବତୀ ନଦୀ ସମେତ ବିଭିନ୍ନ ଚିରସ୍ରୋତା ଝରଣା ହୋଇଥିବା ବେଳେ ଉକ୍ତ ରିପୋର୍ଟରେ ପୃଷ୍ଠା ୪ରେ ରଶିକୁଲ୍ୟା ନଦୀ ବୋଲି ଉଲ୍ଲେଖ ରହିଛି । ରଶିକୁଲ୍ୟା ନଦୀ ଗଞ୍ଜାମ ଜିଲାରେ ଅବସ୍ଥିତ । ସେହିପରି ଉକ୍ତ ଅଞ୍ଚଳର ତାପମାତ୍ରା ଗ୍ରୀଷ୍ମଋତୁରେ ୪୫ ଡିଗ୍ରୀ ବୋଲି ରିପୋର୍ଟରେ ଲେଖାଯାଇଥିବା ବେଳେ ଘଞ୍ଚ ବୃକ୍ଷଲତା ଓ ପାହାଡ଼ ପାଇଁ ଗ୍ରୀଷ୍ମଋତୁରେ ମଧ୍ୟ ଲୋକେ ଥଣ୍ଡା ଅନୁଭବ କରନ୍ତି ବୋଲି କହିଛନ୍ତି । ଉକ୍ତ ଅଞ୍ଚଳରେ ବିଭିନ୍ନ ପ୍ରକାର ପଶୁପକ୍ଷୀ ଯଥା ଘରଚଟିଆ, ମାଙ୍କଡ଼, ନେଉଳ, ଠେକୁଆ, ପାରା, କୋଇଲି ସମେତ ଜଳଚର ଜୀବଙ୍କ ମଧ୍ୟରେ ପଲିକିଟି, ହେମିପ୍ଟେରା, କୋଲିଓପ୍ଟେରା, ପ୍ଲେନରିଆ, ହିରୁଡିନିଆ ଆଦି ରହିଛନ୍ତି । ଏଠାକାର ପାହାଡ଼ରୁ ଖଣି ଖନନ ହେଲେ ଜଙ୍ଗଲ ନଷ୍ଟହେବା ସହ ବିଭିନ୍ନ ପ୍ରଜାତିର ପଶୁପକ୍ଷୀ ନିଶ୍ଚିହ୍ନ ହୋଇଯିବା ଆଶଙ୍କା ଦେଖାଦେଇଛି । ଏଥିସହ ବାଲାପାଡୁ ଖଣି ଅଞ୍ଚଳ ନିକଟରେ ବୋହୁଥିବା ଝରଣା ସମେତ ଭୂତଳ ଜଳ ପ୍ରଭାବିତ ହେବା, ପରିବେଶ ପ୍ରଦୂଷଣ ହେବା ସହ ଚାଷ ନଷ୍ଟହେବା ଆଶଙ୍କା ରହିଥିବା ଇରୁକୁବାଡ଼ିର ପୂର୍ବତନ ସମିତି ସଭ୍ୟ ମିନାରାଓ କରକରିଆ, ନାକିଟି ସମିତି ସଭ୍ୟ ଭୂଷଣ ବଡ଼କା, ଇରୁକୁବାଡ଼ି ସମିତି ସଭ୍ୟ ଦୟାନିଧି କଣ୍ଡାଗରି, ସୁଧାକର କରକରା ଓ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ଏ ନେଇ ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବପର ହୋଇପାରିନାହିଁ ।



ଜଙ୍ଗଲରେ ଭରି ରହିଥିବା ବାଲାପାଡୁ ପାହାଡ଼।

# ବ୍ଲକ୍ ଅଧ୍ୟକ୍ଷଙ୍କ ଆର୍ଥିକ କ୍ଷମତା ସଙ୍କୁଚିତକଲେ ସରକାର

ଭୁବନେଶ୍ୱର, ୧୩।୮ (ସୁନିତ୍ ମିଶ୍ର)

- ୨ରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଫାଇଲରେ ଦରକାର ନାହିଁ ବ୍ଲକ୍ ଅଧ୍ୟକ୍ଷଙ୍କ ଦସ୍ତଖତ
- ଭୋଟଠାରୁ ବ୍ଲକ୍ ଚୋରି ଭଳି ପାପ ଏ ସରକାର କରିଛନ୍ତି: ବିଜେଡି
- ପଞ୍ଚାୟତସ୍ତରରେ ସରକାରୀ ଦଳର ସଂଖ୍ୟା କମ୍ ଥିବାରୁ ଏଭଳି ନିଷ୍ପତ୍ତି: କଂଗ୍ରେସ
- ଓଡ଼ିଶାର ବିକାଶ ପାଇଁ ଏଭଳି ନିର୍ଣ୍ଣୟ ନିଆଯାଇଛି: ମନ୍ତ୍ରୀ

ଏଣିକି ୨ରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାମ ଉପରେ ଆଉ ବ୍ଲକ୍ ଅଧ୍ୟକ୍ଷଙ୍କ କାଉଣ୍ଟର ଦସ୍ତଖତ ଦରକାର ନାହିଁ। ୨ରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଯୋଉ କାମ ହେବ ସେହି ଫାଇଲ୍‌ରେ ବିଡିଓ ଦସ୍ତଖତରେ ହେଇଯିବ। ଏହିଭଳି ଭାବେ ବ୍ଲକ୍ ଅଧ୍ୟକ୍ଷଙ୍କ ପାୱାରକୁ ରାଜ୍ୟ ସରକାର ହ୍ରାସ କରିଛନ୍ତି। ଏନେଇ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଏଭଳି ନିଷ୍ପତ୍ତି ପରେ ଅନେକ ସ୍ଥାନରେ ବ୍ଲକ୍ ଅଧ୍ୟକ୍ଷମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବ୍ଲକର ଏଭଳି ଅର୍ଥନୈତିକ କ୍ଷମତାରେ ପରିବର୍ତ୍ତନ ଆସିବା ପରେ ରାଜନୀତି ମଧ୍ୟ ଜୋର୍ ଧରିଛି। ସୂଚନାଯୋଗ୍ୟ, ପୂର୍ବରୁ ୨ରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାର୍ଯ୍ୟରେ ବ୍ଲକ ଅଧ୍ୟକ୍ଷଙ୍କ କାଉଣ୍ଟର ଦସ୍ତଖତର ଆବଶ୍ୟକତା ରହୁଥିଲା। ୨ ଲକ୍ଷରୁ କମ୍ ଟଙ୍କାର ଫାଇଲ୍ ବିଡିଓମାନଙ୍କ ଦସ୍ତଖତରେ ହେଇଯାଉଥିଲା। ଏଣିକି ୨୦ରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାର୍ଯ୍ୟରେ କେବେଳ ବ୍ଲକ ଅଧ୍ୟକ୍ଷମାନଙ୍କ କାଉଣ୍ଟର ଦସ୍ତଖତ ଦରକାର ହେବ। ସରକାରଙ୍କ ଏଭଳି ନିଷ୍ପତ୍ତି ପରେ ବିରୋଧୀ କଡା ଭାଷାରେ ସମାଲୋଚନା କରିଥିବା ବେଳେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଏହାର ଉତ୍ତର ରଖିଛନ୍ତି।

ବିଜେଡି ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, ରାଜ୍ୟର ପ୍ରାୟ ୯୦ ପ୍ରତିଶତ ବ୍ଲକ୍‌ରେ ବିଜେଡି ସମର୍ଥିତ ଅଧ୍ୟକ୍ଷ ରହିଛନ୍ତି। ଏମାନେ ବ୍ଲକ ଅଧ୍ୟକ୍ଷ ଏବଂ ଜିଲା ପରିଷଦ ଅଧ୍ୟକ୍ଷଙ୍କ କ୍ଷମତା ସଙ୍କୁଚିତ କଲେ ଏହା ହତ୍ୟା ନା ଆତ୍ମହତ୍ୟା। ଏମାନେ ଭୋଟ୍ ଠାରୁ ବ୍ଲକ ଚୋରି ପର୍ଯ୍ୟନ୍ତ ଏମାନେ ଯେଉଁ ପାପ କରିଛନ୍ତି ତାକୁ ଧୋଇବା ଲାଗି ଏମାନଙ୍କ ପାଖରେ ସମୟ ନ ଥିବ ବୋଲି ଅରୁଣ କହିଛନ୍ତି।

କଂଗ୍ରେସ ବିଧାୟକ ସି.ଏସ୍. ରାଜନ୍ ଏକ୍କା କହିଛନ୍ତି, ଏବେ ପ୍ରାୟ ଅଧିକାଂଶ ସମିତି, ସରପଞ୍ଚ, ବ୍ଲକ ଅଧ୍ୟକ୍ଷ ଏବଂ ଜିଲ ପରିଷଦରେ ସରକାରୀ ଦଳର କେହି ନାହାନ୍ତି। ସରକାରୀ ଦଳର ସଂଖ୍ୟା ଏସବୁ ଥିରେ ବହୁତ କମ୍ ଥିବାରୁ ସେମାନେ ଏଭଳି ପଦକ୍ଷେପ ନେଉଛନ୍ତି ବୋଲି ରାଜନ୍ କହିଛନ୍ତି।

ମନ୍ତ୍ରୀ ରବି ନାଏକ କହିଛନ୍ତି, ଆଗାମୀ ଦିନରେ ଓଡ଼ିଶାର ଅଧିକ ବିକାଶ ହୋଇପାରିବ ସେଥିଲାଗି ଏଭଳି ନିର୍ଣ୍ଣୟ କରାଯାଇଛି। ଏହାଦ୍ୱାରା କାହା ପ୍ରତି କୁଠାରଘାତ ହେବ ନାହିଁ। ଲୋକ ଏବଂ ଅଞ୍ଚଳର ଉନ୍ନତି ଯେତେବେଳେ ନ ହେବ ସେହି ସମୟରେ ସ୍ୱର ଉଠିଥାଏ ବୋଲି ମନ୍ତ୍ରୀ ନାଏକ କହିଛନ୍ତି।


**ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

**E-auction Notice (19.08.2025-191st & 192nd E-auction)**
**IRON ORE CLO & FINES**

**No.CAD-1435:** The Odisha Mining Corporation Ltd. intends to sell various grades of Iron Ore CLO & Fines produced at Daitari and Gandhamardan Regions (Block-A & B) and Guali, Jilling Langalota, Tiringpahar, Khandbandh, Banspani, Unchabali (Mahaparbat), Roida 'C' & Dubuna- Sekradihi Iron and Manganese Mines of Barbil Region in Keonjhar District and Khandadhar/Kurmitar Mines under Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from **11.00 A.M. to 2.00 P.M. on 19.08.2025.**
For details, please visit the website of MSTC i.e. www.mstcecommerce.com
OIPR-30005/11/0236/2526 — Chief General Manager (S&M)

**GOVERNMENT OF ODISHA** — No.O-851
**OFFICE OF THE SUPERINTENDING ENGINEER, RURAL WORKS DIVISION-II, BHADRAK**
ee_rwbdk2@yahoo.co.in
**"e" Procurement Notice for Road Works**
**Identification Online Tender 07/RWD/BDK-II/2025-26, Dtd.31.07.2025**
1. Name of the Work:- Road Works as per Annexure. 2. Total Number of Works:- 2 No. 3. Approximate Estimated Cost :- Rs.62.89 lakhs - 75.63 lakhs. 4. Class of Contractor:- As per Annexure. 5. Period of Completion:- As per Annexure. 6. Other details:- The details are as follows.

| Procurement Officer | Bid Identification No. | Availability of Tender On-line for bidding | | Last Date & Time of seeking tender clarification | Date & Time of Opening of the Bid | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | |
| Executive Engineer, R.W. Division-II, Bhadrak | 07 | 14.08.2025 At 4.00 P.M. | 25.08.2025 upto 5.00 P.M. | 25.08.2025 upto 3.00 PM | 26.08.2025 at 11.00 AM | Will be intimated later |

**7. Further details can be seen from the e-Procurement portal "https://www.tendersorissa.gov.in"** 8. Any other changes/ Corrigendum may be seen only in website www.tendersorissa.gov.in.
OIPR-25090/11/0026/2526 — Sd./- Executive Engineer, R.W.Division-II, Bhadrak

**OFFICE OF THE SUPERINTENDENT,**
**VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR)**
**No.11777/VIMSAR, Burla Dated the 12th, August, 2025**
**TENDER CALL NOTICE**
**No.E-310** : Sealed Tenders are invited by the undersigned from interested Firms having GST registration for purchase of the condemned materials from this Hospital so as to reach to the office of the Superintendent, VIMSAR, Burla on or before 16.09.2025 up to 5.00 PM which will be opened at 10.30 AM the next working day.
The details of the terms and conditions of the Tender Call Notice can be collected from the office of the Superintendent, VIMSAR, Burla on working days from 10.00 AM to 5.00 PM or can be downloaded from District/ VIMSAR website from the date of the publication of the Tender Call Notice to last date of submission.
Sd./- Superintendent, VIMSAR, Burla
OIPR-10187/11/0042/2526

**boyanika** — No.CAD-1441
**QUOTATION CALL NOTICE**
**No.2188** — **Dt.08.08.2025**
**Name of the work:-** Supply of **Computer Materials & Packing Materials to Odisha State Handloom WCS Ltd, Boyan Bhawan at PJN Marg, Bhubaneswar.** The Quotation call notice issued vide order no.1986 dt.19.07.2025 is hereby cancelled due to unavoidable reasons.
Hence, fresh tender is called for the above purpose. **The last date and time of submission of quotation is 19.08.2025 at 5.00 PM.**
Refer our website- **www.sidacodisha.org.in** for details. All the information in connection with this Quotation Call Notice will be available in this website.
Sd/ G.M–Cum–Secretary, Boyanika
OIPR-31004/11/0117/2526

See Career Appointment on every Wednesday & Saturday

ପୌରପରିଷଦ କାର୍ଯ୍ୟାଳୟ, ଜୟପୁର
**OFFICE OF THE MUNICIPAL COUNCIL: JEYPORE**
Letter No.3473/JM, Date:11 August 2025
**ଭୁଲ୍ ସଂଶୋଧନ ସୂଚନା**
No.C-852:ଜୟପୁର ପୌରସଂସ୍ଥା ପାର୍କଗୁଡିକର ରକ୍ଷଣାବେକ୍ଷଣ ନିମନ୍ତେ ଏହି କାର୍ଯ୍ୟାଳୟ ଚିଠି ସଂଖ୍ୟା ୩୪୦୩ ତାରିଖ ୦୨.୦୮.୨୦୨୫ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଯୁବ ଗୋଷ୍ଠୀମାନଙ୍କଠାରୁ ଇଚ୍ଛାପତ୍ର ଆହ୍ୱାନ କରିଛି । ଏହି ଚିଠିର ୪ ନମ୍ବର ସର୍ତ୍ତରେ ଭୁଲବଶତଃ ଅଫସେଟ ପ୍ରାଇସରୁ କମ ଦର୍ଶାଇଥିଲେ ତାଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ଦର୍ଶାଯାଇଥିଲା ।
ଏହି ଭୁଲ ସଂଶୋଧନ କରି ସୂଚିତ କରାଯାଉଛି ଯେ, ତାହାକୁ **ଅଫସେଟ ପ୍ରାଇସରୁ ଅଧିକ** ବୋଲି ପଢିବେ ।
ଅନ୍ୟ ସମସ୍ତ ସର୍ତ୍ତ ଅପରିବର୍ତ୍ତିତ ରହିଛି ।
ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ, ଜୟପୁର ପୌରପରିଷଦ
OIPR-13079/11/0056/2526

**ODISHA SPACE APPLICATIONS CENTRE (ORSAC)**
(Dept. of Science & Technology, Govt. of Odisha)
Plot No.45/48 (P), Jayadev Vihar, Unit-16, Bhubaneswar-751023
**TENDER NOTICE NO.19/2025**
No.CAD-1432: Sealed tenders are invited from established and accredited Original Equipment Manufacturer (OEM)/ authorized dealers for Supply, Installation & Commissioning of "Signing Solution: Cryptographic Token Based eSign Solution" for Odisha Space Applications Centre, Bhubaneswar
For details, please visit Website https://orsac.odisha.gov.in and in the above office for the tender papers.
OIPR-28007/11/0021/2526 — Sd./- CHIEF EXECUTIVE

**ODISHA PUBLIC SERVICE COMMISSION CUTTACK**
**NOTICE**
**No. 5797/P.S.C., Dt. 12.08.2025**
**(IE-03-2025/26) (DR-II)**
Website - http://www.opsc.gov.in
**No.D-172** : It is for information of all concerned that the Written Examination for recruitment to the posts of **Assistant Professor (Board Speciality)**, under Health & Family Welfare Department in pursuant to Advertisement No. 03 of 2025-26 scheduled on **17.08.2025 is hereby postponed** in view of intimation received from Health and Family Welfare Department, Govt. of Odisha.
The revised date of the Examination will be notified very shortly. Candidates are advised to visit the website of the Commission regularly for further updates.
OIPR-12002/11/0290/2526 — Sd./- Secretary

